ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୧୭/୨୦୨୨ (୧୨ ପୃଷ୍ଠା) | Sambalpur, Monday, January 17/2022 | ★★

୧୮ଶ ଭାଗ ୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





ୟୁପିର ଆଲିଗଡ଼ ଜିଲା ଚର୍ରା ଆସନରେ ପୂର୍ବତନ ବିଧାୟକ ଜାଫର ଆଲାମଙ୍କୁ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ପ୍ରାର୍ଥୀ କରିଛି। ଗତ ୫ ବର୍ଷ ଧରି ଏସ୍‌ପିରୁ ପ୍ରାର୍ଥୀ ହେବା ପାଇଁ ଆଶା କରିଥିବା ଆଦିତ୍ୟ ଠାକୁରଙ୍କୁ ଟିକେଟ ନ ମିଳିବାରୁ ସେ ରବିବାର ଲକ୍ଷ୍ନୌସ୍ଥିତ ଦଳର ମୁଖ୍ୟାଳୟ ଆଗରେ ପୂର୍ବାହ୍ନ ୧୧ଟାରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତେବେ ପୋଲିସ କର୍ମଚାରୀମାନେ ଆଦିତ୍ୟଙ୍କୁ କାବୁ କରିନେଇଛନ୍ତି।

# ପ୍ରାର୍ଥୀଙ୍କ ଭରସା ଡିଜିଟାଲ ପ୍ରଚାର

ଭୁବନେଶ୍ୱର, ୧୬।୧(ବ୍ୟୁରୋ)



**ପଞ୍ଚାୟତ ନିର୍ବାଚନ**

- ଭିଡିଓ, ପୋଷ୍ଟର ମାଧ୍ୟମରେ ଲୋକଙ୍କ ପାଖକୁ ଯିବ ଭାଜପା
- ଡିଜିଟାଲ ରାଲି ପାଇଁ ଯୋଜନା କରିଛି କଂଗ୍ରେସ
- ଲୋକାଭିମୁଖୀ କାର୍ଯ୍ୟଗୁଡ଼ିକୁ ନେଇ ବିଜେଡି ମଇଦାନକୁ ଓହ୍ଲାଇବ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସବୁ ରାଜନୈତିକ ଦଳ ଲଢ଼େଇ ପାଇଁ ପ୍ରସ୍ତୁତ ହୋଇସାରିଛନ୍ତି। ସୋମବାରଠାରୁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହେଉଥିବାବେଳେ ପ୍ରାର୍ଥୀ ଚୟନକୁ ନେଇ ବିଭିନ୍ନ ଦଳରେ ରହିଥିବା ଅଡୁଆ ସଜାଡ଼ିବାରେ ନେତାମାନେ ଲାଗିପଡ଼ିଛନ୍ତି। ଏପରିସ୍ଥିତିରେ ନିର୍ବାଚନ ଆୟୋଗଙ୍କ କରୋନା କଟକଣା ନେତା ଓ ପ୍ରାର୍ଥୀଙ୍କ ପାଇଁ ବଡ଼ ବାଧକ ସାଜିଛି। ଭୋଟରଙ୍କୁ ଆକୃଷ୍ଟ କରିବାରେ ପ୍ରଚାର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହେଲେ ଏଥର ରୋଡ୍ ଶୋ, ରାଲି, ସଭା ଓ ସମାବେଶ ବାରଣ କରାଯାଇଥିବାବେଳେ ପ୍ରଥମଥର ଲାଗି ଡିଜିଟାଲ/ଭର୍ଚୁଆଲ/ମିଡିଆ/ମୋବାଇଲ୍ ମାଧ୍ୟମରେ ପ୍ରଚାର କରିବା ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି କେବଳ ପ୍ରାର୍ଥୀଙ୍କୁ ମିଶାଇ ସର୍ବାଧିକ ୫ଜଣ ବ୍ୟକ୍ତି ଘରକୁ ଘର ବୁଲି ପ୍ରଚାର କରିବାକୁ ଅନୁମତି ରହିଛି। ଏପରିସ୍ଥିତିରେ ଡିଜିଟାଲ ପ୍ରଚାର ପ୍ରାର୍ଥୀଙ୍କ ପାଇଁ ଶେଷ ଭରସା ହୋଇଛି। ଇତିମଧ୍ୟରେ ନିଜ ପ୍ରାର୍ଥୀଙ୍କ ପାଇଁ ରାଜନୈତିକ ଦଳ ଓ କର୍ମୀ ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର ଲଢ଼େଇ ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ବିଜେଡି, କଂଗ୍ରେସ, ଭାଜପା ଭଳି ପ୍ରମୁଖ ରାଜନୈତିକ ଦଳ ଭିନ୍ନ ଭିନ୍ନ ରଣକୌଶଳ ପ୍ରସ୍ତୁତ କରିବା ସହ ଡିଜିଟାଲ ପ୍ଲାଟ୍‌ଫର୍ମ ଓ ସୋସିଆଲ ମିଡିଆ ସେଲ୍‌କୁ ଆହୁରି ସକ୍ରିୟ କରିଛନ୍ତି। ଭାଜପା ବିଜେଡି ସରକାରଙ୍କ ବିଫଳତା ଓ କେନ୍ଦ୍ରର ସଫଳତାକୁ ନେଇ ରାଜ୍ୟବାସୀଙ୍କ ନିକଟକୁ ଯିବାପାଇଁ ସ୍ଥିର କରିଥିବାବେଳେ ଏଥିପାଇଁ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରିଛି। ସେହିପରି କଂଗ୍ରେସ ତା' ଡିଜିଟାଲ ଟିମ୍ ମାଧ୍ୟମରେ ବୁଥ୍ ସ୍ତରରେ ପହଞ୍ଚିବା ପାଇଁ ଚେଷ୍ଟା ଜାରି ରଖିଛି। ଏକ୍ଷେତ୍ରରେ ଯୁବ ଓ ଛାତ୍ର କଂଗ୍ରେସର ନେତୃତ୍ୱ ତଥା ସହଯୋଗ ତୃଣମୂଳ ସ୍ତରରେ ପ୍ରତିଫଳିତ ହେବ ବୋଲି କଂଗ୍ରେସ ଆଶା ବାନ୍ଧି ବସିଛି। ଏପଟେ ରାଜ୍ୟରେ ଶାସନାଧୀନ ବିଜୁ ଜନତା ଦଳ ମଧ୍ୟ ଛାତ୍ର ଓ ଯୁବ ବିଜେଡି କର୍ମୀଙ୍କୁ ନେଇ ଡିଜିଟାଲ ପ୍ରଚାରକୁ ଜୋର୍‌ଦାର କରିବ ବୋଲି ଜଣାପଡ଼ିଛି। ପ୍ରଚାର ରଣକୌଶଳ ସମ୍ପର୍କରେ ଭାଜପା ମୁଖପାତ୍ର ଗୋଲୋକ ମହାପାତ୍ର କହିଛନ୍ତି, ଆମେ ଯେଉଁ କଥା ରାଲି ଓ ସଭାସମିତି ମାଧ୍ୟମରେ ପ୍ରଚାର କରିଥାନ୍ତୁ, ତାହା ଡିଜିଟାଲ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇବୁ। ଛୋଟ ଭିଡିଓ, ପୋଷ୍ଟର




ପ୍ରଚାରକୁ ଗୁରୁତ୍ୱ ଦେବୁ। ଏଥିସହ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ଏହା ମାଧ୍ୟମରେ ନିର୍ବାଚନ ମଣ୍ଡଳୀ, ଜାତୀୟ ପରିଚାଳନା ସହ ସମସ୍ତ ୩୦ ଜିଲାର ଜୋନ୍ ସହିତ ସମ୍ପର୍କ ରହିଛି। ଯାହାସବୁ ସୁବିଧା ଅସୁବିଧା ହେଉଛି ତାହାକୁ ଟେଲିଫୋନ୍ ମାଧ୍ୟମରେ ଗ୍ରହଣ କରି ସମାଧାନ କରାଯାଉଛି ବୋଲି ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ସାମାଜିକ ଗଣମାଧ୍ୟମ ସେଲ୍ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ କହିଛନ୍ତି, ଆଗାମୀ ନିର୍ବାଚନ ପାଇଁ କଂଗ୍ରେସ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ ରହିଛି। ରାଜ୍ୟସ୍ତରୀୟ, ଜିଲା ଓ ବୁଥ ସ୍ତରରେ ମଧ୍ୟ ପ୍ରଚାର ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଆମେ ସାମାଜିକ ଗଣମାଧ୍ୟମ ହ୍ୱାଟ୍‌ସ ଆପ୍, ଫେସବୁକ୍, ଟୁଇଟର, ଟେଲିଗ୍ରାମ କ୍ୟାମ୍ପେନିଂକୁ ଜୋର୍‌ଦାର କରିବୁ। ଡିଜିଟାଲ ରାଲି ପାଇଁ ମଧ୍ୟ ଯୋଜନା କରାଯାଇଛି। ଏଥିରେ ଛାତ୍ର ଓ ଯୁବ କଂଗ୍ରେସର ସହଯୋଗ ରହିଛି। ସେହିପରି ବିଜେଡି ମୁଖପାତ୍ର ଅମର ପଟ୍ଟନାୟକ କହିଛନ୍ତି, ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚଳିତ ନିର୍ବାଚନ ରଣକ୍ଷେତ୍ର ପ୍ରସ୍ତୁତ ହେଉଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ଲୋକାଭିମୁଖୀ କାର୍ଯ୍ୟଗୁଡ଼ିକୁ ନେଇ ଡିଜିଟାଲ ହେଉ ଅବା ବ୍ୟକ୍ତିଗତ ଘରକୁ ଘର ବୁଲି ପ୍ରଚାର କରାଯିବ। ଡିଜିଟାଲ ପ୍ରଚାର ପାଇଁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ଗ୍ରୁପ୍‌ମାନ ଖୋଲା ଯାଇଛି। ତାହା ଦଳୀୟ ରଣନୀତି ଓ ନିର୍ଦ୍ଦେଶ ମାଧ୍ୟମରେ ପରିଚାଳିତ ହେବ। ପ୍ରଚାରରେ ଯୁବ କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ହେଲେ ଉପାନ୍ତ ଅଞ୍ଚଳ, ଯେଉଁଠି ଇଣ୍ଟରନେଟ୍ ସୁବିଧା ନାହିଁ ଅବା ଲୋକଙ୍କ ପାଖରେ ବିକଶିତ ମୋବାଇଲ୍ ଫୋନ୍ ନାହିଁ, ସେଠାରେ କିପରି ପ୍ରଚାର କରାଯିବ, ତାହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ସମସ୍ୟାରେ ପଡ଼ିଛନ୍ତି। ତେଣୁ ରାଲି ନ ହେଲେ ମଧ୍ୟ ଘରକୁ ଘର ବୁଲି ପ୍ରଚାର କରିବା ଭଳି ପନ୍ଥାକୁ ଆପଣାଇପାରନ୍ତି। ତେବେ ଯେପରି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଉଲ୍ଲଂଘନ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।



ଲକ୍ଷ୍ନୌସ୍ଥିତ ଏସ୍‌ପି କାର୍ଯ୍ୟାଳୟରେ ଅଧ୍ୟକ୍ଷ ଅଖିଳେଶ ଯାଦବ ଦାରା ସିଂ ଚୌହାନଙ୍କୁ ଲାଲ ଟୋପି ପିନ୍ଧାଇ ସ୍ୱାଗତ କରୁଛନ୍ତି।

## ଏସ୍‌ପିରେ ମିଶିଲେ ଦାରା ସିଂ ଚୌହାନ

ଲକ୍ଷ୍ନୌ, ୧୬।୧

ନିକଟରେ ଉତ୍ତର ପ୍ରଦେଶର ଯୋଗୀ କ୍ୟାବିନେଟରୁ ଇସ୍ତଫା ଦେଇ ଭାଜପା ଛାଡ଼ିଥିବା ଦାରା ସିଂ ଚୌହାନ ରବିବାର ସମାଜବାଦୀ ପାର୍ଟିରେ ଯୋଗଦେଇଛନ୍ତି। ଦାରା ସିଂ କହିଛନ୍ତି, ଭାଜପା 'ସବ୍‌କା ସାଥ୍ ସବ୍‌କା ବିକାଶ' ସ୍ଲୋଗାନ ଦେଇ ୨୦୧୭ରେ କ୍ଷମତାକୁ ଆସିଥିଲା। କିନ୍ତୁ ସମସ୍ତଙ୍କ ସମର୍ଥନ ନେଇଥିବା ଗୈରିକ ଦଳ ଲୋକଙ୍କ ବିକାଶ କଥା ଭୁଲିଗଲା। କେବଳ ନିର୍ଦ୍ଦିଷ୍ଟ ଅଳ୍ପ କେତେଜଣ ବ୍ୟକ୍ତି ଏହି ସରକାରଠାରୁ ସୁବିଧା ପାଇଛନ୍ତି। ପ୍ରକାଶ ଯେ, ନିର୍ବାଚନ କମିଶନ ୟୁପିରେ ଫେବୃୟାରୀ ୧୦ରୁ ମାର୍ଚ୍ଚ ୭ ମଧ୍ୟରେ ୭ ପର୍ଯ୍ୟାୟରେ ମତଦାନ କରାଯିବ ବୋଲି ଘୋଷଣା କରିବା ପରଠାରୁ ଭାଜପାରୁ ମନ୍ତ୍ରୀ ଓ ବିଧାୟକଙ୍କ ଇସ୍ତଫା ସୁଅ ଛୁଟିବାରେ ଲାଗିଛି। ଏସ୍‌ପିରେ ସାମିଲ ହେବାରେ ଦାରା ସିଂ ହେଉଛନ୍ତି ତୃତୀୟ ପୂର୍ବତନ ମନ୍ତ୍ରୀ।

# ବିଦ୍ରୋହୀ ସାଜିଲେ ମୁଖ୍ୟମନ୍ତ୍ରୀଙ୍କ ଭାଇ

ଚଣ୍ଡିଗଡ଼, ୧୬।୧

- ଚନ୍ନିଙ୍କ ଭାଇଙ୍କୁ ଟିକେଟ ଦେଲାନି କଂଗ୍ରେସ
- ସ୍ୱାଧୀନ ପ୍ରାର୍ଥୀ ହେବେ ମନୋହର ସିଂ

'ଗୋଟିଏ ପରିବାର ଗୋଟିଏ ଟିକେଟ' ନିୟମ ଯୋଗୁ ପଞ୍ଜାବ କଂଗ୍ରେସରେ ବିଦ୍ରୋହ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ ଡାକ୍ତର ଭାଇ ମନୋହର ସିଂଙ୍କୁ ଦଳ ତାଙ୍କ ପରିବାରର ପାରମ୍ପରିକ ଆସନ ବସ୍ସି ପଠାନାରୁ ଟିକେଟ ଦେଇନାହିଁ। ଚନ୍ନି ତାଙ୍କୁ ଏହି ଅସନରୁ ନିର୍ବାଚନ ଲଢ଼ାଇବାକୁ ଚାହୁଁଥିଲେ। ଏଥିପାଇଁ ଖରାର ସିଭିଲ ହସ୍ପିଟାଲରେ ଡାକ୍ତର ଥିବା ମନୋହର ଗତ ଅଗଷ୍ଟରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ନିକଟରେ ଟିକେଟ ଆବେଦନ କରିଥିଲେ। କିନ୍ତୁ ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିପିସିସି) ସଭାପତି ନବଜୋତ୍ ସିଂ ସିଦ୍ଧୁ ତାଙ୍କ ଟିକେଟ କାଟିଦେଇଥିବାରୁ ମନୋହର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଉକ୍ତ ଆସନରୁ ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। କେବଳ ଏତିକି ନୁହେଁ, ମନ୍‌ସା, ମୋଗା, ମଲୋଟ ସମେତ ଅନେକ ନିର୍ବାଚନମଣ୍ଡଳୀରେ ଆଶାୟୀଙ୍କୁ ଟିକେଟ ମିଳି ନ ଥିବାରୁ ପଞ୍ଜାବ କଂଗ୍ରେସ ଆଉ ଏକ ବିଦ୍ରୋହକୁ ସାମ୍ନା କରିପାରେ ବୋଲି କୁହାଯାଉଛି।

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପଟେନ ଅମରିନ୍ଦର ସିଂ ଅପମାନିତ ହୋଇ କଂଗ୍ରେସ ଛାଡ଼ିବା ପରେ ରାଜ୍ୟ ବିଧାନସଭାର ୧୧୭ ଆସନରେ ଫେବୃୟାରୀ ୧୪ରେ ନିର୍ବାଚନ ହେବାକୁ ଯାଉଛି। ସେତେବେଳେ ଅମରିନ୍ଦର ଯେଉଁ ସିଦ୍ଧୁଙ୍କ ଯୋଗୁ ଅଲଗା ହୋଇ ପଞ୍ଜାବ ଲୋକ କଂଗ୍ରେସ ନାମରେ ନୂଆ ଦଳ ଗଢ଼ିଛନ୍ତି ସେହି ସିଦ୍ଧୁଙ୍କ କାର୍ଯ୍ୟ ଏବେ କଂଗ୍ରେସରେ ଆଉ ଏକ ଫାଟ ସୃଷ୍ଟି କରିଛି। ଶନିବାର ପ୍ରଥମ ପର୍ଯ୍ୟାୟରେ ୮୬ ଜଣିଆ ପ୍ରାର୍ଥୀ ତାଲିକା ଜାରି ହୋଇଥିବାବେଳେ ଭିଆର୍‌ଏସ୍ ନେଇଥିବା ଡାକ୍ତର ମନୋହର ସିଂଙ୍କୁ ବସ୍ସି ପଠାନା ଆସନରୁ ଟକେଟ ମିଳିନାହିଁ। ଏଠାରେ ସ୍ଥାନୀୟ ବିଧାୟକ ଗୁର୍‌ପ୍ରୀତ୍ ସିଂ ଜିପିଙ୍କୁ ଦଳ ପ୍ରାର୍ଥୀ କରିଛି। ମନୋହର ସିଂ କଂଗ୍ରେସର ଏହି ନିଷ୍ପତ୍ତିକୁ ଲୋକଙ୍କ ପ୍ରତି ଅନ୍ୟାୟ ରୂପେ ଅଭିହିତ କରିଛନ୍ତି। ମତଦାତାଙ୍କ ଅନୁରୋଧ କ୍ରମେ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ଓ ନିଶ୍ଚୟ ବିଜୟୀ ହେବେ ବୋଲି ମନୋହର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିଲାଗି ସେ ଜନସମ୍ପର୍କ ଅଭିଯାନ ଚଳାଇଛନ୍ତି। ତେବେ ଏନେଇ ମୁଖ୍ୟମନ୍ତ୍ରୀ ଚନ୍ନିଙ୍କ ପ୍ରତିକ୍ରିୟା ଆସିନାହିଁ।



ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ ଭାଇ ମନୋହର ସିଂ।




## ହସ୍ତିନାପୁର ଲଢ଼େଇ ପାଇଁ ପ୍ରସ୍ତୁତ

ଲକ୍ଷ୍ନୌ, ୧୬।୧

ୟୁପି ବିଧାନସଭା ନିର୍ବାଚନରେ ଅଭିନେତ୍ରୀ ତଥା ମଡେଲ ଅର୍ଚ୍ଚନା ଗୌତମଙ୍କୁ ହସ୍ତିନାପୁର ଆସନରୁ କଂଗ୍ରେସ ପ୍ରାର୍ଥୀ କରିବା ପରେ ବିବାଦ ସୃଷ୍ଟି ହୋଇଛି। ତାଙ୍କ ପ୍ରାର୍ଥିତ୍ୱକୁ ହିନ୍ଦୁ ମହାସଭା ସମେତ କେତେକ ହିନ୍ଦୁବାଦୀ ସଙ୍ଗଠନ ବିରୋଧ କରିଛନ୍ତି। କଂଗ୍ରେସ ଶସ୍ତା ଲୋକପ୍ରିୟତା ହାସଲ କରି ଭୋଟ ଜିତିବା ପାଇଁ ବିକିନି ମଡେଲ ଅର୍ଚ୍ଚନାଙ୍କୁ ମଇଦାନରେ ଓହ୍ଲାଇଥିବା ଭାଜପା ସମାଲୋଚନା କରିଥିବା ବେଳେ କଂଗ୍ରେସ ଜଣେ କଳାକାରଙ୍କୁ ରାଜନୀତିରେ ସୁଯୋଗ ଦେଇଥିବା କହିଛି। ୨୬ ବର୍ଷୀୟା ଅର୍ଚ୍ଚନା କହିଛନ୍ତି, ତାଙ୍କ ବୃତ୍ତିକୁ ରାଜନୈତିକ କ୍ୟାରିୟର ସହ ମିଶାଇ ଦେଖା ନ ଯାଉ। ଭାଜପାର ବାହୁବଳକୁ ସେ ଭୟ କରନ୍ତି ନାହିଁ। ହସ୍ତିନାପୁର ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ।






# ମେୟର ପାଇଁ ଆଶାୟୀଙ୍କ ଭିଡ଼

ସିଏମ୍‌ସି ରାଜନୀତି

କଟକ ଅଫିସ, ୧୬।୧

କଟକ ମହାନଗର ନିଗମ(ସିଏମ୍‌ସି)ର ମେୟର ପଦବୀ ଅସଂରକ୍ଷିତ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠା ପ୍ରକାଶ ପାଇଛି। ଏହି ଖବର ଜଣାପଡିବା ପରେ ସହରବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଗୋଟିଏ ପଟେ କର୍ପୋରେଟର ପାଇଁ ଆଶାୟୀମାନେ ନିଜ ଦଳର ନେତାଙ୍କ ପାଖକୁ ବାରମ୍ବାର ଯାଉଥିବାବେଳେ ଅନ୍ୟପଟେ ମେୟର ପଦ ପାଇଁ ଆଶାୟୀମାନେ ବିଭିନ୍ନ ଦଳର ନେତୃତ୍ୱଙ୍କ ନିକଟରେ ପହଞ୍ଚି ଲବି କରୁଥିବା ଜଣାପଡିଛି। ମେୟର ପ୍ରାର୍ଥୀଙ୍କୁ ଜିତାଇବାକୁ କଂଗ୍ରେସର ଜଣେ ନେତୃତ୍ୱ ନେଉଥିବାବେଳେ ବିଜେଡି ଓ ଭାଜପାରେ ଏକାଧିକ ନେତୃତ୍ୱ ନେଉଥିବା କୁହାଯାଉଛି।

୫୯ଟି ୱାର୍ଡକୁ ନେଇ ସିଏମ୍‌ସି ଗଠିତ। ୨୦୧୪ ନିର୍ବାଚନରେ କଂଗ୍ରେସ ୧୦, ଭାଜପା ୪ ୱାର୍ଡ ହାତେଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୧୦ଟି ୱାର୍ଡ ନିଜ ଦଖଲକୁ ନେଇଥିଲେ। ୩୫ଟି ୱାର୍ଡରେ ବିଜେଡି ପ୍ରାର୍ଥୀ ଜିତିବା ପରେ ଦଳୀୟ ପ୍ରାର୍ଥୀ ଅନୀତା ବେହେରା ମେୟର ହୋଇଥିଲେ। ପରେ ଏକ ବିବାଦୀୟ ପରିସ୍ଥିତିରେ ଦଳର ଅନ୍ୟତମ କର୍ପୋରେଟର ମୀନାକ୍ଷୀ ବେହେରାଙ୍କୁ ଦଳ ମେୟର ପଦରେ ବସାଇଥିଲା।

ସିଏମ୍‌ସି ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଛି। ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ଅଧୀନରେ ସର୍ବାଧିକ ୩୨ ୱାର୍ଡ, କଟକ ସଦର ନିର୍ବାଚନ ମଣ୍ଡଳୀରେ ୬ ଓ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ୨୧ଟି ୱାର୍ଡ ରହିଛି। ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ବିଧାୟକ ଜିତିଥିବାବେଳେ କଟକ ସଦର ଓ ଚୌଦ୍ୱାର-କଟକରେ ବିଜେଡିର ବିଧାୟକ ରହିଛନ୍ତି। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ, ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ସମୁଦାୟ ମହାନଗର ନିଗମ ନିର୍ବାଚନକୁ ନିଜେ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଛି। ସେ ଦୈନିକ ନିଜ ବାସଭବନସ୍ଥିତ ପାର୍ଟି କାର୍ଯ୍ୟାଳୟରେ ପ୍ରତି ୱାର୍ଡର କର୍ମୀମାନଙ୍କୁ ନେଇ ଘନ ଘନ ବୈଠକ ଚଳାଇଛନ୍ତି। ମେୟର ପଦବୀ ସହ ଅଧିକ ସଂଖ୍ୟକ କର୍ପୋରେଟର ଜିତାଇବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି। କଂଗ୍ରେସ ପକ୍ଷରୁ ମେୟର ପଦବୀ ପାଇଁ ପୂର୍ବତନ କର୍ପୋରେଟର ତଥା ବର୍ତ୍ତମାନର ନଗର(ଜିଲା) କଂଗ୍ରେସ କମିଟି ସଭାନେତ୍ରୀ ଗିରିବାଳା ବେହେରାଙ୍କ ନାମ ଆଗରେ ରହିଛି।

ବିଜେଡିରେ କିନ୍ତୁ ସିଏମ୍‌ସି ନିର୍ବାଚନ ପାଇଁ ଜଣେ ମୁଖ୍ୟ ନେତା ନାହାନ୍ତି। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ବାପା ପ୍ରଭାତ ବିଶ୍ୱାଳ ନିର୍ବାଚନ ମଙ୍ଗ ଧରିବାକୁ ପ୍ରସ୍ତୁତ ହେଉଛନ୍ତି। ତେବେ ବିଜେଡି କ୍ୟାମ୍ପରୁ କିଏ ମେୟର ପ୍ରାର୍ଥୀ ହେବ ତାହା ଜଣାପଡି ନ ଥିବାବେଳେ ଅନେକଙ୍କ ନାମ ଶୁଣିବାକୁ ମିଳୁଛି। ସେମାନଙ୍କ ମଧ୍ୟରେ ବିଜେଡିର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମ୍ପର୍କୀୟ ଅରିନ୍ଦମ ରାୟ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ଅନ୍ୟତମ।

ଅନ୍ୟପକ୍ଷରେ ଭାଜପା ପକ୍ଷରୁ ୩ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀମାନେ ମିଳିତଭାବେ ମହାନଗର ନିର୍ବାଚନର ନେତୃତ୍ୱ ନେବେ। ପୂର୍ବତନ ମନ୍ତ୍ରୀ ସମୀର ଦେ, ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ନୟନ ମହାନ୍ତି ଓ କଟକ ସଦର ବିଧାୟକ ପ୍ରାର୍ଥୀ ଦିଲୀପ ମଲ୍ଲିକ ନିର୍ବାଚନ ପରିଚାଳନା କରିବାକୁ ପ୍ରସ୍ତୁତ ହେଉଛନ୍ତି। ଦଳ ପକ୍ଷରୁ ମେୟର ପଦବୀ ପାଇଁ ଦଳର ବରିଷ୍ଠ ନେତା ବିନୋଦ ଦାସ ଓ ଅଭିନେତାରୁ ନେତା ହୋଇଥିବା ଶ୍ରୀତମ ଦାସଙ୍କ ନାଁ ଉଠୁଛି। ତେବେ ଏହା ମଧ୍ୟରେ ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସ ମେୟର ପଦବୀ ପାଇଁ ଅଣ୍ଟା ଭିଡିଲେଣି। ସହରସାରା ଶୁଭେଚ୍ଛା ବାର୍ତ୍ତାରେ ହୋର୍ଡିଂ ବିଛାଇ ଦେଇଛନ୍ତି। ତାଙ୍କୁ ଦଳ ପ୍ରାର୍ଥୀ ନ କଲେ ନିଜେ ସ୍ୱାଧୀନଭାବେ ଲଢିବେ ବୋଲି କହି ବୁଲୁଛନ୍ତି। ତେବେ ୩ ପ୍ରମୁଖ ଦଳରୁ କିଏ ମେୟର ଟିକେଟ ହାତଉଛି ଓ ପରେ ମେୟର ଚୌକିରେ ବସୁଛି, ତାହା ସମୟ ହିଁ କହିବ।

# ଧରିତ୍ରୀ
DHARITRI

ସୋମବାର, ଜାନୁୟାରୀ ୧୭/୨୦୨୨ | Monday, January 17/2022 | ପୃଷ୍ଠା-୧




**ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ଲକ୍ଷ୍ୟ ସେନ୍**
ଭାରତର ଲକ୍ଷ୍ୟ ସେନ୍ ବିଶ୍ୱ ଚାମ୍ପିୟନ ସିଙ୍ଗାପୁରର ଲୋ କିନ୍ ୟେଙ୍କୁ ହରାଇ ୟୋନେକ୍ସ-ସନରାଇଜ୍ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତିଛନ୍ତି।
୦୬

୦୫
**ମଡେଲିଂରୁ ବଲିଉଡ୍ ଯାତ୍ରା**
୩୭ ବର୍ଷ ବୟସରେ ପାଦ ଥାପିଥିବା ବଲିଉଡର ହାଣ୍ଡସମ୍ ବୟ ସିଦ୍ଧାର୍ଥ ମଲହୋତ୍ରା ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିଲେ।



# ଓଡ଼ିଶାରେ ସର୍ବାଧିକ କୋଭିଡ୍ ଅନାଥ

***ଘାତକ କରୋନା ଭୂତାଣୁ ସାରା ଦେଶର ପିଲାଙ୍କ ପାଠପଢ଼ାରେ ଏକପ୍ରକାର ଡୋରି ବାନ୍ଧିବା ସହ ସେମାନଙ୍କ ଶୈଶବ ମଧ ଉଜାଡ଼ିଦେଇଛି। ମହାମାରୀରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି ଓଡ଼ିଶାର ଶିଶୁ। ଆମ ରାଜ୍ୟରେ ମାସକୁ ପ୍ରାୟ ୨୭୧୨ ଶିଶୁଙ୍କୁ ଅନାଥ କରିଚାଲିଛି କୋଭିଡ୍-୧୯। ଗତ ୯ ମାସ ଭିତରେ ଏହା ୨୪,୪୦୫ ପିଲାଙ୍କଠାରୁ ସେମାନଙ୍କ ମା'ବାପାଙ୍କୁ ଛଡ଼ାଇନେଇଛି। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସୁପ୍ରିମକୋର୍ଟରେ ସଦ୍ୟ ଦାଖଲ କରିଥିବା ସତ୍ୟପାଠରୁ ଏହି ଉଦ୍‌ବେଗଜନକ ବିଷୟ ପ୍ରଘଟ ହୋଇଛି। ସବୁ ମାମଲା ହିସାବକୁ ନେଲେ ହୁଏତ ପ୍ରକୃତ ସଂଖ୍ୟା ଏହାଠାରୁ ଆହୁରି ଅଧିକ ହୋଇପାରେ।***

**ନୂଆଦିଲ୍ଲୀ,୧୬।୧**

ମହାମାରୀ କରୋନା ୨୦୨୦ ଏପ୍ରିଲ ୧ରୁ ଅଦ୍ୟାବଧି ୧,୪୭,୪୯୨ ଶିଶୁଙ୍କୁ ଅନାଥ କରିଛି। ସେମାନଙ୍କ ମଧ୍ୟରୁ ଓଡ଼ିଶାର ସର୍ବାଧିକ ୨୪,୪୦୫ ପିଲା କୋଭିଡ୍-୧୯ ଯୋଗୁ ନିଜ ମା' କିମ୍ବା ବାପା ଅଥବା ଉଭୟଙ୍କୁ ହରାଇଥିବା ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଅବଗତ କରାଇଛନ୍ତି।

କୋଭିଡ୍-୧୯ ମହାମାରୀ ସମୟରେ ମାତାପିତାଙ୍କୁ ହରାଇଥିବା ଶିଶୁଙ୍କ ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ସମ୍ପର୍କିତ ପ୍ରସଙ୍ଗରେ ସୁପ୍ରିମକୋର୍ଟ ନିଜଆଡୁ ମାମଲାର ଶୁଣାଣି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପକ୍ଷରୁ 'ବାଲ୍ ସ୍ୱରାଜ ପୋର୍ଟାଲ-କୋଭିଡ୍ କେୟାର'ରେ ଜାନୁୟାରୀ ୧୧ ପର୍ଯ୍ୟନ୍ତ ଅପ୍‌ଲୋଡ୍ କରାଯାଇଥିବା ତଥ୍ୟକୁ ଭିତ୍ତିକରି ଏନ୍‌ସିପିସିଆର୍ ଆଇନଜୀବୀ ସ୍ୱରୂପମା ଚତୁର୍ବେଦୀ ସର୍ବୋଚ୍ଚ ଅଦାଲତରେ ଦାଖଲ କରିଥିବା ସତ୍ୟପାଠରେ ଉପରୋକ୍ତ ତଥ୍ୟ ଉଲ୍ଲେଖ କରିଛନ୍ତି। କୋଭିଡ୍ ଯୋଗୁ ଅନାଥ ହୋଇଥିବା ଶିଶୁଙ୍କ ରାଜ୍ୟ ୱାରି ସଂଖ୍ୟାକୁ ଦେଖିଲେ ଏହି କ୍ଷେତ୍ରରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ସର୍ବାଗ୍ରେ ରହିଛି। ୨୦୨୦ ଏପ୍ରିଲରୁ କୋଭିଡ୍ ସଂକ୍ରମଣ ଓ ଅନ୍ୟାନ୍ୟ କାରଣରୁ ଓଡ଼ିଶାର ସର୍ବାଧିକ ୨୪,୪୦୫ ଶିଶୁ ଅନାଥ ହୋଇଛନ୍ତି। ଓଡ଼ିଶା ତଳକୁ ମହାରାଷ୍ଟ୍ର ରହିଛି, ଯେଉଁଠି ୧୯,୬୨୩ ଶିଶୁ ଅନାଥ ହୋଇଛନ୍ତି। ଏହି ଅବଧି ମଧ୍ୟରେ ଗୁଜରାଟର ୧୪,୭୭୦, ତାମିଲନାଡୁ ୧୧,୦୧୪, ଉତ୍ତର ପ୍ରଦେଶ ୯,୨୪୭, ଆନ୍ଧ୍ର ପ୍ରଦେଶ ୮,୭୬୦, ମଧ୍ୟପ୍ରଦେଶ ୭,୩୪୦, ପଶ୍ଚିମବଙ୍ଗ ୬,୮୩୫, ଦିଲ୍ଲୀ ୬,୬୨୯ ଏବଂ ରାଜସ୍ଥାନର ୬,୮୨୭ ଶିଶୁଙ୍କଠାରୁ ମହାମାରୀ ସେମାନଙ୍କ ମାତାପିତାଙ୍କୁ ଛଡ଼ାଇନେଇଛି। ମହାମାରୀରେ ଶିଶୁମାନେ ଯେପରି ପ୍ରଭାବିତ



ପ୍ରତୀକାତ୍ମକ ଫଟୋ

ନ ହେବେ ତାହା ସୁନିଶ୍ଚିତ କରିବା ଦିଗରେ ଏନ୍‌ସିପିସିଆର୍ ପଦକ୍ଷେପ ନେଉଥିବା ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଛନ୍ତି। ମହାମାରୀ ପ୍ରଭାବରୁ ପିଲାଙ୍କୁ ଦୂରେଇ ରଖିବା ନିମନ୍ତେ ଏନ୍‌ସିପିସିଆର୍ ପ୍ରତ୍ୟେକ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଏସ୍‌ସିପିସିଆର୍)ଙ୍କ ସହ ଭର୍ଚୁଆଲ ବୈଠକ କରୁଛନ୍ତି। ମହାମାରୀର ସମ୍ଭାବ୍ୟ ତୃତୀୟ ଲହର ପରିପ୍ରେକ୍ଷୀରେ କେଉଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କି ପ୍ରକାର ପଦକ୍ଷେପ ନେଇଛନ୍ତି ତାହା ମଧ ଏନ୍‌ସିପିସିଆର୍ ବୈଠକରେ ସମୀକ୍ଷା କରୁଛନ୍ତି। ଆସନ୍ତା ୧୯ ତାରିଖରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଏସ୍‌ସିପିସିଆର୍‌ଙ୍କ ସହ ଅନ୍‌ଲାଇନ୍ ବୈଠକ କରାଯିବ। ଅନ୍ୟ ରାଜ୍ୟଗୁଡ଼ିକର ଆୟୋଗଙ୍କ ଭଳି ଉକ୍ତ ବୈଠକରେ ଶିଶୁଙ୍କ ପାଇଁ କରାଯାଇଥିବା ସ୍ୱାସ୍ଥ୍ୟସେବା ସୁବିଧା, ଚିଲ୍‌ଡ୍ରେନ୍ ସ୍କୁଲ/ଆବାସିକ ବିଦ୍ୟାଳୟ ଆଦି ସମ୍ପର୍କରେ ଆଲୋଚନା ହେବ। ଏହାସହ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁପାଳନର ସାମ୍ପ୍ରତିକ ଷ୍ଟାଟସ୍‌ର ସମୀକ୍ଷା କରାଯିବ ବୋଲି ଏନ୍‌ସିପିସିଆର୍ ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

କମିଶନ ଏଥିରେ ଆହୁରି ଦର୍ଶାଇଛନ୍ତି ଯେ, ଗତ ଜାନୁୟାରୀ ୧୧ ଯାଏ ଦେଶରେ ସମ୍ପୂର୍ଣ୍ଣ ଅନାଥ ହୋଇଥିବା ୧୦,୦୯୪ ଶିଶୁଙ୍କୁ ଯତ୍ନ ଓ ସୁରକ୍ଷା ଜରୁରୀ। ସେହିପରି ୧,୩୬,୯୧୦

**■ ଦେଶରେ ୧,୪୭,୪୯୨, ରାଜ୍ୟରେ ୨୪,୪୦୫**
**■ ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଏନ୍‌ସିପିସିଆର୍**

ଶିଶୁ ନିଜ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ଏଥିସହ ୪୪୮ ପରିତ୍ୟକ୍ତ ଶିଶୁଙ୍କୁ ମିଶାଇଲେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ସଂଖ୍ୟା ୧,୪୭,୪୯୨ରେ ପହଞ୍ଚିଛି। ଲିଙ୍ଗଗତ ଦୃଷ୍ଟିରୁ ହିସାବ କଲେ ସେମାନଙ୍କ ମଧ୍ୟରୁ ୭୬,୫୦୮ ପୁଅ ଓ ୭୦,୯୮୦ ଝିଅ ଥିବାବେଳେ ୪ ଜଣ କିନ୍ନର ଶିଶୁ ରହିଛନ୍ତି। ସର୍ବାଧିକ ୫୯,୦୧୦ ଶିଶୁଙ୍କ ବୟସ ୮ରୁ ୧୩ ବର୍ଷ ମଧ୍ୟରେ ହେବ। ଏହା ତଳକୁ ୧୪ରୁ ୧୫ ବର୍ଷୀୟ ୨୨,୭୬୩ ଶିଶୁ ଥିବାବେଳେ ୧୬ରୁ ୧୮ ବର୍ଷର ୨୨,୬୨୬ ଜଣ ଓ ୪ରୁ ୭ ବର୍ଷୀୟ ୨୬,୦୮୦ ଶିଶୁ ଥିବା ଉକ୍ତ ସତ୍ୟପାଠରେ ଦର୍ଶାଯାଇଛି। ଶିଶୁଙ୍କ ସାମ୍ପ୍ରତିକ ଆଶ୍ରୟ ସ୍ଥିତି ସମ୍ପର୍କରେ ମଧ ଏନ୍‌ସିପିସିଆର୍ ଅବତାରଣା ଏଥିରେ କରିଛନ୍ତି। ସର୍ବାଧିକ ୧,୨୫,୨୦୫ ପିଲା ନିଜ ମା' କିମ୍ବା ବାପାଙ୍କ ସହ ରହୁଥିବାବେଳେ ୧୧,୨୭୨ ଜଣ ପରିବାର ସହ ରହୁଛନ୍ତି। ସେହିପରି ୮,୪୫୦ ଶିଶୁ ଅଭିଭାବକଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ୧,୫୨୯ ପିଲା ଶିଶୁ ଆଶ୍ରୟସ୍ଥଳରେ, ୧୯ ଜଣ ଓପନ୍ ଶେଲ୍ଟର ହୋମ, ୧୮୮ ଅନାଥାଶ୍ରମ, ୬୬ ସ୍ୱତନ୍ତ୍ର ପୌଷ୍ୟ ସଂସ୍ଥା ଓ ୩୯ ପିଲା ହଷ୍ଟେଲରେ ରହୁଥିବା ସତ୍ୟପାଠରେ କୁହାଯାଇଛି।

## ବ୍ୟାଙ୍କରେ ୨୦ ଘଣ୍ଟା ଲୁଚିଥିଲେ ଅଭିଯୁକ୍ତ

**କୋରାପୁଟ (ସ୍ୱ.ପ୍ର.)/ଲକ୍ଷ୍ମୀପୁର (ଡି.ଏନ୍.ଏ.), ୧୬।୧**

କୋରାପୁଟ ଜିଲା ଲକ୍ଷ୍ମୀପୁରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଶାଖାରୁ ସୁନା ଚୋରି ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଚୋରି କରିବା ଲାଗି ଅଭିଯୁକ୍ତ ଜଣକ ଘଟଣା ଦିନ ଅପରାହ୍ନ ୩ଟାରୁ ଏହା ପରଦିନ ବ୍ୟାଙ୍କ କାର୍ଯ୍ୟ ସ୍ୱାଭାବିକ ଭାବେ ଆରମ୍ଭ ହେବା ଯାଏ ପ୍ରାୟ ୨୦ ଘଣ୍ଟା ଧରି ବ୍ୟାଙ୍କ ପରିସରରେ ଥିବା ଏକ କୋଠରିରେ ଲୁଚି ରହିଥିଲେ। ସିସିଟିଭି ଫୁଟେଜ୍‌ରୁ ଏହା ସ୍ପଷ୍ଟ ହେବା ପରେ ଘଟଣାର ମାଷ୍ଟର ମାଇଣ୍ଡ୍ ତଥା ଅନିୟମିତତା ଅଭିଯୋଗରେ ବ୍ୟାଙ୍କରୁ ବିଦା ହୋଇଥିବା ପୂର୍ବତନ ମେସେଞ୍ଜର ଶେଖର କୁଲଦୀପଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ୧ କେଜି ୧୮୯ ଗ୍ରାମ ସୁନା ଏବଂ ୨ଲକ୍ଷ ୯୫ ହଜାର ଟଙ୍କା ଜବତ କରାଯାଇଛି।କୋରାପୁଟଏସ୍‌ପିବରୁଣଗୁଣ୍ଟୁପାଲିଲକ୍ଷ୍ମୀପୁରଠାରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଭଳି ଅଭିନବ ଲୁଟ୍ ବିଷୟରେ ସବିଶେଷ ସୂଚନା ଦେଇଛନ୍ତି।

**ଲକ୍ଷ୍ମୀପୁର ଏସ୍‌ବିଆଇରୁ ୧୬ଶହ ଗ୍ରାମ ସୁନା ଚୋରି ରହସ୍ୟ ଉନ୍ମୋଚିତ**


ଅଭିଯୁକ୍ତ ଶେଖର କୁଲଦୀପ

୨୦୨୧ ନଭେମ୍ବର ୩୦ରେ ଏହି ଘଟଣା ଘଟିଥିବାବେଳେ ଗତ ୧୪ ତାରିଖରେ ସୁନା ଚୋରି ସମ୍ପର୍କରେ ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ଲକ୍ଷ୍ମୀପୁର ଏସ୍‌ବିଆଇ ଶାଖା ମ୍ୟାନେଜର ସୁଧାଂଶୁ ଶେଖର ରାଉତଙ୍କ ଅଭିଯୋଗ ଅନୁଯାୟୀ ଲକ୍ଷ୍ମୀପୁର ଥାନାରେ ଏକ ମାମଲା (ନଂ. ୭/୨୨) ରୁଜୁ ହୋଇଥିଲା। ଏସ୍‌ଡିପିଓ ଅଶ୍ୱିନୀ ନାୟକଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଘଟଣା ଦିନ (ନଭେମ୍ବର ୩୦) ଅପରାହ୍ନରେ ☞ପୃଷ୍ଠା-୨


ବିଶ୍ୱ ରେକର୍ଡ ସୃଷ୍ଟି କରିବା ପରେ ହ୍ୱିଲଚେୟାର ମାରାଥନର କମଳାକାନ୍ତ ନାୟକ

## କମଳାକାନ୍ତଙ୍କ ବିଶ୍ୱ ରେକର୍ଡ

**ଭୁବନେଶ୍ୱର,୧୬।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟର ଜଣାଶୁଣା ହ୍ୱିଲଚେୟାର ମାରାଥନର କମଳାକାନ୍ତ ନାୟକ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୨୪ ଘଣ୍ଟା ମଧ୍ୟରେ ମାନୁଆଲ ହ୍ୱିଲଚେୟାରରେ ସର୍ବାଧିକ ଦୂରତା ଅତିକ୍ରମ କରି ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୨୮ ବର୍ଷୀୟ କମଳାକାନ୍ତ ଏହି କ୍ରମରେ ରବିବାର ଅପରାହ୍ନ ୪.୩୦ରେ ପାଖାପାଖି ୨୧୩ କି.ମି ଫିନିଶ କରି ବଡ଼ ସଫଳତା ଅର୍ଜନ କରିଛନ୍ତି। ଏହି କ୍ରମରେ ପୂର୍ବ ବିଶ୍ୱରେକର୍ଡକୁ ଅତିକ୍ରମ କରିଛନ୍ତି। ପର୍ତ୍ତୁଗାଲର ପାରାଲିମ୍ପିକ୍ ଆଥଲେଟ ମାରିଓ ଟ୍ରିନାଡେଡ ୨୦୦୭ ଡିସେମ୍ବର ୪ ତାରିଖରେ ପର୍ତ୍ତୁଗାଲ ଭିଲେରାଲ ଷ୍ଟାଡିୟମରେ ୨୪ ଘଣ୍ଟା ମଧ୍ୟରେ ୧୮୨.୪ କି.ମି. (୧୧୩.୩୪ ମାଇଲ) ଅତିକ୍ରମ କରି ବିଶ୍ୱରେକର୍ଡ ସ୍ଥାପନ କରିଥିଲେ। ଏବେ କମଳାକାନ୍ତ ତାଙ୍କୁ ପଛରେ ପକାଇଛନ୍ତି। ପୁରୀ ଜିଲା ବ୍ରହ୍ମଗିରିର କମଳାକାନ୍ତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଟିକେଟ ପାଇଁ ବ୍ୟାକୁଳ

## ପଞ୍ଚାୟତ ନିର୍ବାଚନ: ଆଜିଠୁ ନାମାଙ୍କନ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଗାଁରେ ନିର୍ବାଚନ ମାହୋଲ ଜମିଲାଣି। ସବୁ ଦଳ ନିଜର ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ମଧ ଜୋରଦାର କରିଛନ୍ତି। ତେବେ ୫ଟି ପର୍ଯ୍ୟାୟରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ସୋମବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ। ୨୨ ତାରିଖରେ ପ୍ରାର୍ଥିପତ୍ରଗୁଡ଼ିକର ଯାଞ୍ଚ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିହେବ। ସେହିଦିନ ହିଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। କୋଭିଡ୍ କଟକଣା ଦୃଷ୍ଟିରୁ ନାମାଙ୍କନ ଦାଖଲ ବେଳେ ପ୍ରାର୍ଥୀଙ୍କ ସହ ☞ପୃଷ୍ଠା-୨






# ଟ୍ରମା କେୟାରକୁ ଆନ୍ତରିକତା ନାହିଁ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ଓଡ଼ିଶାରେ ଘଟୁଥିବା ପ୍ରତି ୧୦୦ ଦୁର୍ଘଟଣାରେ ୪୮ଜଣ ପ୍ରାଣ ହରାଉଛନ୍ତି। ପ୍ରତିବର୍ଷ ଏହି ସଂଖ୍ୟା ବୃଦ୍ଧି ଘଟିବାରେ ଲାଗିଛି। ଏହାକୁ ରୋକିବାରେ ସରକାର ବିଫଳ ହେବା କାରଣରୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟି ପକ୍ଷରୁ ବାରମ୍ବାର ଭର୍ତ୍ସନା କରାଯାଉଛି। ତଥାପି ଫଳ ଶୂନ। ଦୁର୍ଘଟଣା ଘଟିବାର ପ୍ରଥମ ୪୮ ଘଣ୍ଟାର ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ ଏଥିଲାଗି ସରକାର ଯେଉଁ ବ୍ୟବସ୍ଥା କରିବା କଥା ତାହା କରିପାରୁନାହାନ୍ତି। ସମସ୍ତ ୩୦ ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ମେଡିକାଲ କଲେଜରେ ଟ୍ରମା କେୟାର ଫ୍ୟାସିଲିଟି (ଟିସିଏଫ୍) ଲାଗି ସୁପ୍ରିମକୋର୍ଟ କମିଟି ୨୦୧୭ରେ ନିର୍ଦ୍ଦେଶ ଦେଇଥିଲେ। ଏ ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ପାଳନ ହୋଇପାରିନାହିଁ। ଉଦ୍‌ବେଗର ବିଷୟ ଯେଉଁ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ

**■ ସବୁଠି ଡାକ୍ତର ଅଭାବ**
**■ ଏସସିବିକୁ ଛାଡ଼ି ଅନ୍ୟ କେଉଁଠି ନାହିଁ ଲେଭଲ-୧ ଟ୍ରମା କେୟାର ସୁବିଧା**
**■ ୧୧ ଘରୋଇ ହସ୍ପିଟାଲ ଲାଗି ୧୪୭.୨ କୋଟି ମଞ୍ଜୁରୀ**

ଟ୍ରମା କେୟାର ସୁବିଧା ରହିଛି ତାହା ଠିକ୍ ଭାବେ କାମ କରୁନାହିଁ। କାରଣ ଆବଶ୍ୟକ ଡାକ୍ତର ଅଭାବ। ରାଜଧାନୀ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ମଧ ଏ ପର୍ଯ୍ୟନ୍ତ ଟ୍ରମା କେୟାର ସୁବିଧା ହୋଇପାରି ନାହିଁ। ରାଜ୍ୟର ଅଧିକାଂଶ ମେଡିକାଲ କଲେଜ ଓ ହସ୍ପିଟାଲର ଯେଉଁ ଟ୍ରମା କେୟାର ସୁବିଧା ରହିଛି ତାହା 'ଲେଭଲ-୨' କାଟାଗୋରିର। ସେଗୁଡ଼ିକରେ ଧାର୍ଯ୍ୟ ଡାକ୍ତର ଓ ବିଶେଷଜ୍ଞ ନାହାନ୍ତି।

ଲେଭଲ-୨ କାଟାଗୋରିରେ ଗୁରୁତର ଆହତଙ୍କ ଚିକିତ୍ସା ପାଇଁ ଜରୁରୀକାଳୀନ ଚିକିତ୍ସକ, ସର୍ଜନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଏବଂ ନିଶ୍ଚେତକ ରହିବା ଜରୁରୀ। ୩୦୦ରୁ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ହସ୍ପିଟାଲ କିମ୍ବା ଡାକ୍ତରଖାନାଗୁଡ଼ିକୁ ଲେଭଲ-୨ ଟ୍ରମା ସେଣ୍ଟର ଭାବରେ ଚିହ୍ନଟ କରାଯାଇଥାଏ। ଲେଭଲ-୧ କାଟାଗୋରି ହେଉଛି ସର୍ବୋଚ୍ଚ ଚିକିତ୍ସା ସେବା ବ୍ୟବସ୍ଥା। ସଙ୍କଟାପନ୍ନ ଆହତଙ୍କ ଚିକିତ୍ସା ପାଇଁ ଏହି ବ୍ୟବସ୍ଥା ହୋଇଥିବାବେଳେ ୫୦୦ରୁ ଊର୍ଦ୍ଧ୍ୱ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜରେ ଲେଭଲ-୧ ଟ୍ରମା କେୟାର ସୁବିଧା ରହିଥାଏ।

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ୯ଟି ଏବଂ ବାହାର ରାଜ୍ୟରେ ବିଶାଖାପାଟଣା ଓ ରାୟପୁରର ଗୋଟିଏ ଲେଖାଏ ଏହିପରି ମୋଟ ୧୧ଟି ଘରୋଇ ହସ୍ପିଟାଲରେ ଲେଭଲ-୧ ଟ୍ରମା କେୟାର ସୁବିଧା କରାଯାଇଛି। ସେଠାରେ ଦୁର୍ଘଟଣାରେ ଗୁରୁତର ଆହତଙ୍କ ଚିକିତ୍ସା ଲାଗି ରାଜ୍ୟ ସରକାର ୫ ବର୍ଷ ପାଇଁ ୧୪୭.୨ କୋଟି ଟଙ୍କାର ବଜେଟ୍ ଅନୁମୋଦନ କରିଛନ୍ତି। ଏହିସବୁ ହସ୍ପିଟାଲରେ ଗୁରୁତର ଆହତଙ୍କ ପ୍ରଥମ ୪୮ ଘଣ୍ଟା ଚିକିତ୍ସା ଲାଗି ଫ୍ରି ଟ୍ରିଟ୍‌ମେଣ୍ଟ ଅଫ ଟ୍ରମା ଫଣ୍ଡ(ଏଫଟିଟିଏଫ୍)ରୁ ଅର୍ଥ ଖର୍ଚ୍ଚ କରାଯିବ। ହେଲେ ଆଶ୍ଚର୍ଯ୍ୟର ବିଷୟ ସରକାରଙ୍କ ଏହି ୧୧ ଚିକିଆ ହସ୍ପିଟାଲ ତାଲିକାରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଗୋଟିଏ ହେଲେ ଲେଭଲ-୧ ଟ୍ରମା କେୟାର ସୁବିଧା ଥିବା ହସ୍ପିଟାଲର ନାଁ ନାହିଁ। ବରଂ ବାହାର ରାଜ୍ୟରେ ଥିବା ଦୁଇଟି ହସ୍ପିଟାଲକୁ ଏଥିରେ ଯୋଡ଼ାଯାଇଛି। ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

ଭାଜପାର ଘୃଣା ରାଜନୀତି ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ଓ ବେରୋଜଗାର ପାଇଁ ଦାୟୀ।
**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ଘୋଡ଼େଇଲା ଜହ୍ନ;**
**ଚିତ୍ତ- ଚୋର ଏବେ ରହିଲେ କାହିଁ,**
**କେମନ୍ତେ ସରିବ ଦିନ ?**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷ ସହ ସୁଖରେ ଘରସଂସାର କରିବାକୁ ମନସ୍ଥ କରିଥିବା ନାରୀ ଏଥିରୁ ବଞ୍ଚିତ ହେଲେ ସବୁ ସୋହାଗ ସରାଗ ତା'ର ମରିଯାଇଥାଏ। ପ୍ରିୟର ମଣିଷ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାଗିବା ଠାରୁ ହୀନ ନାହିଁ,**
**ଯାଚିବା ଠାରୁ ପୁଣ୍ୟ ନାହିଁ।**

ମାଗିବାରେ ହୀନମନ୍ୟତା ପ୍ରକାଶ ପାଏ। ଯାଚି କରି ଦେବାରେ ଆନନ୍ଦ ଥାଏ। ଦାନ କଲେ ଅଶେଷ ପୁଣ୍ୟ ମିଳିଥାଏ। ଦାନଶୀଳତା ଏକ ଉତ୍ତମ ଗୁଣ ହୋଇଥିବା ସ୍ଥଳେ ତାଙ୍କ ପ୍ରତି ଈଶ୍ୱରଙ୍କ କୃପାଶିଷ ରହିଥାଏ। ଯିଏ କିଛି କାମଧନ୍ଦା ନ କରି ଅନ୍ୟ ଆଗରେ ହାତ ପତେଇଥାଏ, ମାଗି ବୁଲୁଥାଏ ସେ ସବୁଠାରୁ ବଳି ଅଧମ ବୋଲାଇଥାଏ। ମାଗିବା ଠାରୁ ବଳି ହୀନକାର୍ଯ୍ୟ କିଛି ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଆର୍‌ପିଏଲ୍ କାରଖାନା ପରିସରରେ ବାଘ ଗୁଜବ

**କଳିଙ୍ଗନଗର,୧୬।୧(ଡି.ଏନ.ଏ.)**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ବିଆର୍‌ପିଏଲ୍ କାରଖାନା ପରିସରରେ ଏକ ବାଘ ବୁଲୁଥିବା ଖବର ମିଳିଛି। ରବିବାର ସନ୍ଧ୍ୟା ପ୍ରାୟ ୫ଟାରେ କାରଖାନାର ମେସ୍କୋ ଷ୍ଟିଲ ପ୍ରାଚୀର ପାର୍ଶ୍ୱରେ ଡ୍ୟୁଟିରେ ଥିବା ଦୁଇ ସୁରକ୍ଷା କର୍ମୀ ବାଘ ବୁଲୁଥିବା ପ୍ରଥମେ ଦେଖିଥିଲେ। କାରଖାନା ପଛ ପାଖ ଜଙ୍ଗଲରେ ବାଘ ଯାଉଥିବା ବେଳେ ସୁରକ୍ଷା କର୍ମୀ ଦ୍ୱୟ ମୋବାଇଲରେ ତା'ର ଗତିବିଧି ଭିଡିଓ ରେକର୍ଡିଂ କରିଥିଲେ। ଏହାପରେ ସେମାନେ ଏ ସମ୍ପର୍କରେ କାରଖାନା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଫଳରେ ତୁରନ୍ତ କାରଖାନାର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିଲା। ତେବେ ବାଘ ସମ୍ପର୍କରେ ଟମକା ବନ ବିଭାଗକୁ ଖବର ଦିଆଯିବା ପରେ ଟମକା ଓ ଡୁବୁରି ରେଞ୍ଜର ବନ କର୍ମଚାରୀ ପହଞ୍ଚି କାରଖାନା ଭିତରେ ଖାନତଲାସି କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ବନ କର୍ମଚାରୀ ବାଘ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିବା ଜଣାପଡ଼ିଛି। ବାଘକୁ କାବୁ କରିବା ପାଇଁ ରେଞ୍ଜର ବଳରାମ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଉଦ୍ୟମ ଜାରି ରଖିଛି।

# ୧୯ ଯାଏ ଘନ କୁହୁଡ଼ି

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ପ୍ରଚୁର ଜଳୀୟବାଷ୍ପର ଉପସ୍ଥିତି ଓ ବାୟୁମଣ୍ଡଳର ସ୍ଥିରତା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ିର ଆଶଙ୍କା ରହିଛି। ଏଥିପାଇଁ ଦୃଶ୍ୟମାନ ଦୂରତା ୨୦୦ ମିଟରରୁ କମ୍ ରହିବାର ସମ୍ଭାବନା ରହିଛି। ଫଳରେ ମଧ୍ୟରାତ୍ରରୁ ସକାଳ ଯାଏ ଯାତାୟାତର ସମସ୍ୟା ଉପୁଜିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିସହ ୩ ରୁ ୪ ଡିଗ୍ରୀ ତଳକୁ ରାତ୍ରି ତାପମାତ୍ରା ଖସିବ ଓ ଶୀତ ବଢ଼ିବ। ଏଥିପାଇଁ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ କେତେକ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ପାଣିପାଗ କେନ୍ଦ୍ରର ଆକଳନ ପରେ ଘନ କୁହୁଡ଼ି ନେଇ ଏସ୍‌ଆର୍‌ସି ଏକ ଆଡ଼ଭାଇଜରୀ ଜାରି କରିଛନ୍ତି। ଯେଉଁସବୁ ଜିଲାକୁ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି, ସେ ସବୁ ଜିଲାର ପୋଲିସ ଓ ପରିବହନ ଅଧିକାରୀମାନେ ଘନ କୁହୁଡ଼ି ସମୟରେ କୌଣସି ରାସ୍ତା ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଉଚିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

**ସତର୍କ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ**

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ ଓ ସୋନପୁରରେ ଘନ କୁହୁଡ଼ି ହେବ। ସେହିଭଳି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ କୁହୁଡ଼ି ହେବ। ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, କଟକ, ଅନୁଗୋଳ ଓ ଢେଙ୍କାନାଳ ଏବଂ ବୁଧବାରଠାରୁ ଗୁରୁବାର ସକାଳ ସାଢ଼େ ୮ ପର୍ଯ୍ୟନ୍ତ ମାଲକନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ନୟାଗଡ଼, କଟକ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ କେନ୍ଦୁଝରରେ ଘନ କୁହୁଡ଼ି ହେବ। ସେପଟେ ରବିବାର କେନ୍ଦୁଝରରେ ସର୍ବନିମ୍ନ ୧୨.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗବାଡ଼ିରେ ୧୩.୧, ଝାରସୁଗୁଡ଼ା ୧୩.୨, ଟିଟିଲାଗଡ଼ରେ ୧୩.୩ ଡିଗ୍ରୀ ରହିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରର ସ୍ଥଗିତ କାମ ସମ୍ପନ୍ନ କରିବା ସକାଶେ ତତ୍ପର ରହିପାରନ୍ତି। ହଠାତ୍ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେବେ। ଅଧିକ ବୁଲାବୁଲି କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ, ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ।

**ବୃଷ**
ସକାଳୁ ସକାଳୁ ଜଣେ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାମ କରି ଆଶାକୁ ଚରିତାର୍ଥ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ତାହା ଦୂର ହୋଇପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବ।

**ମିଥୁନ**
ଆପଣଙ୍କ ପ୍ରତିଷ୍ଠା ଓ ପ୍ରଶଂସାରେ ଈର୍ଷାପରାୟଣ ହୋଇ ସମ୍ପର୍କୀୟମାନେ ଦୋଷତ୍ରୁଟି ଗାଇ ବୁଲିବେ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଆଲୋଚନା କାଳରେ ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ପାରିବେ ନାହିଁ। ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ।

**କର୍କଟ**
ଆପଣଙ୍କ ସରଳ ବିଶ୍ୱାସକୁ ନେଇ ବନ୍ଧୁ ବିଶ୍ୱାସ ଘାତକତା କରିପାରନ୍ତି। ଗତକାଲି ଯେଉଁ ଜିନିଷ ପାଇଁ ଚିନ୍ତା କରୁଥିଲେ, ଆଜି ତାହା ବିଳମ୍ବରେ ପାଇବେ। ଦୀର୍ଘମିଆଦି ସୂତ୍ରରେ ହାତକୁ ନେଇଥିବା କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ, ବ୍ୟବସାୟରେ ସଫଳତା ପାଇବେ। ଉଚ୍ଚ ମାନସିକ ଚାପ ବୃଦ୍ଧି ପାଇବ।

**ସିଂହ**
ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ଦୂରଯାତ୍ରା କରିବାକୁ ପଡ଼ିପାରେ। ଅର୍ଥପ୍ରାପ୍ତି ସକାଶେ ଉଚ୍ଚ ଆଶା କରି ନିରାଶ ହେବେ। ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ସମ୍ଭାବନା ରହିଛି। ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ, ମାତ୍ର ଆପଣ କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କନ୍ୟା**
ଆଜି ସକାଳୁ କୌଣସି ଅଶୁଭ ଖବର ମନକୁ ବିଷାଦିତ କରିପାରେ। ସାହାଯ୍ୟ କରିବାକୁ କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ନାସ୍ତିବାଣୀ ଶୁଣାଇବ। କର୍ମ କ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ଯେତେ ସାବଧାନତା ଅବଲମ୍ବନ କଲେ ମଧ୍ୟ କାମ ଶୃଙ୍ଖଳିତ ହେବ ନାହିଁ। ମାନସିକ ଅସୁସ୍ଥତା ଲାଗି ରହିବା କାରଣରୁ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। କର୍ମକ୍ଷେତ୍ରରେ କିମ୍ବା ଅଫିସ୍‌ରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ବିଛା**
କର୍ମକ୍ଷେତ୍ରରେ ଆପଣଙ୍କର କୌଣସି ମନ୍ତବ୍ୟକୁ କେନ୍ଦ୍ର କରି ଜଣେ ବୟସ୍କ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିପାରନ୍ତି। ଆକସ୍ମିକ ସମସ୍ୟାର ଗତି ବଦଳିଯିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ। କିଣାବିକା କ୍ଷେତ୍ରରେ କିମ୍ବା ଜମିଜମା କାରବାରରେ ଠକାମିରେ ପଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସମସ୍ୟା ଦୂର ହେବ।

**ଧନୁ**
ଆଜି ଧନହାନି, କଳହ, ପ୍ରତାରଣା ଓ ଶାରୀରିକ ଆଘାତ ସମ୍ଭାବନା ରହିଛି। ପଡ଼ୋଶୀଙ୍କ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିବ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି।

**ମକର**
କର୍ମକ୍ଷେତ୍ରରେ ପୃଷ୍ଠପୋଷକତା ଲାଭକରି ଉଚ୍ଚ ଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଘଟିବ। ବନ୍ଧୁଙ୍କ ନିକଟରେ ବାକି ରହିଯାଇଥିବା ଅର୍ଥ ଆଦାୟରେ ସକ୍ଷମ ହେବେ। ଆଜିହିଁ ଶେଷ କରିବାକୁ ଚିନ୍ତା କରୁଥିବା କାମଟିରେ ନିରାଶ ହେବାକୁ ପଡ଼ିପାରେ।

**କୁମ୍ଭ**
ବିଭିନ୍ନ କାମରେ ଅନୁପ୍ରବେଶ କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ସୁବିଧା ଥିଲେ ମଧ୍ୟ ହାତକୁ ନେଇଥିବା କାମଟି ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ପୂର୍ବର କେତେକ ବିବାଦୀୟ କଥାକୁ ମନେପକାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ**
ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଏବଂ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ ଅସୁବିଧା ରହିବ ନାହିଁ। ଜଣେ ଅଜଣା ବନ୍ଧୁଙ୍କ ସାହାଯ୍ୟ ସବୁ ଦିନ ସକାଶେ ସ୍ମରଣୀୟ ରହି ଯାଇପାରେ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା ହେତୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସତ୍ୟଭାଷଣରୁ ଦୂରେଇ ରହିବା ଭଲ ହେବ ନଚେତ୍ ମନାନ୍ତର ଘଟିପାରେ।


## classifieds

**Everyday**
0674-2580101, 2549302



**SALE**

Swift Dezire 10900 KMS RUN 2016 and Chevrolet Sail Diesel for sale. 7381091234, 9861194627. D-71776



**SALE**

Plot for Sale at Chhatabar per sqft. @99/-. 8249017091, 9937816565. D-22860

ଭୁବନେଶ୍ୱର ଭିଙ୍ଗାରପୁର **Oxford College** ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡି ପ୍ଲଟ୍ ବିକ୍ରିହେବ । **6370025920, 9937674302.** D-71774

ଭୁବନେଶ୍ୱର ବାଲିଅନ୍ତା ଭାରତ ଗ୍ୟାସ ପାଖରେ boundary ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438299931. D-71777

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.** D-71775

ଭୁବନେଶ୍ୱର ଉତ୍ତରା କୃପାଜଲ କଲେଜ ପାଖରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-71929

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22657

**ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 500 Mtr. ଦୂରରେ 30' Road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ sqft. 330/- 630/- ମିଳୁଛି । 8249243709, 7894433357.** D-71756

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ **yellowzone sqft.- 550/-**, ଚନ୍ଦକା **NH** ପାଖରେ ଘରବାଡ଼ି ପ୍ଲଟ୍ **sqft.- 1100/-**, ବାରଙ୍ଗରୁ ତ୍ରିଶୂଳିଆ **NH** ପାଖରେ **sqft.- 1300/-. 7539895510.** D-71780

ଘରବାରି Demarcation Plot Nakhara ତ୍ରିନାଥ ବଜାରରୁ 3 Km. ମେନ୍‌ରୋଡ୍ କଡରେ 2000 ବର୍ଗଫୁଟକୁ 17,00,000/-, Chhatabar bypass road side- 15,00,000/-. 8260032051. D- 71778

**Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952.** D-71772

**ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166.** D-71767



**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



Ashirvaad Saloon and SPA get good massage for your health tha best therapy. 7077181074. D-71852

Full body massage in homely atmosphere all therapy. Contact: 8114881641. D-60894

Full body massage, refresh your mind, relaxed by expert Lady Therapist. 8480939300. D-22828

**Refreshing your mind, body with tha best therapy at Lotus SPA. 8018891951.** D-71850

**AFFIDAVIT**

Surname Declaration- I, Binapani Nayak, aged about 64 years, W/o Niranjan Grahacharya residing at Village - Oleipada, P.O. - Sardola, P.S. - Tirtol, Dist - Jagatsinghpur & State - Odisha. I declare that myself Binapani Nayak & Binapani Grahacharya is one and same person vide affidavit No - 41AA900361 dated 11 Jan 2022 at office of the Sub-Collector, Jagatsinghpur. I further declare that both surnames will be used for all future(official & personal) purposes. D-22878

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଗଛରେ ପିଟି ହେଲା ବାଇକ୍: ଚାଲିଗଲା ୨ ଜୀବନ

**କେସିଙ୍ଗା, ୧୬।୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଚାଞ୍ଚେର ପଞ୍ଚାୟତ ଅନ୍ତର୍ଗତ କୋକୋମୁଣ୍ଡା ପାଖ ପେଟ୍ରୋଲ ପମ୍ପ ବୁଲଣିରେ ରବିବାର ରାତି ପ୍ରାୟ ୯ଟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦ୍ରୁତଗତିରେ ଭବାନୀପଟଣା ଆଡୁ ଆସୁଥିବା ଆପାଚି ବାଇକ୍ (ନଂ.ଓଡି୧୫ଜେ-୧୨୫୫) ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱସ୍ଥ ଗଛରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣାରେ ବାଇକରେ ଥିବା ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ସଠିକ୍ ପରିଚୟ ଜଣା ପଡୁନାହିଁ। ତେବେ ଜଣେ ମୃତକଙ୍କ ନିକଟରୁ ମିଳିଥିବା ପର୍ସରୁ ସମ୍ବଲପୁରର ନିଶାନ୍ତ ଦାସ ଟିଟିଲାଗଡରେ ଏଓ ଭାବେ କାର୍ଯ୍ୟ କରୁଥିବା ଉଲ୍ଲେଖ ରହିଛି। ଅନ୍ୟ ଜଣକ ପରିଚୟ ମିଳିନାହିଁ। ଧର୍ମଗଡ ବେହେରାର ଅଶୋକ ନାୟକ ଗୁରୁତର ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ମୃତଦେହକୁ କେସିଙ୍ଗା ଡାକ୍ତରଖାନା ନିଆଯାଇଛି।

**ପ୍ରଥମ ପୃଷ୍ଠାରୁ...**

## କମଳାକାନ୍ତଙ୍କ ବିଶ୍ୱ ...

ଶନିବାର ଅପରାହ୍ନ ୩ଟାରେ ମାଷ୍ଟରକ୍ୟାଣ୍ଟିନ ଛକରୁ ରାଜମହଲ ଛକ ପର୍ଯ୍ୟନ୍ତ (ଯିବା ଆସିବା ଭିତ୍ତିରେ) ସାଇକେଲ ଟ୍ରାକ୍ ପଏଣ୍ଟରେ ଯାତ୍ରା ଆରମ୍ଭ କରିଥିଲେ। ତାଙ୍କର ଏହି ଅଭିଯାନ ରବିବାର ଅପରାହ୍ନ ୪.୩୦ରେ ଶେଷ ହୋଇଥିଲା। ଏଥିରେ ତାଙ୍କୁ ଉତ୍ସାହିତ କରିବା ପାଇଁ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ନିଜ ସଫଳତାରେ ସେ ଖୁସି ଜାହିର କରିଛନ୍ତି। ବହୁ ବର୍ଷ ଧରି ଏଥିପାଇଁ ଅଭ୍ୟାସ କରି ଆସୁଥିଲେ। ଆଉ କେତୋଟି ଔପଚାରିକତା ପରେ ତାଙ୍କର ଏହି ସଫଳତା ଖୁବ୍ ଶୀଘ୍ର ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବ ବୋଲି ଆଶା କରାଯାଉଛି। ଓଡ଼ିଶା ହ୍ୱିଲଚେୟାର ବାସ୍କେଟବଲ ଆସୋସିଏଶନ ଓ ତାଙ୍କ ଟିମ୍ ବେଟରଲାଇଫ୍ ଫାଉଣ୍ଡେଶନ କମଳାକାନ୍ତଙ୍କ ଏହି ସଫଳତା ମାଧ୍ୟମରେ ଦିବ୍ୟାଙ୍ଗ ସମାଜକୁ 'ଲାଇଫ୍ ଇଜ୍ ପସିବୁଲ' ନାମରେ ଏକ ସକାରାତ୍ମକ ବାର୍ତ୍ତା ଦେଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ଏହି ଅଭିନବ ପ୍ରୟାସ ପାଇଁ ତାଙ୍କୁ ସାହାଯ୍ୟର ହାତ ବଢାଇଥିଲା। କମଳାକାନ୍ତଙ୍କ ଅଭିଯାନ ଆରମ୍ଭ ପୂର୍ବରୁ ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ, ଅଭିନେତା ସବ୍ୟସାଚୀ ମିଶ୍ର, ରାଜ୍ୟ ପ୍ଲାନିଂ ବୋର୍ଡ ଡେପୁଟି ଚେୟାରମ୍ୟାନ ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ କମଳାକାନ୍ତଙ୍କୁ ଉତ୍ସାହିତ କରିଥିଲେ।

ଉଲ୍ଲେଖଥାଉ କି, ମେରୁଦଣ୍ଡରେ ଆଘାତ ପାଇବା ପରେ କମଳାକାନ୍ତ ଅଣ୍ଟା ତଳକୁ ପକ୍ଷାଘାତର ଶିକାର ହୋଇଥିଲେ। ତେବେ ସେ ଏଥିରେ ହାର ମାନିଯାଇ ନ ଥିଲେ। ଏହା ପୂର୍ବରୁ ସେ ଓଡ଼ିଶା ସରକାରଙ୍କ ସୋସିଆଲ ସିକ୍ୟୁରିଟି ଆଣ୍ଡ ଏମ୍‌ପାୱାରମେଣ୍ଟ ଅଫ୍ ପର୍ସନ୍ସ (ଏସ୍‌ଏସ୍‌ଇପିଡି) ବିଭାଗ ଦ୍ୱାରା କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଆବିଲିଟି ମାରାଥନରେ ଅଂଶଗ୍ରହଣ କରିଥିଲେ। ଏହାପରେ ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମାରାଥନରେ ଭାଗ ନେଇ ଆସୁଛନ୍ତି ଏହି ଓଡ଼ିଆ ଦିବ୍ୟାଙ୍ଗ ଆଥଲେଟ୍। ସେ ଏକମାତ୍ର ଭାରତୀୟ ଭାବେ ୧୫ ଘଣ୍ଟା ମଧ୍ୟରେ ୧୩୯.୫୭ କି.ମି. ବିଶିଷ୍ଟ ହ୍ୱିଲଚେୟାର ଅଲଟ୍ରା ମାରାଥନକୁ ଅତିକ୍ରମ କରିଥିଲେ। ସେ ମଧ୍ୟ ୧୬ ଥର ହାଫ୍ ମାରାଥନ (୨୧ କି.ମି.) ରନର ରହିଛନ୍ତି। ସେ ୧୩ ଥର ଫୁଲ୍ ମାରାଥନ (୪୨ କି.ମି.) ରନର ଭାବେ ପ୍ରସିଦ୍ଧି ହାସଲ କରିଛନ୍ତି। ସେ ଓଡ଼ିଶା ହ୍ୱିଲଚେୟାର ବାସ୍କେଟବଲ ଦଳର ଅଧିନାୟକ ରହିଛନ୍ତି। ୨୦୨୦ରେ ସେ ହ୍ୱିଲଚେୟାରରେ ୪୨୦୦ କି.ମି. ଯାତ୍ରା କରିବାର ରେକର୍ଡ କରିଛନ୍ତି। ସେ ମଧ୍ୟ ଜାତୀୟ ପାରା ଆଥଲେଟିକ ଚାମ୍ପିୟନଶିପ୍ ଓ ଜାତୀୟ ହ୍ୱିଲଚେୟାର ଫେନ୍ସିଂ ଚାମ୍ପିୟନଶିପ୍‌ରେ ଦୁଇଥର ଲେଖାଏ ଭାଗ ନେଇଛନ୍ତି।

## ପଞ୍ଚାୟତ ନିର୍ବାଚନ...

ଜଣେ ପ୍ରସ୍ତାବକ ହିଁ ରହିପାରିବେ। ଅନ୍ୟପକ୍ଷରେ ଏଥର ପ୍ରାର୍ଥୀମାନେ ସତ୍ୟପାଠ ମଧ୍ୟ ଦାଖଲ କରିବେ। ସତ୍ୟପାଠ ଭୁଲ୍ ପ୍ରମାଣିତ ହେଲେ ଦଣ୍ଡିତ କରାଯିବାକୁ ବ୍ୟବସ୍ଥା କରାଯାଇଛି। ପ୍ରାର୍ଥୀମାନେ ଏବେ ଡକ୍ୟୁମେଣ୍ଟ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ସେପଟେ କୋଭିଡ୍ କଟକଣା ଦୃଷ୍ଟିରୁ ଡିଜିଟାଲ୍ ମାଧ୍ୟମରେ ପ୍ରଚାରକୁ ଜୋରଦାର କରିବାକୁ ଆଶାୟୀ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ସୋସିଆଲ୍ ମିଡିଆ ଜରିଆରେ କିପରି ନିଜ ସପକ୍ଷରେ ଲୋକଙ୍କୁ ଆକୃଷ୍ଟ କରିପାରିବେ, ତାହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ତା'ସହ ଗାଁରେ ଆଶାୟୀମାନେ ଘର ଘର ବୁଲିବା ଆରମ୍ଭ କରିସାରିଛନ୍ତି। ସୂଚନାଯୋଗ୍ୟ, ଫେବୃୟାରୀ ୧୬ରୁ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ମୋଟ ୯୧୯୧୩ ୱାର୍ଡ ମେମ୍ବର, ୬୭୯୪ ସରପଞ୍ଚ, ୬୭୯୩ ସମିତି ସଭ୍ୟ ଓ ୮୫୩ ଜିଲା ପରିଷଦ ପଦ ପାଇଁ ଭୋଟ ହେବ। ରାଜ୍ୟର ମୋଟ ୨ କୋଟି ୭୯ ଲକ୍ଷ ୩୫ ହଜାର ୫୨୦ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ତେବେ ଜଗତ୍‌ସିଂହପୁର ଜିଲାର ଢିଙ୍କିଆ ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡମେମ୍ବର ନିମନ୍ତେ ନିର୍ବାଚନ ହେବ ନାହିଁ। ଭୋଟ୍ ପାଇଁ ଏବେ ରାଜ୍ୟ ସାରା ଗାଁ ଗହଳରେ ନିର୍ବାଚନୀ ମାହୋଲ ସରଗରମ ହେବାରେ ଲାଗିଛି।

## ଟ୍ରମା କେୟାରକୁ ...

ତାହା ହେଲା ବିଶାଖାପାଟଣାର ମେଡିକୋଭର ହସ୍ପିଟାଲ ଏବଂ ରାୟପୁରର ରାମକ୍ରିଷ୍ଣା କେୟାର ହସ୍ପିଟାଲ। ଦକ୍ଷିଣ ଓଡ଼ିଶାରେ କୌଣସି ଦୁର୍ଘଟଣା ହେଲେ ଗୁରୁତର ଆହତଙ୍କୁ ପ୍ରଥମ ୪୮ ଘଣ୍ଟା ଚିକିତ୍ସା ଲାଗି ବିଶାଖାପାଟଣାର ଉକ୍ତ ଘରୋଇ ହସ୍ପିଟାଲକୁ ନେବାକୁ ପଡ଼ିବ। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଥିବା ଟ୍ରମା କେୟାର ସେଣ୍ଟରରେ ଦୁର୍ଘଟଣାଜନିତ ଚିକିତ୍ସା ଲାଗି ଡାକ୍ତର ନାହାନ୍ତି। ସେଠାରୁ ପ୍ରାୟତଃ ଆହତମାନଙ୍କୁ କଟକ ଏସ୍‌ସିବି ମେଡିକାଲକୁ ରେଫର କରାଯାଉଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଯେଉଁ ଟ୍ରମା କେୟାର ସେଣ୍ଟର ରହିଛି ସେଠାରେ ମଧ୍ୟ ଡାକ୍ତର ଅଭାବ ମୁଖ୍ୟ ସମସ୍ୟା। ସେହି ଟ୍ରମା କେୟାର ସେଣ୍ଟର ମଧ୍ୟ ଲେଭଲ-୨ କାଟେଗୋରିର ବୋଲି ମେଡିକାଲ କଲେଜ ଓ ହସ୍ପିଟାଲରେ ଥିବା କମିଟିର ଜଣେ ସଦସ୍ୟ କହିଛନ୍ତି। ସେହିପରି ସମ୍ବଲପୁର ଭିମସାର୍ ହସ୍ପିଟାଲରେ ମଧ୍ୟ ଲେଭଲ-୨ର ଟ୍ରମା କେୟାର ସେଣ୍ଟର ରହିଥିବା ବେଳେ ଡାକ୍ତର ଅଭାବ ରହିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉପଯୁକ୍ତ ଭାବେ ଟ୍ରମା କେୟାର ହେଉ ନ ଥିବା ଜଣାପଡ଼ିଛି। ସେଠାରେ ଯେଉଁ ଟ୍ରମା କେୟାର ସେଣ୍ଟର ରହିଛି, ତାହାର ଲେଭଲ କ'ଣ ସେ କଥା ଜାଣି ନ ଥିବା ସିଡିଏମ୍‌ଓ ପ୍ରଣବ ପ୍ରକାଶ ଦାସ କହିଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ଏସ୍‌ସିବି ହସ୍ପିଟାଲରେ ଲେଭଲ-୧ର ଟ୍ରମା କେୟାର ସେଣ୍ଟର ରହିଛି। ଏମ୍‌କେସିଜି ଏବଂ ଭିମସାର୍ ହସ୍ପିଟାଲର ଟ୍ରମା କେୟାର ସେଣ୍ଟରକୁ ଲେଭଲ-୧କୁ ଉନ୍ନୀତ କରାଯାଇଛି। ରାଜ୍ୟର ବାକି ୪ଟି ମେଡିକାଲ କଲେଜ ଓ ହସ୍ପିଟାଲରେ ଲେଭଲ-୨ ଟ୍ରମା କେୟାର ସେଣ୍ଟର ରହିଛି। ରାଜ୍ୟର ସବୁ ଜାଗାରେ ନ୍ୟୁରୋ ସର୍ଜନ ଦେଇ ହେବନାହିଁ। ଏହା କେବଳ ଓଡ଼ିଶାର ନୁହେଁ, ସାରା ଦେଶରେ ଏହି ସମସ୍ୟା ରହିଛି। ଯେଉଁଠି ନ୍ୟୁରୋ ସର୍ଜରୀ କରାଯାଇପାରିବ ସେଠାରେ ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଉଛି। ସବୁଠି ସବୁ ପ୍ରକାର ସେବା ଦେଇହେବନାହିଁ। ଦୁର୍ଘଟଣା ପରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ପ୍ରଥମେ ସ୍ଥିର ସ୍ଥିତିକୁ ଆଣି ଅନ୍ୟ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରାଯାଉଛି ବୋଲି ମହାପାତ୍ର କହିଛନ୍ତି। ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଯେପର୍ଯ୍ୟନ୍ତ ହସ୍ପିଟାଲଗୁଡ଼ିକରେ ଡାକ୍ତର ଅଭାବ ସମସ୍ୟା ହଟିନି ଏବଂ ଟ୍ରମା ଚିକିତ୍ସା ଲାଗି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଠିକ୍ ବ୍ୟବସ୍ଥା ହୋଇନାହିଁ ସେପର୍ଯ୍ୟନ୍ତ କିଛି କରିହେବ ନାହିଁ। ୩୦ ଜିଲାରେ ଟ୍ରମା କେୟାର ସେଣ୍ଟର ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଗତ ୪ ବର୍ଷ ହେଲା କହି ରହିଯାଉଛି। ସୁପ୍ରିମକୋର୍ଟ କମିଟି ପଚାରିଲେ ଆମେ ମଧ୍ୟ ସମାନ ଉତ୍ତର ଦେଇଚାଲିଛୁ ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟ ସେମିତି ବଢିଚାଲିଛି ବୋଲି ପରିବହନ ବିଭାଗର ଅଧିକାରୀ ଜଣକ କହିଛନ୍ତି।

## ବ୍ୟାଙ୍କରେ ୨୦ ଘଣ୍ଟା ...

ବ୍ୟାଙ୍କର ପୂର୍ବତନ କର୍ମଚାରୀ କୁଲଦୀପ କୌଣସି କାମ ଥିବା ବାହାନା କରି ବ୍ୟାଙ୍କକୁ ଯାଇଥିଲେ ଏବଂ ଯୋଜନା ମୁତାବକ ଏକ କୋଠରିରେ ଲୁଚିଯାଇଥିଲେ। ସନ୍ଧ୍ୟାରେ କର୍ମଚାରୀମାନେ ବାହାରପଟୁ ତାଲା ପକାଇ ଯିବା ପରେ ରାତିରେ କୁଲଦୀପ ବ୍ୟାଙ୍କ ମ୍ୟାନେଜରଙ୍କ ରୁମରେ ଥିବା ଷ୍ଟ୍ରଙ୍ଗରୁମ୍, ଲକର ଚାବି ଆଣି ସୁନା ଓ ଟଙ୍କା ବାହାର କରିଥିଲେ। ପୁନର୍ବାର ଲକର ସମେତ ଷ୍ଟ୍ରଙ୍ଗ୍ ରୁମରେ ତାଲା ପକାଇ ନିର୍ଦ୍ଧାରିତ ସ୍ଥାନରେ ଚାବି ରଖିଦେଇ ସେହି ପ୍ରକୋଷ୍ଠରେ ଲୁଚିଯାଇଥିଲେ। ପରଦିନ ବ୍ୟାଙ୍କ କାର୍ଯ୍ୟ ସ୍ୱାଭାବିକ ହେବା ପରେ ମଧ୍ୟ ଏହାର ସୁରାକ କେହି ପାଇପାରି ନ ଥିଲେ। ଏହାର ସୁଯୋଗ ନେଇ ଘଣ୍ଟାଏ ପରେ କୁଲଦୀପ ବ୍ୟାଙ୍କରୁ ଖସି ପଳାଇଥିଲେ। ସିସିଟିଭି ଫୁଟେଜ୍ ତନାଘନା କରିବା ପରେ ସମସ୍ତ ଘଟଣାବଳୀ ଜଣାପଡିଥିଲା। ଚୋରି ହୋଇଥିବା ମୋଟ ୧,୬୦୦ ଗ୍ରାମ ସୁନା ମଧ୍ୟରୁ ଅଭିଯୁକ୍ତଙ୍କ ଆଲମିରାରୁ ୧,୧୮୯ ଗ୍ରାମ ଏବଂ ନଗଦ ଲକ୍ଷାଧିକ ଟଙ୍କା ଜବତ କରାଯାଇଛି। ଅବଶିଷ୍ଟ ସୁନା ଖୁବ୍‌ଶୀଘ୍ର ଜବତ କରାଯିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନୀ ନାୟକ, ଲକ୍ଷ୍ମୀପୁର ଥାନା ଅଧିକାରୀ ଶ୍ୱେତପଦ୍ମା ସେଠଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୭୪,୮୬,୦୮୪ | ୫୫,୫୫,୮୨୮ | ୨୬,୬୮,୯୨,୩୬୫ |
| ଭାରତ | ୩,୭୧,୨୨,୧୬୪ | ୪,୮୬,୦୯୪ | ୩,୫୦,୮୫,୭୨୧ |
| ଓଡ଼ିଶା | ୧୧,୩୩,୯୧୨ | ୮୪୮୧(+୫୩) | ୧୦,୬୦,୦୬୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ, ୨ ଗିରଫ

**ରାଉରକେଲା ଅଫିସ,୧୬।୧:** କୋରାପୁଟରୁ ବନାରସକୁ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ କରୁଥିବାବେଳେ ରାଉରକେଲା ଜିଆରପି ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବନାରସର କୁଲଦୀପ ଶର୍ମା(୨୨) ଓ ରୋହିତ ଜସୱାଲ(୨୫)। ରାଉରକେଲା-କୋରାପୁଟ ଟ୍ରେନ ଯୋଗେ ଶନିବାର ସୁନାବେଡା ଅଞ୍ଚଳରୁ ଉଭୟ ବ୍ୟବସାୟୀ ୨୫ କେଜି ଗଞ୍ଜେଇ ଧରି ବନାରସ ଅଭିମୁଖେ ଯାଉଥିଲେ। ଟ୍ରେନ୍ ରାଉରକେଲା ଷ୍ଟେଶନରେ ପହଞ୍ଚିବା ପରେ ଜିଆରପି ପୋଲିସ ଜେନେରାଲ ବଗିରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୮।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି।

### ରାଉରକେଲାରେ ମାସିକ ସାହିତ୍ୟ ଆସର

**ରାଉରକେଲା ଅଫିସ,୧୬।୧:** ରାଉରକେଲା ଜେଲ ରୋଡ୍ ସ୍ଥିତ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ଆନୁକୂଲ୍ୟରେ ରବିବାର 'ସ୍ୱାମୀ ବିବେକାନନ୍ଦ ଓ ସ୍ୱାଧୀନତା ଆନ୍ଦୋଳନ' ଶୀର୍ଷକ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ଏହି ଆସରରେ ହୃଷିକେଶ ରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା, ଭବାନୀ ଶଙ୍କର ଚାନ୍ଦେଲ, ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ଡ. ସୁବାସ ଚନ୍ଦ୍ର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଇଂ. ଶୁଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଭିପ୍ସା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁରୁଷଙ୍କ ତୁଳନାରେ ମହିଳା ଭୋଟର ଅଧିକ

**ରାଜଗାଙ୍ଗପୁର**

**ରାଜଗାଙ୍ଗପୁର,୧୬।୧(ଡି.ଏନ.ଏ.):** ଆସନ୍ତା ଫେବୃୟାରୀ ୨୦ତାରିଖ ରାଜଗାଙ୍ଗପୁର ବ୍ଲକରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ରାଜଗାଙ୍ଗପୁର ବ୍ଲକରେ ମୋଟ ୨୦ଟି ପଞ୍ଚାୟତ ରହିଛି। ୨୦ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୨୬୫ ୱାର୍ଡ ମେମ୍ବର ପଦ ତଥା ୨ଟି ଜିଲା ପରିଷଦ ସଦସ୍ୟ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଚଳିତବର୍ଷ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାଜଗାଙ୍ଗପୁରରେ ସମୁଦାୟ ୮୦ ହଜାର ୨୧ଜଣ ମତଦାତା ମତଦାନ କରିବେ। ତେବେ ଏଥର ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷ ମତଦାତାଙ୍କ ତୁଳନାରେ ଅଧିକ ରହିଛି। ମହିଳା ମତଦାତା ୪୧୨୬୩ ଜଣ ଥିବାବେଳେ ପୁରୁଷ ମତଦାତା ୩୮୭୪୮ ଜଣ ରହିଛନ୍ତି। ଅନ୍ୟ ମତଦାତାଙ୍କ ସଂଖ୍ୟା ୧୦ ରହିଛି। ରାଜଗାଙ୍ଗପୁର ବ୍ଲକର ୨୦ଟି ପଞ୍ଚାୟତ ମଧ୍ୟରୁ ଟୁଙ୍ଗିମାଟି ପଞ୍ଚାୟତରେ ସର୍ବାଧିକ ମତଦାତାଙ୍କ ସଂଖ୍ୟା ୬୮୯୫ ଜଣ ରହିଥିଲା ବେଳେ ଛତାମ ପଞ୍ଚାୟତରେ ସର୍ବନିମ୍ନ ୧୩୬୩ ଜଣ ମତଦାତା ରହିଛନ୍ତି। ବର୍ତ୍ତମାନଠାରୁ ଦଳୀୟ ଆଶାୟୀ ପ୍ରାର୍ଥୀ ଓ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିବାକୁ ଥିବା ପ୍ରାର୍ଥୀମାନେ ଭୋଟର ତାଲିକା ଧରି ନିଜ ନିଜର ଅଙ୍କ କଷିବା ଆରମ୍ଭ କରିଦେଲେଣି। ଏଥିସହିତ ନିଜ ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣପତ୍ର ଯୋଗାଡ କରିବାରେ ବ୍ୟସ୍ତ ରହୁଥିବାର ଦେଖିବାକୁ ମିଳିଛି।

# କୋଭିଡ୍ କଟକଣାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଲ୍ଲଂଘନ

**ଝାରସୁଗୁଡା ଅଫିସ୍,୧୬।୧**



ମୟୂରଡିମା ଗ୍ରାମରେ ଶତାଧିକ ଲୋକଙ୍କ ଗହଣରେ ଚାଲିଥିବା ଆଦିବାସୀଙ୍କ ପର୍ବରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନୃତ୍ୟ।



ଲଖନପୁର ବ୍ଲକ ସାହାଜବାହାଲ, ପୁରୁଣା ଅଡାପଡାରେ ଶତାଧିକ ଲୋକଙ୍କ ଗ୍ରହଣରେ ଚାଲିଥିବା ବିଜେଡିର କର୍ମୀ ସମାବେଶ ଓ ମିଶ୍ରଣ ପର୍ବ।

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ନିର୍ବାଚନ କମିଶନ କୋଭିଡ୍ କଟକଣା ପାଳନ କରି ପଞ୍ଚାୟତ ନିର୍ବାଚନ କରାଇବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିପାଇଁ ନିର୍ବାଚନ କମିଶନର କେତେକ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏହି ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଶତାଧିକ ଲୋକଙ୍କ ଗହଣରେ ଯୋଗଦେଇ ଜିଲାର ବିଭିନ୍ନ ଦଳୀୟ ନିର୍ବାଚନ କାର୍ଯ୍ୟକ୍ରମ ଓ ପୂଜା ଉତ୍ସବରେ ନାଚୁଥିବା ଦେଖିବାକୁ ମିଳୁଛି। ଜିଲାରେ ସ୍ୱାସ୍ଥ୍ୟମନ୍ତ୍ରୀ କୋଭିଡ୍ କଟକଣାକୁ ଉଲ୍ଲଂଘନ କରିଚାଲିଛନ୍ତି। ଏହାକୁ ନେଇ ଜିଲାରେ ବିରୋଧି ଦଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉପରେ ବିଷୋଦ୍‌ଗାରକରି ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଗତ ୩ଦିନ ହେଲାଣି ଜିଲାର ଲଖନପୁର ବ୍ଲକ୍‌ର ୩ ଜିଲା ପରିଷଦ ଜୋନ୍‌ରେ ବିଜେଡି ତରଫରୁ ପୃଥକ ଭାବେ ୬ଟି ସ୍ଥାନରେ କୋଭିଡ୍ ନିୟମ ଉଲ୍ଲଂଘନ କରାଯାଇ ଶତାଧିକ ଲୋକଙ୍କ ସମାଗମରେ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ, ଜିଲା ପର୍ଯ୍ୟବେକ୍ଷକ ଏମ୍‌ପି ସୁବାସ ସିଂହ ଓ ଦଳୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ଓ ଫୁଲ୍‌ମାଳ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି। ଏହିସବୁ ଦଳୀୟ କାର୍ଯ୍ୟକ୍ରମରେ ଭିଡିଓ ଏବଂ ଫଟୋ ନ ଉଠାଇବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କର୍ମୀମାନଙ୍କୁ ବାରଣ କରୁଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସାଙ୍ଗରେ ନେଇ ଚାଲିଥାନ୍ତି। ହେଲେ ଏବେ ତାଙ୍କର ଦୋଷ ଦୁର୍ବଳତା ପଦାରେ ପଡ଼ିଯିବ ଭାବି ଗଣମାଧ୍ୟମକୁ ଦୂରେଇ ରଖୁଛନ୍ତି। ଗତ ଶନିବାର ଜିଲାର ଲଇକେରା ବ୍ଲକ୍ ଅନ୍ତର୍ଗତ ମୟୂରଡିମା ଗ୍ରାମରେ ଆଦିବାସୀଙ୍କ ଜଂଘା ବଡଦେଓଙ୍କ ପୂଜା ଚାଲିଥିବାବେଳେ ସେଠାରେ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଯୋଗଦେଇ ଜଂଘା ବଡ଼ଦେଓଙ୍କୁ ଧରି ନାଚିଥିଲେ। ଏହିସବୁ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହା ଉପରେ ଜନସାଧାରଣ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୋଭିଡ୍ ଉଲ୍ଲଂଘନକୁ ନେଇ ସମାଲୋଚନା କରିବାରେ ଲାଗିଛନ୍ତି। କୋଭିଡ୍ ନିୟମ ସାଧାରଣ ଲୋକଙ୍କ ପାଇଁ ମନ୍ତ୍ରୀ,ଏମ୍‌ପି ଓ ବଡବଡିଆଙ୍କ ପାଇଁ ନୁହେଁ ବୋଲି କମେଣ୍ଟ କରିଚାଲିଛନ୍ତି। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତଦନ୍ତ କରି କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା । ଏସମ୍ପର୍କରେ ଏସ୍‌ପି ବିକାଶ ଚନ୍ଦ୍ର ଦାସଙ୍କୁ ପଚାରିବାପରେ ସେ କହିଛନ୍ତି, ଏସମ୍ପର୍କରେ ତାଙ୍କୁ ଜଣାନାହିଁ। କ'ଣ ହୋଇଛି ତଦନ୍ତ ପରେ ଜଣାପଡିବ। ଏହିପରି ଲଇକେରା ଥାନା ଆଇଆଇସି ପ୍ରବୀର କେଶୋରୀ ତ୍ରିପାଠୀ କହିଛନ୍ତି, ଏସମ୍ପର୍କରେ ତାଙ୍କୁ କିଛି ଜଣାନାହିଁ। ଯଦି ପୂଜା ହେଉଥିଲା ସେମାନେ ଥାନାରୁ ପରିମିଶନ ନେବା କଥା । ଯଦି ନେଇ ନାହାନ୍ତି ତାହେଲେ ପୋଲିସ କେମିତି ଜାଣିବ ବୋଲି ସେ କହିଛନ୍ତି।

### ଫାଷ୍ଟଫୁଡ ଦୋକାନୀଙ୍କୁ ଅପହରଣ: ୪ ଗିରଫ

**ଦେବଗଡ଼,୧୬।୧(ଡି.ଏନ.ଏ)**

କୁକୁଡା ଟଙ୍କା ନ ଦେବାରୁ ଫାଷ୍ଟଫୁଡ ଦୋକାନୀଙ୍କୁ ଅପହରଣ ଅଭିଯୋଗରେ ବାରକୋଟ ଥାନା ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ରାଜମୁଣ୍ଡା ଗ୍ରାମର ପବିତ୍ର ମହନ୍ତ ଓ ତାଙ୍କ ଭାଇ ଚନ୍ଦନ ମହନ୍ତ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ କଡରେ ଏକ ଫାଷ୍ଟଫୁଡ ଦୋକାନ ଖୋଲି ଗୁଜୁରାଣ ମେଣ୍ଟାଉଥିଲେ। ଏହି ଦୋକାନ ପାଇଁ ପବିତ୍ରଙ୍କ ଭାଇ ରଞ୍ଜନ ମହାନ୍ତ ଗତ ୨ ତାରିଖ ବରଗଡ ଜିଲା କୁଚିପାଲି ଗ୍ରାମର ମହେଶ୍ୱର ମେହେରଙ୍କ ଠାରୁ ୨ଲକ୍ଷ ୨୨ ହଜାର ୫୦୦ ଟଙ୍କାର ବ୍ରଏଲର କୁକୁଡା ଆଣିଥିଲେ। ମହେଶ୍ୱର ଗତ ୫ ତାରିଖ ଏହି ବାବଦୀୟ ଟଙ୍କା ଆଦାୟ ପାଇଁ ରଞ୍ଜନଙ୍କ ପାଇଖକୁ ଆସିଥିଲେ ହେଁ ଦେଖା ନ ପାଇ ଫେରିଯାଇଥିଲେ। ଗତ ୧୩ ତାରିଖ ସନ୍ଧ୍ୟାରେ ମହେଶ୍ୱର ନିଜର ସାଥୀ ନାରାୟଣ ମେହେର, ମନୁ ରଣା, ଶିବାନନ୍ଦ ଅଦାବର ଓ ଶୁଭମ ମେହେରଙ୍କ ସହ ଏକ କାର ଯୋଗେ ଆସି ଚନ୍ଦନଙ୍କୁ ଜୋର ଜବରଦସ୍ତ ଅପହରଣ କରିନେବା ସହ କୁକୁଡା ବାବଦୀୟ ଟଙ୍କା ଦେବାକୁ ବାଧ କରିଥିଲେ । ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଚନ୍ଦନଙ୍କ ବଡଭାଇ ପବିତ୍ର ୧୪ ତାରିଖ ବାରକୋଟ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲେ। ୧୫ ତାରିଖ ଅପହୃତ ଚନ୍ଦନଙ୍କୁ ଉଦ୍ଧାର କରିବା ସହ ଅପହର୍ତ୍ତା ମହେଶ୍ୱର ମେହେର, ନାରାୟନ ମେହେର, ମନୁ ରଣା ଓ ଶିବାନନ୍ଦ ଅଦାବରଙ୍କୁ ଗିରଫ କରିଥିଲା। ସେହିପରି ବ୍ୟବହୃତ ଏକ କାର (ନଂ.ଓଡି ୧୭-ଏଲ ୭୦୮୪) ଓ ଏକ ମୋବାଇଲ ଜବତ କରିଥିଲା ।

## ଟ୍ରକ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା: ବିଦ୍ୟୁତ୍ ଯୋଗାଣ ବ୍ୟାହତ

**କୁଚିଣ୍ଡା,୧୬।୧(ଡି.ଏନ.ଏ.)**

■ ୪୦ ଖୁଣ୍ଟର ତାର ଛିଣ୍ଡିଲା
■ ଡ୍ରାଇଭର ଗିରଫ, ଟ୍ରକ ଜବତ



ଟ୍ରକ ଧକ୍କାରେ ବଙ୍କା ହୋଇ ଯାଇଥିବା ବିଦ୍ୟୁତ୍ ଖୁଣ୍ଟ।

ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅନ୍ତର୍ଗତ କୁସୁମୀ ବଜାରରେ ଏକ ଲୁହା ବୋଝେଇ ଟ୍ରକ ଧକ୍କାରେ ୪୦ ବିଦ୍ୟୁତ୍ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ ତାର ଟାଣି ହୋଇ ଛିଣ୍ଡି ଯାଇଛି । କେତେକ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିବା ସହ ଅନ୍ୟ କେତେକ ନଇଁ ଯାଇଛି । ଏଥିଯୋଗୁ ସଂପୃକ୍ତ ଅଞ୍ଚଳରେ ୨ ଦିନ ହେବ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି । କେହି ମୃତାହତ ହୋଇନାହାନ୍ତି । ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭରଙ୍କୁ ଗିରଫ କରାଯାଇଛି । ଶୁକ୍ରବାର ରାତି ପ୍ରାୟ ସାଢେ ୧୦ଟାରେ ଏକ ୧୪ଚକିଆ ଲୁହା ବୋଝେଇ ଟ୍ରକ (ନଂଓଡି୨୩ଏଲ୬୨୮୭)କୁସୁମୀ ବଜାର ଦେଇ ଅତିକ୍ରମ କରିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ଉକ୍ତ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିବା ସହ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ଥିବା ଅନ୍ୟ ବିଦ୍ୟୁତ୍ ଖୁଣ୍ଟଗୁଡିକର ତାର ଟାଣି ହୋଇ ଛିଣ୍ଡି ଯାଇଥିଲା । ଟ୍ରକ ଡ୍ରାଇଭରଙ୍କ ଅସାବଧାନତା ଯୋଗୁଁଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି । ପ୍ରବଳ ବର୍ଷାରେ ସମଗ୍ର କୁସୁମୀ ଅଞ୍ଚଳରେ ବିଦ୍ୟୁତ୍ ନ ଥିବାରୁ ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରି ଶନିବାର ସକାଳେ କୁସୁମୀ ବଜାର ଠାରେ ଟ୍ରକ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲେ । ଖବରପାଇ ମହୁଲପାଲି ଆଇଆଇସି ସୁଶାନ୍ତ ଦାସ ଓ ଏସଡିପିଓ ରାଜକିଶୋର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବିପ୍ରଚରଣ ବାଘଙ୍କ ରିପୋର୍ଟ କ୍ରମେ ପୋଲିସ କେଶ ନଂ୧୦ ଦଫା ୨୭୯/୨୮୭/୩୩୬ ଆଇପିସିରେ ମାମଲା ରୁଜୁ କରି ଛତିଶଗଡ ପ୍ରଦେଶ ବଳରାମପୁର ଜିଲା ବସନ୍ତପୁର ଥାନା ରାଜଖେଟା ଗ୍ରାମର ଟ୍ରକ ଡ୍ରାଇଭର ଶିବ କୁମାରଙ୍କୁ ଗିରଫ କରି ଟ୍ରକକୁ ଜବତ କରିଛି। ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟୁତ୍ ବିଭାଗ ଏସଡିଓ କ୍ଷତିଗ୍ରସ୍ତ ବିଦ୍ୟୁତ ଖୁଣ୍ଟ ଓ ଛିଣ୍ଡି ଯାଇଥିବା ତାରଗୁଡିକର ମରାମତି ଯୁଦ୍ଧ କାଳୀନ ଭିତ୍ତିରେ ଚଳାଇଛନ୍ତି । ଦିନେ ଦୁଇଦିନ ଭିତରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି।

## ଜେଲ୍ ଗଲେ ୩ ଅଭିଯୁକ୍ତ



ଗିରଫ ଅଭିଯୁକ୍ତମାନେ।

**ଦେବଗଡ଼,୧୬।୧(ଡି.ଏନ.ଏ)**

**ଚାଳକଙ୍କ ଗଳାକାଟି କାର୍ ଲୁଟ୍ ଉଦ୍ୟମ ଘଟଣା**

ଶୁକ୍ରବାର ବିଳମ୍ବିତ ରାତିରେ ଦେବଗଡ଼ ଥାନା ଅନ୍ତର୍ଗତ ଚଟି ବରଘାଟ-ତିଲେଇବଣି ୪୯ ନମ୍ବର ଜାତୀୟ ରାଜପଥରେ ସମ୍ବଲପୁରର ଜଣେ କାର ଚାଳକଙ୍କ ଗଳାକାଟି କାର ଲୁଟ ଉଦ୍ୟମ ଘଟଣାରେ ପୋଲିସ ଶନିବାର ଗିରଫ କରିଥିବା ବଡଡଙ୍ଗାଗାଟ ଗ୍ରାମର ରିଡୁ ଓରଫ ସମୀର ପେଣ୍ଟେଇ(୨୦), ଅଶୋକ ମହାକୁଳ(୧୯) ଓ ଶଙ୍କର ପେଣ୍ଟେଇ(୧୯)ଙ୍କୁ କୋର୍ଟ ଚାଲାଣ କରିଥିଲା । ମାତ୍ର ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଯୋଗ୍ୟ ଯେ, ଉପରୋକ୍ତ ୩ ଜଣ ଯୁବକ ଗାଡି ଚୋରି କରିବା ପାଇଁ ଶୁକ୍ରବାର ସମ୍ବଲପୁର ଯାଇ ଏକ ମାରୁତି କାର ନଂ. ଓଡି ୧୫ ଇ-୫୬୪୨ କୁ ଭଡାରେ ଦେବଗଡ ଆଣୁଥିଲେ। ବିଳମ୍ବିତ ରାତିରେ ଦେବଗଡ଼ ଥାନା ଅନ୍ତର୍ଗତ ଚଟି ବରଘାଟ ନିକଟରେ ତୀକ୍ଷ୍ଣ ଛୁରୀ ଦ୍ୱାରା ଉକ୍ତ କାର ଚାଳକ ରାଜୁ ଖାଁଙ୍କର ତଣ୍ଟିକାଟି କାରରୁ ତଳକୁ ଫିଙ୍ଗି ଫେରାର୍ ହେବାକୁ ଉଦ୍ୟମ କରିଥିଲେ। ସୂଚନା ପାଇ ଉକ୍ତ କାରର ମାଲିକ ସମ୍ବଲପୁର ଅଇଁଠାପାଲିର ପ୍ରେମଚାନ୍ଦ ପ୍ରସାଦ ଦେବଗଡ ପୋଲିସକୁ ସୂଚନା ଦେବା ପରେ ପୋଲିସ ଉକ୍ତ କାରକୁ ଜବତ କରିବା ସହ ରିଡୁ, ଅଶୋକ ଏବଂ ଶଙ୍କରକୁ ଧରି ଥାନାକୁ ଆଣିବାସହ ପଚରାଉଚରା କରିଥିଲା। ସେମାନଙ୍କ ନିକଟରୁ ଏକ ମୋବାଇଲ ଫୋନ, ୨ଟି ଛୁରୀ ଓ ଏକ ମହୁଲ ଠେଙ୍ଗା ମଧ୍ୟ ଜବତ କରିଥିଲା । ଅନ୍ୟପକ୍ଷରେ ଗୁରୁତର ଆହତ କାର ଚାଳକ ରାଜୁ ଖାଁଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା ।

### ବ୍ୟାନର ପୋଡାଜଳାକୁ ନେଇ ଉତ୍ତେଜନା

**ବାଲିଶଙ୍କରା,୧୬।୧ (ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ସ୍ଥାନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲାଗିଥିବା ହୋର୍ଡିଂ ଓ ବ୍ୟାନର ଆଦି ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ସରକାରୀ ହୋର୍ଡିଂ ପୋଡାଜଳାକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ଏହାକୁ ବିଜେଡି କର୍ମୀମାନେ ବିରୋଧ କରି ପାତିତୁଣ୍ଡ କରିଥିଲେ। ବିଜେଡି କର୍ମୀଙ୍କ ଅଭିଯୋଗ ଅନୁସାରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ବ୍ୟାନର ପୋଷ୍ଟର ଓ ହୋର୍ଡିଂଗୁଡିକ ଖୋଲି ସାଇତି ରଖା ନ ଯାଇ ପୋଡ଼ିଦିଆଯିବା ନିନ୍ଦନୀୟ ଘଟଣା। ଉତ୍ତେଜନା ପ୍ରକାଶ ପରେ ତଳସରା ଓ କିଞ୍ଜିରିକେଲା ଥାନା ପୋଲିସ ପହଞ୍ଚି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ହେଲେ ବ୍ୟାନର ପୋଡାଜଳା କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି କର୍ମୀ ଦାବି କରିଛନ୍ତି। ଏସମ୍ପର୍କରେ ବିଡିଓ ଫୋନ୍ ଉଠାଇ ନ ଥିବାବେଳେ ପୋଲିସ ନିର୍ବାଚନ ଆଚରଣ ବିଧି ଲାଗୁ ପରେ ନିୟମ ଅନୁସାରେ ବ୍ଲକର କିଛି କର୍ମଚାରୀ ସେଗୁଡିକ ଖୋଲିଲା ବେଳେ ଚିରି ଯାଇଥିବା ପ୍ରକାଶ କରିଛନ୍ତି। ଏହାକୁ ନେଇ କୌଣସି ଇସ୍ୟୁ ନ କରି ଶାନ୍ତିଶୃଙ୍ଖଳା ବଜାର ରଖିବାକୁ ପୋଲିସ ଅନୁରୋଧ କରିଛି।

## ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ



ରବିବାର ସମ୍ବଲପୁର ଜିଲାପାଳ ଅଫିସସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ।

**ସମ୍ବଲପୁର,୧୬।୧(ବ୍ୟୁରୋ)**

**କଟକଣା, ନିର୍ବାଚନୀ ନିୟମ ପାଳନ ପାଇଁ ପରାମର୍ଶ**

ସମ୍ବଲପୁର ଜିଲାପାଳ ସମ୍ମିଳନୀ କକ୍ଷରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ବାତୁଲା ଗଙ୍ଗାଧର ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ । ଏବେ କୋଭିଡ ସଂକ୍ରମଣ ବୃଦ୍ଧି ପାଉଛି । ଏଭଳି ପରିସ୍ଥିତିରେ ନିର୍ବାଚନ କରାଯାଉଛି। ତେଣୁ ନିର୍ବାଚନ କମିଶନ କଡା ନିୟମ ଲାଗୁ କରିଛନ୍ତି। ଅନ୍ୟପଟେ କୋଭିଡ କଟକଣା ମଧ୍ୟ ଲାଗୁ କରାଯାଇଛି। ତେଣୁ ସବୁ ଦଳ ଏହାକୁ ପାଳନ କରି ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦିଆଯାଇଥିଲା । କୋଭିଡ କଟକଣା ନ ମାନିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ କରାଯାଇଥିଲା ।

### ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ: ଭାରତ ଗୌରବ ଓ ମୁନୁ ଚାମ୍ପିୟନ

**ସମ୍ବଲପୁର,୧୬।୧(ବ୍ୟୁରୋ)**

ପ୍ରଥମ ପଶ୍ଚିମ ଓଡିଶା ୟୁଟ୍ୟୁବର ସେଲିବ୍ରିଟି ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ସମ୍ବଲପୁରସ୍ଥିତ ମହାନଦୀ ବ୍ଲକ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତ ଗୌରବ ଓ ମୁନୁ ଚାମ୍ପିୟନ ଏବଂ ପିଣ୍ଟୁ ଓ ମୁନା ଯୋଡି ରନର୍ସ ଅପ୍ ଟ୍ରଫି ହାସଲ କରିଛନ୍ତି । ପଶ୍ଚିମ ଓଡିଶା ୟୁଟ୍ୟୁବ ଆସୋସିଏଶନ ସଭାପତି ପାଣିନୀ ପ୍ରାଙ୍କଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଅମ୍ବିରା ସୋସିଓ ଟ୍ରଷ୍ଟର ଜୟଲାଲ ବେହେରା ମୁଖ୍ୟଅତିଥି, ୟୁଟ୍ୟୁବର ଇସାକ ମୁଣ୍ଡା, ଡା ବିନୋଦ ବିହାରୀ ନାୟକ, ଓଡିଆ ଚଳଚ୍ଚିତ୍ର ଅଭିନେତା ପ୍ରଦୀପ ଦତ୍ତ, ବ୍ୟବସାୟୀ ନାରାୟଣ ଅଗ୍ରୱାଲ, ପବନ କୁମାର ମିଶ୍ର, ଜ୍ୟୋତିରଞ୍ଜନ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସାଧାରଣ ସଂପାଦକ ରାଜକିଶୋର ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ କଣ୍ଠଶିଳ୍ପୀ ରୁକୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ମୋଟ ୧୬ଟି ୟୁଟ୍ୟୁବର ପ୍ରଡକସନର କଳାକାରମାନେ ସାମିଲ ହୋଇଥିଲେ ।

## ବ୍ରାହ୍ମଣୀପାଲକୁ ହରାଇ ଯୁଯୁମୁରା ଚାମ୍ପିୟନ

**ସମ୍ବଲପୁର,୧୬।୧(ବ୍ୟୁରୋ)**

**ଦୟାସାଗର ସ୍ମାରକୀ କ୍ରିକେଟ ପ୍ରତିଯୋଗିତା**

ଯୁଯୁମୁରା ବ୍ଲକ କେଶାପାଲିସ୍ଥିତ ନରଦାମୁଣ୍ଡା ଖେଳ ପଡ଼ିଆରେ ଗିରି ଗୋବର୍ଦ୍ଧନ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ସପ୍ତମ ଦୟାସାଗର ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଶନିବାର ଅନୁଷ୍ଠିତ ଫାଇନାଲରେ ବ୍ରାହ୍ମଣୀପାଲକୁ ପରାସ୍ତ କରି ଯୁଯୁମୁରା ଚାମ୍ପିୟନ ହୋଇଛି। ବିଜେତା ଦଳର ଜେକି ପ୍ରଧାନ ୨୨ ବଲରେ ବିସ୍ଫୋରକ ୭୧ ରନ କରି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଆସଫ ଅଲି ଖାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଜେଶ ମିଶ୍ର ଓ ଏକାଦଶୀ ଭୋଇ ଖେଳ ପରିଚାଳନା କରିଥିଲେ । ନୀଳମଣି ପ୍ରଧାନ ସ୍କୋରର ଥିଲେ । ସୌକିଲାଲ ଜଗତ, ଲିପୁ ପ୍ରଧାନ ଧାରା ବିବରଣୀ ଦେଇଥିଲେ । କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।



ମୁଖ୍ୟଅତିଥି ବିଜେତା ଦଳକୁ ପୁରସ୍କାର ପ୍ରଦାନ କରୁଛନ୍ତି।

## ବ୍ରଜରାଜନଗରକୁ ହରାଇ କମିଶନର କଲୋନୀ ବିଜୟୀ

**ସମ୍ବଲପୁର,୧୬।୧(ବ୍ୟୁରୋ)**

**୧୩ତମ ମହେଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**



ମହେଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ନିକଟସ୍ଥ ସର୍ତ୍ତୁରେଇ ଖେଳପଡିଆରେ ରବିବାର ୧୩ ତମ ମହେଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିନ ଏମ୍ପିସନ କ୍ଲବ ବ୍ରଜରାଜନଗର ଓ କମିଶନର କଲୋନୀ କ୍ରିକେଟ କ୍ଲବ ମଧ୍ୟରେ ଖେଳ ହୋଇଥିଲା। କମିଶନର କଲୋନୀ ଦଳ ପ୍ରଥମେ ଟସ୍ ଜିଣି ଫିଲଡିଂର ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ବଜ୍ରରାଜନଗର ଦଳ ୨୪ ଓଭର ୫ ବଲରେ ସମସ୍ତ ଉଇକେଟ ହରାଇଥିଲେ। ବଜ୍ରରାଜନଗର ଦଳର ରୋଶନ ପ୍ରସାଦଙ୍କ ୨୭ ବଲ ୪୦ ରନ ସହାୟତାରେ ଦଳ ୧୩୯ ରନ ସଂଗ୍ରହ କରିଥିଲା । ଜବାବରେ କମିଶନର କଲୋନୀ କ୍ରିକେଟ କ୍ଲବ ଦଳର ରୋଶନ ମହାପାତ୍ର ୩୧ ବଲ ୪୭ ରନ ଓ କୁଶଳ ପଟେଲ ୫୯ ବଲ ୪୮ ରନ ସହାୟତାରେ ୧୪୦ ରନ ଲକ୍ଷ୍ୟକୁ ୬ ଉଇକେଟରେ ବିଜୟ ଲାଭ କରିଥିଲେ । ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶାନ୍ତି ସାହୁ ଯୋଗଦେଇ ରୋଶନ ମହାପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମୁଖ୍ୟଅତିଥି ସତ୍ୟ ନାରାୟଣ ବେରିହା, ସନତ୍ ଚୌହାନ, ରାଜିନ୍ଦ୍ର ବାରିକ, ଯତୀନ୍ଦ୍ର ବାରିକ, ଦିନେଶ ପୁଝାରୀ ଓ ଏମ.ସି.ସି(ମାନେଶ୍ୱର) କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସ୍କୋର ବୋର୍ଡ ଦାୟିତ୍ୱ ଆଲୋକ ସାହୁ ତୁଲାଇଥିଲେ। ଧାରା ବିବରଣୀ ଇଂରାଜୀରେ ଯୋଗେଶ ଚନ୍ଦ୍ର ପୁରୋହିତ, ସମ୍ବଲପୁରୀରେ ଦିଲୀପ ପୂଜାରୀ, ହିନ୍ଦୀରେ ବିକାଶ ସାହୁ କରିଥିଲେ ।

ଯୀଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା– ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ଼ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ– ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। –ଶ୍ରୀଅରବିନ୍ଦ



# ଟିକେଟ ପାଇଁ ବ୍ୟାକୁଳ

ସାଂପ୍ରତିକ ନିର୍ବାଚନ ସ୍ଥିତି ଦେଖିଲେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ପଞ୍ଜାବ ଓ ମଣିପୁରରେ ଆସନ୍ତା ମାସ ବିଧାନସଭା ଭୋଟ୍ ହେବାକୁ ଯାଉଛି। ଏବେ ଦଳଗୁଡ଼ିକ ଟିକେଟ ନ ମିଳିବାରୁ କାନ୍ଦିବା ଓ ଆତ୍ମହତ୍ୟା ଉଦ୍ୟମ ଭଳି ଆଶାୟୀ ନେତାଙ୍କ ବିଚିତ୍ର ଘଟଣାସବୁ କୌତୁହଳ ପାଲଟିଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ୫ଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଫଳାଫଳ କ୍ୱାର୍ଟର ଫାଇନାଲ ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି। ଏହି ରାଜ୍ୟ ନିର୍ବାଚନଗୁଡ଼ିକର ଗୁରୁତ୍ୱ କେବଳ ଉତ୍ତରପ୍ରଦେଶ ଯୋଗୁ ବୃଦ୍ଧି ପାଉଛି। କାରଣ ଉତ୍ତରପ୍ରଦେଶରୁ ସର୍ବାଧିକ ସାଂସଦ ପାର୍ଲାମେଣ୍ଟକୁ ଯାଇଥାଆନ୍ତି। ଏହି ରାଜ୍ୟରେ ଭାଜପା ପୁଣି କ୍ଷମତାକୁ ଯେଭଳି ଫେରିପାରିବ ସେଥିପାଇଁ ଦଳ ଜୋରଦାର ପ୍ରୟାସ କରିଚାଲିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ଥର ବି ଏବେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେବେ, ତାହା ଆଜି ପର୍ଯ୍ୟନ୍ତ ଭାଜପା କେନ୍ଦ୍ରୀୟ ନେତୃତ୍ୱ ଦ୍ୱାରା ସ୍ପଷ୍ଟ କରାଯାଇ ନାହିଁ। କୁହାଯାଉଥିଲା ଯୋଗୀ ଆଦିତ୍ୟନାଥ ଅଯୋଧ୍ୟାରୁ ଲଢ଼ିବେ ବୋଲି ଇଚ୍ଛୁକ ଥିଲେ। କିନ୍ତୁ ତାଲିକାରେ ତାଙ୍କ ନାମ ଗୋରଖପୁରରୁ ଉଠିଛି। ଏହା ଏକ ଦଳୀୟ ନିଷ୍ପତ୍ତି ହେଲେ ମଧ୍ୟ ତାହା ରାଜନୈତିକ ଗୁରୁତ୍ୱ ଧାରଣ କରୁଛି। ଅନ୍ୟପଟେ ସେଠାରେ ସମାଜବାଦୀ ପାର୍ଟି (ଏସ୍‌ପି), ବହୁଜନ ସମାଜପାର୍ଟି (ବିଏସ୍‌ପି) ଏବଂ କଂଗ୍ରେସ ପୃଥକ୍ ଭାବେ ଲଢୁଥିବାରୁ ଭାଜପା ବିରୋଧୀ ଭୋଟ୍ ବିଭାଜିତ ହେବାର ସମ୍ଭାବନା ରହିଛି। ଏହି ବିଭାଜନ ଭାଜପାକୁ କେତେଦୂର ସାହାଯ୍ୟ କରିବ, ତାହା କୌଣସି ଜାତୀୟ ଗଣମାଧ୍ୟମରୁ ସ୍ପଷ୍ଟ ଜଣାପଡୁ ନାହିଁ। କିନ୍ତୁ ନିର୍ବାଚନମଣ୍ଡଳୀଗୁଡ଼ିକରେ ଘଟୁଥିବା ବିଭିନ୍ନ ଘଟଣା ଓ ଭୂମିମୂଳ ସ୍ତର ସ୍ଥିତି ସମ୍ପର୍କରେ କିଛିଟା ଆଲୋକପାତ କରୁଛି। ଗତ ଏକ ସପ୍ତାହ ମଧ୍ୟରେ ଯୋଗୀଙ୍କ ମନ୍ତ୍ରିମଣ୍ଡଳରୁ ୩ ଜଣ ମନ୍ତ୍ରୀ ଓ ଭାଜପାର ୫ ବିଧାୟକ ଦଳ ଛାଡ଼ି ଏସ୍‌ପିରେ ଯୋଗଦେଇଛନ୍ତି। ଓବିସିର ଟାଣୁଆ ନେତା ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କର ଇସ୍ତଫା ଭାଜପା ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି। ୨୦୧୭ ନିର୍ବାଚନ ପୂର୍ବରୁ ସେ ବିଏସ୍‌ପିରେ ଥିଲେ ଓ ଦଳଛାଡ଼ି ଭାଜପାରେ ଯୋଗଦେଇ ଯୋଗୀଙ୍କ ହାତଧରି ଟାଣ କରିପାରିଥିଲେ। ତାଙ୍କ ପଛରେ ଓବିସି ଭୋଟ ଥିବାରୁ ସେ ଏବେ ଏସ୍‌ପିରେ ଯୋଗଦେବା ଏକ ଭିନ୍ନ ଦିଗକୁ ଇଙ୍ଗିତ କରୁଛି। ସମ୍ଭବତଃ ସେ ଏସ୍‌ପିର ବିଜୟ ସମ୍ଭାବନାକୁ ମାପି ସାରିଲେଣି। ସେହିପରି ଅନ୍ୟ ଯେଉଁ ନେତା ଓ ମନ୍ତ୍ରୀ ଭାଜପା ପରିତ୍ୟାଗ କରି ଏସ୍‌ପିରେ ଯୋଗଦେଇଛନ୍ତି, ସେମାନେ ମଧ୍ୟ ଭାବିସାରିଲେଣି ଯେ ଏସ୍‌ପି ପ୍ରତି ଜନସାଧାରଣଙ୍କ ସମର୍ଥନ ବଢୁଥିବାରୁ ସେମାନଙ୍କ ନିଷ୍ପତ୍ତି ସକାରାତ୍ମକ ଫଳ ଦେବ। ଦେଖିବାକୁ ଗଲେ ଶାସକ ଦଳ ନିର୍ବାଚନ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଯେତିକି କାର୍ଯ୍ୟ କରିବାର ଦକ୍ଷତା ବା ଇଚ୍ଛା ନ ଥାଏ, ତାହାଠାରୁ ବହୁ ଅଧିକ ପ୍ରତିଶ୍ରୁତି ଦିଆଯାଇଥାଏ। ସେଭଳି ଅପାରଗତାର ଉଦାହରଣ କୋଭିଡ଼ ପରିଚାଳନା ସମୟରେ ଉତ୍ତରପ୍ରଦେଶରେ ଦେଖିବାକୁ ମିଳିଥିଲା। ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସେଠାରେ ଅସମ୍ଭାଳ ହୋଇପଡ଼ିଥିବା ସମ୍ପର୍କରେ ବହୁବାର ଖବର ମିଳିଛି। ଏଭଳି ସ୍ଥଳେ ଉତ୍ତରପ୍ରଦେଶରେ ନିର୍ବାଚନ ଜିତିବ ବୋଲି ଭାଜପା କେନ୍ଦ୍ରୀୟ ନେତୃତ୍ୱ ସନ୍ଦେହରେ ଥିବା ସ୍ୱାଭାବିକ। ପୂର୍ବରୁ ଯାହା କୁହାଯାଉଥିଲା, ଭାଜପାର ନିର୍ବାଚନ ରଥର ସାମ୍ନା କରିବା ପାଇଁ କୌଣସି ନେତୃତ୍ୱ ବା ସଙ୍ଗଠନ ଦେଶରେ ନାହିଁ; ପଶ୍ଚିମବଙ୍ଗରେ ସେହି ଭାବମୂର୍ତ୍ତି ଚୂରମାର ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବହୁଳ ମାତ୍ରାରେ ପ୍ରଚାର ସତ୍ତ୍ୱେ ଆଶାନୁରୂପ ଭୋଟ୍ ଆସିଲା ନାହିଁ କିମ୍ବା ସେଠାକାର ସରକାରରେ ପରିବର୍ତ୍ତନ ଘଟିଲା ନାହିଁ।

ଗତଥର ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ ଡିମନିଟାଇଜେଶନ ବା ବିମୁଦ୍ରୀକରଣ କରାଯିବା ଫଳରେ ବିରୋଧୀ ଦଳଗୁଡ଼ିକର ମନୋବଳ ଭାଙ୍ଗି ଦିଆଯାଇଥିଲା। ଅବଶ୍ୟ ସେତେବେଳେ ବିମୁଦ୍ରୀକରଣ କରାଯାଇ ନ ଥିଲେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାବମୂର୍ତ୍ତିକୁ ନେଇ ଉତ୍ତରପ୍ରଦେଶରେ ଭାଜପା ସରକାର ଗଢ଼ିପାରି ନ ଥାଆନ୍ତା। ଏବେ ପୁନର୍ବାର ବିମୁଦ୍ରୀକରଣ ଭଳି ମାରାତ୍ମକ ଖେଳ ଖେଳିବାର ସମ୍ଭାବନା କ୍ଷୀଣ। ଅପରପକ୍ଷରେ ହିନ୍ଦୁତ୍ୱବାଦୀ ପ୍ରଚାରର ଭୋଟ୍ ଉପରେ କେତେ ପ୍ରଭାବ ପଡ଼ିବ ତାହାକୁ ମଧ୍ୟ ଅଣଦେଖା କରିହେବ ନାହିଁ।

ଏବର ସ୍ଥିତି ଦେଖିଲେ କେବଳ ଶାସକ ଦଳ ଭିତରେ ସମସ୍ୟା ରହିଛି ତାହା ନୁହେଁ, ବିରୋଧୀ ଶିବିରରେ ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ଦେଖାଦେଇଛି। ୧୪ ଜାନୁୟାରୀରେ ବିଏସ୍‌ପି ନେତା ଅର୍ସଦ ରାଣାଙ୍କୁ ଦଳ ଟିକେଟ ନ ଦେବାରୁ ସେ ପୋଲିସ ଆଗରେ କାନ୍ଦି କହିଥିଲେ ଯେ, ୬୭ ଲକ୍ଷ ଟଙ୍କା ଦେଇଥିବା ସତ୍ତ୍ୱେ ତାଙ୍କୁ ଗୁରୁତ୍ୱ ଦିଆଗଲା ନାହିଁ। ସେହିପରି ୧୬ ଜାନୁୟାରୀରେ ଅସନ୍ତୁଷ୍ଟ ନେତା ଆଦିତ୍ୟ ଠାକୁରଙ୍କୁ ଏସ୍‌ପି ଟିକେଟ ନ ଦେବାରୁ ସେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ଶୁଣିବାକୁ ମିଳିଛି। ‘ଭାତହାଣ୍ଡିରୁ ଗୋଟିଏ ଟିପିଲା’ ଭଳି ଇଚ୍ଛୁକ ପ୍ରାର୍ଥୀଙ୍କ ବ୍ୟାକୁଳତା ପ୍ରମାଣ କରୁଛି ଯେ, ଏସ୍‌ପି ଟିକେଟ ପାଇବା ମାତ୍ରେ ଜିତାପଟ ସୁନିଶ୍ଚିତ ବୋଲି ଏକ ଧରଣା ସୃଷ୍ଟି ହୋଇଛି।

୫ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ଦେଖିଲେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ ଓ ମଣିପୁରରେ ଭାଜପା ସରକାର ଶାସନ କରୁଥିବା ବେଳେ ପଞ୍ଜାବରେ କଂଗ୍ରେସ ସରକାର ରହିଛି। ଉତ୍ତରପ୍ରଦେଶରେ ଯୋଗୀ ନିଜ ପାର୍ଟି ଭିତରୁ ବିରୋଧର ସମ୍ମୁଖୀନ ହୋଇଥିବା ବେଳେ ସାଧାରଣ ଲୋକେ ତାଙ୍କ ପ୍ରଶାସନକୁ ଭରସିପାରୁ ନାହାନ୍ତି। ଉତ୍ତରାଖଣ୍ଡରେ ଭାଜପା ଦୁଇଥର ନେତୃତ୍ୱ ପରିବର୍ତ୍ତନ କରିଥିବାରୁ ଦଳ ପ୍ରତି ଲୋକଙ୍କ ବିଶ୍ୱାସ କମିଥିବା ଆଲୋଚନା ହେଉଛି। ମଣିପୁରରେ ଭାଜପା ସାମାନ୍ୟ ଦୃଢ଼ ସ୍ଥିତିରେ ଥିଲେ ମଧ୍ୟ ଗୋଆରେ ଦଳୀୟ ନେତା ଓ ବିଧାୟକମାନେ ଦଳ ଛାଡୁଥିବାରୁ ତାହା ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ତେବେ ପଞ୍ଜାବରେ କଂଗ୍ରେସ ସର୍ବାଧିକ କ୍ଷତି ସହିବ ବୋଲି ଆକଳନ କରାଯାଉଛି। ଯେଉଁଭଳି ଢଙ୍ଗରେ ନିର୍ବାଚନ ପୂର୍ବରୁ କ୍ୟାପଟେନ୍ ଅମରିନ୍ଦର ସିଂଙ୍କୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଦାୟିତ୍ୱରୁ ହଟାଇ ଦିଆଗଲା, ତାହା ଦଳ ପାଇଁ କ୍ଷତି ପହଞ୍ଚାଇବା ସିଧା ଦିଶିଯାଉଛି। କେନ୍ଦ୍ରର ବିବାଦୀୟ କୃଷି ଆଇନ ନାଟକ ଯୋଗୁ ପଞ୍ଜାବରେ ଭାଜପା ବିପର୍ଯ୍ୟୟର ସମ୍ମୁଖୀନ ହେବା ଥୟ ବୋଲି ରାଜନୈତିକ ଚର୍ଚ୍ଚା ହେଉଛି। ତେଣୁ ପଞ୍ଜାବବାସୀ ଭାଜପା ପ୍ରତି ବିମୁଖ ହେବା ଓ କଂଗ୍ରେସକୁ ବିଶ୍ୱାସକୁ ନେଇପାରୁ ନ ଥିବାରୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆଡ଼କୁ ଲୋକଙ୍କ ସମର୍ଥନ ଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଯଦି ଆଗାମୀ ଦିନରେ ଉତ୍ତର ଭାରତର ଅଧିକାଂଶ ରାଜ୍ୟ ଭାଜପାର ବିରୋଧୀ ଦଳଗୁଡ଼ିକ ହାତକୁ ଚାଲିଯିବ, ତେବେ ତାହାର ପ୍ରଭାବ ୨୦୨୪ ସାଧାରଣ ନିର୍ବାଚନ ଉପରେ ପଡ଼ିବା ସୁନିଶ୍ଚିତ। ଅନ୍ୟପଟେ ସେତେବେଳକୁ ରାଜ୍ୟଗୁଡ଼ିକର ଶାସକ ଦଳ ବିରୋଧରେ ଯଦି ମତ ସୃଷ୍ଟି ହୋଇଯାଇଥାଏ, ତେବେ ପାର୍ଲାମେଣ୍ଟରେ ଭାଜପାକୁ ତାହା ସହାୟକ ହୋଇପାରେ। ତେଣୁ ଆଗାମୀ ଦିନରେ କିଏ କେତେ ଲୋକାଭିମୁଖୀ ହେବେ ତାହା ଭାରତର ଭବିଷ୍ୟତକୁ ନିର୍ଣ୍ଣୟ କରିବ।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | | |
| | 9 | | | | 8 | | 4 | 1 |
| | 1 | | | 7 | | 6 | | |
| | 5 | | | | | | 8 | |
| 6 | | | | | | | 3 | |
| | | | 6 | | 1 | | 2 | |
| 4 | | | | | 7 | | | |
| | | | 8 | | | | | 7 |
| 3 | | 2 | | | 4 | | 5 | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 2 | 6 | 1 | 3 | 9 | 7 | 5 |
| 7 | 1 | 9 | 5 | 2 | 8 | 3 | 4 | 6 |
| 5 | 6 | 3 | 9 | 7 | 4 | 8 | 1 | 2 |
| 1 | 8 | 6 | 4 | 9 | 5 | 7 | 2 | 3 |
| 3 | 7 | 4 | 2 | 6 | 1 | 5 | 8 | 9 |
| 9 | 2 | 5 | 3 | 8 | 7 | 1 | 6 | 4 |
| 6 | 5 | 7 | 8 | 4 | 9 | 2 | 3 | 1 |
| 4 | 9 | 1 | 7 | 3 | 2 | 6 | 5 | 8 |
| 2 | 3 | 8 | 1 | 5 | 6 | 4 | 9 | 7 |

ଗତକାଲିର ଉତ୍ତର

# ବିମୁଦ୍ରୀକରଣ କାହିଁକି ବିଫଳ ହେଲା



ଡ. ସନ୍ତୋଷ କୁମାର ମହାପାତ୍ର

ସରକାର କ୍ରୁର ବିମୁଦ୍ରୀକରଣ ପଦକ୍ଷେପ ନେବାର ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ଅତିକ୍ରାନ୍ତ ହେଲାଣି। ଏହି ପଦକ୍ଷେପ ଦୁର୍ନୀତି, କଳାଟଙ୍କା, ଜାଲ୍‌ନୋଟ କାରବାର ବନ୍ଦ କରିବା ସହିତ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଅଙ୍କୁଶ ଲଗାଇବ ବୋଲି କୁହାଯାଇଥିଲା। କିନ୍ତୁ ଯେତେବେଳେ ଏହି ଲକ୍ଷ୍ୟ ପୂରଣ ହେଲାନି, ସେତେବେଳେ ନଗଦମୁକ୍ତ ଅର୍ଥନୀତି ବା କ୍ୟାଶଲେସ ଅର୍ଥନୀତି ଲକ୍ଷ୍ୟ ବୋଲି କୁହାଗଲା। ପୁଣି ଯେତେବେଳେ ସରକାର ଦେଖିଲେ ନଗଦମୁକ୍ତ ଅର୍ଥନୀତି ଏକ ମରୀଚିକା ଏହା ବଦଳରେ କମ୍ ନଗଦଭିତ୍ତିକ ଅର୍ଥନୀତି ବା ଲେସ କ୍ୟାଶ ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ଯୋଡ଼ାଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ହାସଲ ହୋଇପାରିଲା ନାହିଁ। ପରେ ଏସବୁ ହାସଲ ନ ହେବା ଯୋଗୁ ଟିକସଦାତାଙ୍କ ସଂଖ୍ୟା ବଢ଼ାଇବା, ଅର୍ଥନୀତିକୁ ଅଣାନୁଷ୍ଠାନିକ କ୍ଷେତ୍ରରୁ ଆନୁଷ୍ଠାନିକ ବା ସଂଗଠିତ କ୍ଷେତ୍ରକୁ ରୂପାନ୍ତର କରିବା କଥା କୁହାଯାଇଥିଲା। କିନ୍ତୁ ୫ ବର୍ଷ ପରେ ସମସ୍ତେ ଏକମତ ହେବେ ଯେ ବିମୁଦ୍ରୀକରଣ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଉଦାହରଣସ୍ୱରୂପ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଦୁର୍ନୀତି ଧାରଣା ସୂଚକାଙ୍କ (ସିପିଆଇ –୨୦୧୮)ଅନୁଯାୟୀ, ୧୮୦ଟି ଦେଶ ମଧ୍ୟରୁ ଭାରତର ମାନ୍ୟତା ୭୮ ଥିଲା, ଯାହା ସିପିଆଇ –୨୦୧୯ରେ ୮୦କୁ ଖସିଆସିଥିଲା ଏବଂ ୨୦୨୧ରେ ୮୬କୁ ଖସି ଆସିଛି। ଅର୍ଥାତ୍ ଦୁର୍ନୀତି ଦୃଷ୍ଟିରୁ ଭାରତ ୮୫ଟି ଦେଶ ଆଗରେ। ଦେଶର ଅନ୍ୟାୟ ଏବଂ ଅସ୍ୱଚ୍ଛ ଭାବେ ରାଜନୈତିକ ଦଳ ପାଣ୍ଠିକୁ ଆସୁଥିବା ପ୍ରଚୁର ଅର୍ଥକୁ ନେଇଁ ପ୍ରଶ୍ନ ଉଠିଛି। ଏଣୁ ଜାଣିଶୁଣି ଗତ ୫ବର୍ଷ ହେବ ବିଦେଶୀ ଆକାଉଣ୍ଟରେ କଳା ଟଙ୍କା ପରିମାଣ ସମ୍ପର୍କରେ କୌଣସି ସରକାରୀ ଆକଳନ କରାଯାଇ ନାହିଁ।

କଳାଟଙ୍କା ହ୍ରାସ ସାମାନ୍ୟ ହ୍ରାସ ନ ପାଇବାର କାରଣ ହେଲା ଏହାର ମୂଳ କାରଣର ସମାଧାନ ନ କରିବା। ମୂଳ କାରଣ ହେଲା ଉପରୁ ତଳୁ ଅଧିକାଂଶଙ୍କର ଦୁର୍ନୀତିର ମାନସିକତା ଏବଂ ନିର୍ବାଚନ ପ୍ରକ୍ରିୟାରୁ ସୃଷ୍ଟ ଦୁର୍ନୀତି ଓ କଳାଟଙ୍କାର ସାମ୍ରାଜ୍ୟ। ବାସ୍ତବରେ ନିର୍ବାଚନ ପ୍ରକ୍ରିୟା ଦୁର୍ନୀତିର ମୂଳ ଉତ୍ସ ହୋଇଛି; ଯାହାର କେହି ସଂସ୍କାର କରୁନାହାନ୍ତି। ନିର୍ବାଚନରେ ରାଜନେତା, ରାଜନୈତିକ ଦଳ ଯେଉଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ତାହା କ'ଣ ଦୁର୍ନୀତି ଓ କଳାଟଙ୍କା ବିନା ସମ୍ଭବ। ନିର୍ବାଚନ ପ୍ରକ୍ରିୟା ଏତେ ବ୍ୟୟବହୁଳ ଓ କଳୁଷିତ ହେଲାଣି ଯେ ବିନା ଅର୍ଥ ଓ ବାହୁବଳରେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ସମ୍ଭବ ନୁହେଁ। ବିନା ଅର୍ଥ ବାହୁବଳରେ ପଞ୍ଚାୟତ ନିର୍ବାଚନ ଜିତି ହେବନି, ଲୋକ ସଭା, ବିଧାନସଭା ଆସନରେ ଜିତିବା ଏକ ମରୀଚିକା। ବିନା ଅର୍ଥରେ କେହି ନେତାଙ୍କ ରାଲି, ସଭାକୁ ଯିବେନି କି ପଛରେ ଧାଇଁବେ ନାହିଁ। ଅନେକ ଲୋକ ଭୋଟ ଦେବା ପାଇଁ ଅର୍ଥ ନେଉଛନ୍ତି ଏବଂ ନେତା ଦେଉଛନ୍ତି। କୋଟି କୋଟି କଳାଟଙ୍କା ନିର୍ବାଚନରେ ନେତା ବ୍ୟୟ କରୁଛନ୍ତି। ସେଣ୍ଟର ଫର ମିଡିଆ ଷ୍ଟଡିଜ (ସିଏମ୍‌ଏସ୍ ) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୨୦୧୯ ଲୋକ ସଭା ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ହୋଇଥିବା ମୋଟ ଖର୍ଚ୍ଚ ପରିମାଣ ପ୍ରାୟ ୬୦,୦୦୦କୋଟି ଟଙ୍କା ହେବ। ଭାଜପା ପ୍ରାୟ ୨୭,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଏହି ଅର୍ଥ କେଉଁଠୁ ଆସୁଛି ? ନେତାମାନେ ବିଭିନ୍ନ ଅନୈତିକ ପଥ ଅବଲମ୍ବନ କରି କଳା ଟଙ୍କା ଠୁଳ କରୁଛନ୍ତି। ଏଣୁ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ସଂସ୍କାର ନ ଆଣି କଳାଟଙ୍କା ଉଦ୍ଧାର ସମ୍ଭବ ନୁହେଁ।

ଭାରତରେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ରାଜନେତାଙ୍କ ଦୁର୍ନୀତି, କଳାଧନ ବିରୋଧୀ ସ୍ଲୋଗାନ ଓ ଲଢ଼େଇକୁ ସାଧାରଣ ଜନତା ବିଶ୍ୱାସ କରିବା ଏବଂ ଅମୁକ ନେତା ଦୁର୍ନୀତିଗ୍ରସ୍ତ ବୋଲି ଭାବିଲାବେଳେ, ଆଉଜଣକୁ ସ୍ୱଚ୍ଛ, ସାଧୁ ଦୁର୍ନୀତିମୁକ୍ତ ବୋଲି ବିଶ୍ୱାସ କରିବା। ହୁଏତ କିଏ ଚଳନୀୟ, କମ୍ ବା ବେଶି ଦୁର୍ନୀତିଗ୍ରସ୍ତ ହୋଇପାରେ, କିନ୍ତୁ ସମ୍ପୂର୍ଣ୍ଣ ସ୍ୱଚ୍ଛହେବା ରାଜନୀତିରେ ସମ୍ଭବ ନୁହେଁ। ଲୋକଙ୍କର ଏହି ଦୁର୍ନୀତି ବିରୋଧୀ ମାନସିକତାର ଫାଇଦା ନେଇ ରାଜନେତା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଦୁର୍ନୀତି ସହିତ ସଂପୃକ୍ତ ଥିଲେ ମଧ୍ୟ ନିଜକୁ ସ୍ୱଚ୍ଛ, ସାଧୁ ବୋଲି ପ୍ରତିପାଦନ କରିବା ପାଇଁ ଚେଷ୍ଟା କରିଥାନ୍ତି ଏବଂ ଦୁର୍ନୀତି, କଳାଧନ ବିରୋଧରେ ଲଢ଼େଇ କରୁଛନ୍ତି ବୋଲି ଜନମାନସରେ ପ୍ରତିଛବି ସୃଷ୍ଟି କରିବାକୁ ଚେଷ୍ଟା କରିଥାନ୍ତି। ଏଣୁ ନିଜକୁ ଦୁର୍ନୀତି ବିରୋଧୀଭାବେ ପ୍ରତିପାଦନ କରି ବିଦେଶରୁ କଳାଧନ ଫେରାଇ ଆଣିବା ସହିତ ପ୍ରତ୍ୟେକ ଭାରତୀୟଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବାର ଅନେକ ମିଥ୍ୟା ପ୍ରତିଶ୍ରୁତି ନରେନ୍ଦ୍ର ମୋଦି ଦେଇଥିଲେ। ବିମୁଦ୍ରୀକରଣ ପରି ନିଷ୍ଠୁର ପଦକ୍ଷେପ ନେବାର ମୂଳ ଲକ୍ଷ୍ୟ କଳାଟଙ୍କା ଉଦ୍ଧାର ନ ଥିଲା ବରଂ ସରକାର ନିଜକୁ ଜନମାନସରେ କଳାଟଙ୍କା, ଦୁର୍ନୀତି ବିରୋଧୀ ଭାବେ ଉପସ୍ଥାପନ କରି ତତ୍କାଳୀନ ଉତ୍ତରପ୍ରଦେଶ ନିର୍ବାଚନ ଜିତିବା ପାଇଁ ଏହି ସିଦ୍ଧାନ୍ତ ନେଇଥିଲେ। ଏଣୁ ଯେତେବେଳେ ଉଦ୍ଦେଶ୍ୟ ମହତ ନ ଥିଲା, ଏହା ସଫଳ ହୋଇଥାନ୍ତା କିପରି।

ସାଧାରଣତଃ ଲୋକମାନେ ତାଙ୍କର କଳା ଟଙ୍କା ନଗଦ ଟଙ୍କା ଭାବରେ ରଖି ନ ଥାନ୍ତି, ଅଧିକାଂଶ ବ୍ୟାଙ୍କ, ବୀମା, ମ୍ୟୁଚୁଆଲ ଫଣ୍ଡ, ଶେୟାର ଆଦି ବିତ୍ତୀୟ ସଞ୍ଚୟ ସହିତ ଜମି, ଘର, ସୁନା ଆଦି ଭୌତିକ ସଞ୍ଚୟ ବା ଆସେଟ୍‌ରେ ନିବେଶ କରିଥାନ୍ତି। କେତେକେ ବିଦେଶରେ ବା ଟ୍ୟାକ୍ସ ହାଭେନ୍ସରେ ରଖିଥାନ୍ତି। କିନ୍ତୁ ବିମୁଦ୍ରାୟନ କେବଳ କଳାଟଙ୍କାକୁ ବ୍ୟାଙ୍କକୁ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଲୋକମାନଙ୍କ ପାଖରେ ଯେତିକି ବି ନଗଦ ଆକାରରେ ଥିଲା ଲୋକ ନିଜେ ସବୁ ନିଜ ଆକାଉଣ୍ଟରେ ଜମା ନ କରି ଅନ୍ୟମାନଙ୍କ ଆକାଉଣ୍ଟରେ ଜମା କରି ସବୁ କଳାଟଙ୍କାକୁ ଧଳା କରିଦେଲେ। ପ୍ରାୟ ଯେତିକି ଟଙ୍କା ଅଚଳ କରାଯାଇଥିଲା ତାହାର ୯୯.୩% ବ୍ୟାଙ୍କକୁ ଫେରିଲା। ସରକାର ଭାବୁଥିଲେ, ଯେତିକି ନ ଫେରିବ, ତାହା ତାଙ୍କୁ ପ୍ରାପ୍ତ ହେବ, ସେହି ଆଶା ତାଙ୍କର ଆଶାରେ ହିଁ ରହିଗଲା।

ଆମ ସମାଜରେ କ୍ଷମତାଶାଳୀ, ଧନୀ, ଥିଲାବାଲାଙ୍କୁ ଅଧିକ ସମ୍ମାନ ମିଳିଥାଏ। ଆଜି ସ୍ୱାର୍ଥ ଓ ଅର୍ଥସର୍ବସ୍ୱ ଦୁନିଆରେ ସାଧୁତା, ସଚ୍ଚୋଟତାର ମୂଲ୍ୟ ହ୍ରାସ ପାଉଛି। ଜଣେ ଯଦି ଅସତ୍ ଉପାୟରେ ଅର୍ଥ ଅର୍ଜନ କରି ବା କଳାଟଙ୍କାରୁ କିଛି ଦେଲା, ଭୋଜି ଭାତ ଦେଲା, ବିଭିନ୍ନ ଉତ୍ସବ ପାଇଁ ଦେଲା, ତେବେ ଲୋକମାନେ ତା'ର ଗୁଣଗାନ କରିବେ, ପ୍ରଶଂସା କରିବେ। ଟଙ୍କା ଅଧିକ ପାଇଲେ ସମସ୍ତେ ଖୁସି। ଜଣେ ସତ୍ ଉପାୟରେ ବଞ୍ଚିଲେ ବା ରୋଜଗାରକରି ଅଭାବର ଶିକାର ହେଲେ, ଡାକ୍ତର ହେଉ, ଦୋକାନୀ ହେଉ, ଡ୍ରାଇଭର ହେଉ ବା ଚାକରାଣୀ ହେଉ କେହି ତାଙ୍କ ପାଉଣା କମେଇବେ ନାହିଁ। ସେମାନଙ୍କ ପାଖରେ ପ୍ରଶ୍ନ ନୁହେଁ ଜଣେ କେମିତି ରୋଜଗାର କରୁଛି, ପ୍ରଶ୍ନ ହେଉଛି କେତେ ଅଧିକ ଅର୍ଥ ଦେଉଛି। ଏପରି କି ପିଲା, ପରିବାରର ସଦସ୍ୟମାନେ କେବଳ କେତେ ଟଙ୍କା ପାଇଲେ ଦେଖିବେ। ସେଥିପାଇଁ ଟଙ୍କା, ସମ୍ପତ୍ତିକୁ ନେଇ ଘରେ ଘରେ ବା ଭାଇ ଭାଇ ମଧ୍ୟରେ ବିବାଦ ଦେଖିବାକୁ ମିଳିଥାଏ। ଯଦି ଜଣେ ସାଧୁ ଏବଂ ସଚ୍ଚୋଟ ଉପାୟରେ ରୋଜଗାର କରୁଥିବାରୁ ନ ଦେଇପାରିଲା, ସମ୍ପର୍କୀୟମାନେ ତଥା ସାଧାରଣ ଲୋକମାନେ ନିନ୍ଦା କରିବେ। ଏଣୁ ଏପରି ପରିବେଶରେ ସମସ୍ତେ କଳେବଳେ ଅର୍ଥ ଉପାର୍ଜନରେ ବ୍ୟସ୍ତ। ସୁଯୋଗ ପାଇଲେ କଳାଟଙ୍କା ଠୁଳ କରିବାରେ ଅଧିକାଂଶ ବ୍ୟସ୍ତ। ବହୁତ କମ ଲୋକ ସୁଯୋଗ ଥାଇ ମଧ୍ୟ ସତ୍ ଉପାୟରେ ବଞ୍ଚିବାକୁ ଚେଷ୍ଟା କରନ୍ତି। କିନ୍ତୁ ସେମାନେ ବେଶି ହଇରାଣ ଓ ଅପମାନିତ ହୋଇଥାନ୍ତି। ପ୍ରାୟ ଅଧିକାଂଶ ବ୍ୟବସାୟୀ, ଶିଳ୍ପପତି ସର୍ବଦା ଟିକସ ଫାଙ୍କିବା ବା କମ୍ ଟିକସ ଦେଇ କିପରି ଲାଭ ବୃଦ୍ଧି କରିବା, କଳାଟଙ୍କା ଠୁଳ କରିବାକୁ ପ୍ରାଧାନ୍ୟ ଦେଇଥାନ୍ତି। ଏପରି ସମାଜରେ, ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନ ଆଣିଲେ କଳାଟଙ୍କା କିପରି ହ୍ରାସ ପାଇବ।

ବାସ୍ତବରେ କେବଳ ଭାରତ ନୁହେଁ, ବିଶ୍ୱର ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ଏପରି କରାଯାଇଛି ଯେ, ଯେପରି କଳାଟଙ୍କା କିପରି ଲୁକ୍କାୟିତ ଭାବେ ରଖିହେବ ଓ ଟିକସ ଫାଙ୍କିହେବ। ଭାରତର ଇଲେକ୍ଟୋରାଲ ବଣ୍ଡ୍ କେବଳ ଗୋଟିଏ ଉଦାହରଣ। ଦୁର୍ନୀତିକୁ ପ୍ରଶ୍ରୟ ଦେବା ବା କଳାଟଙ୍କାକୁ ଲୁକ୍କାୟିତ ଭାବେ ରଖିବାପାଇଁ ବିଶ୍ୱରେ ୧୩୩ଟି ଟ୍ୟାକ୍ସ ହାଭେନ୍ସ ରହିଛି। ସେଠାରେ ନାମ ଲୁକ୍କାୟିତ ରୁହେ ଏବଂ ବହୁତ କମ୍ ଟିକସ ପଡ଼େ। କଳା ଟଙ୍କାକୁ ବିଦେଶୀ ପୁଞ୍ଜି ହିସାବରେ ବିନିଯୋଗ କରିବାକୁ ସହଜ କରିବାପାଇଁ ଦ୍ୱୈତ ଟିକସ ଏଡ଼ାଇବା ଚୁକ୍ତିନାମା ରହିଛି। ବିନା ପରିଶ୍ରମରେ ରାତାରାତି ଧନିକ ଲୋକଙ୍କ ସମ୍ପଦ ଅହେତୁକ ବଢ଼ାଇବା ପାଇଁ ଷ୍ଟକ ମାର୍କେଟ ରହିଛି। କିଛି ବର୍ଷ ତଳେ, ପାନାମା ପେପର୍‌ସରେ କଳା ଟଙ୍କା ରଖିଥିବା ଧନିକ ଶ୍ରେଣୀ, ସେଲିବ୍ରିଟି, କ୍ଷମତାଶାଳୀଙ୍କ ନାମ ପ୍ରକାଶ ପାଇଥିଲା। ସେମାନଙ୍କୁ ଦଣ୍ଡିତ କରାଯାଇପାରିଲା ନାହିଁ। ବରଂ ଯେଉଁ ବ୍ୟକ୍ତି ଏହି ତଥ୍ୟ ପ୍ରକାଶ କରିଥିଲା, ତାକୁ ମାରିଦିଆଗଲା। ଏବେ ପାଣ୍ଡୋରା ପେପର କଥା ପୁଣି ଉଠିଛି। ପୁନଶ୍ଚ ଭାରତରେ ୪୩% ଲୋକ ସଭା ସାଂସଦ ବିରୋଧରେ ଆପରାଧିକ ଅଭିଯୋଗ ଅଛି। ପ୍ରାୟ ୨୯%ଙ୍କ ବିରୋଧରେ ବଳାତ୍କାର, ହତ୍ୟା, ହତ୍ୟା ଉଦ୍ୟମ କିମ୍ବା ମହିଳାଙ୍କ ପ୍ରତି ଅପରାଧ ସହ ଜଡ଼ିତ ମାମଲା ରହିଛି। ସେହିଭଳି ୨୩୩ଟି ରାଜ୍ୟ ସଭା ସାଂସଦ ମଧ୍ୟରୁ ୫୪ ସାଂସଦ କିମ୍ବା ୨୪%ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଲୋକ ସଭା ନିର୍ବାଚନରେ ବିଜେତାଙ୍କ ହାରାହାରି ସମ୍ପତ୍ତି ହେଉଛି ୨୦.୯୩ କୋଟି ଟଙ୍କା ହୋଇଥିଲାବେଳେ ରାଜ୍ୟ ସଭା ସାଂସଦଙ୍କ ହାରାହାରି ସମ୍ପତ୍ତି ୫୫.୬୨ କୋଟି ଟଙ୍କା। ଯଦି ନିୟମ ପ୍ରଣେତାଙ୍କ ନାମରେ ଆପରାଧିକ ଅଭିଯୋଗ ରହିବ ଏବଂ କୋଟି କୋଟି ଟଙ୍କା ସମ୍ପତ୍ତିର ଅଧିକାରୀ, ତେବେ କିପରି ଏବଂ କିଏ କଳାଟଙ୍କା ଉଦ୍ଧାର କରିବ। ଏଣୁ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ସଂସ୍କାର ପ୍ରଥମେ ଆଣିବା ବେଶି ଗୁରୁତ୍ୱପୂର୍ଣ୍ଣ।

ମୋ–୯୪୩୭୨୦୮୭୬୨
skmohapatra67@gmail.com

# ଶାନ୍ତି ଓ ଆଧ୍ୟାତ୍ମିକ ଗୁରୁ



ହରେକୃଷ୍ଣ ଦାସ

ଅଷ୍ଟମ ଶତାବ୍ଦୀର ପ୍ରସିଦ୍ଧ ଇରାକୀ ସୁଫି ସନ୍ଥ ରାବ୍ୟାଙ୍କ ସମ୍ପର୍କରେ ଶୁଣିଥିବା ଏକ ସୁନ୍ଦର କାହାଣୀରୁ ଆରମ୍ଭ କରିବା। ଥରେ ରାବ୍ୟା ଏକାଗ୍ର ଚିତ୍ତରେ ଗୋଟେ ପଡ଼ିଆରେ କିଛି ଖୋଜୁଥିବାର ଦେଖି ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିବା ଲୋକମାନେ କ'ଣ ଖୋଜୁଛ ବୋଲି ପଚାରିବାରୁ ସେ ଉତ୍ତରଦେଲେ ଯେ, ସେ ହଜେଇ ଦେଇଥିବା ଗୋଟେ ଛୁଞ୍ଚି ଖୋଜୁଛନ୍ତି। ଏତେ ବଡ଼ ପଡ଼ିଆ ଭିତରୁ ଛୋଟ ଛୁଞ୍ଚିଟେ ଖୋଜିପାଇବା ମୁସ୍କିଲ ବୋଲି ଅନୁଭବ କରି ସେମାନେ ପୁଣି ପଚାରିଲେ, ତମେ କ'ଣ ନିଶ୍ଚିତ ଯେ ଛୁଞ୍ଚିଟି ଏଇଠି କୋଉଠି ହଜେଇଛ ? ଉତ୍ତର ମିଳିଲା, ନାଇଁ, ମୁଁ ସେଇଟିକୁ ଘରେ ହଜେଇ ଦେଇଛି। ଲୋକମାନେ ହସିଉଠି କହିଲେ, ତମେ ସତରେ ପାଗଳ । ଛୁଞ୍ଚିଟା ଘରେ ହଜେଇ ପଡ଼ିଆରେ ଖୋଜୁଛ ? ଜବାବରେ ରାବ୍ୟା ଯାହା କହିଲେ ତା'ରି ଭିତରେ ହିଁ ବଞ୍ଚିବାର ସାରକଥା ନିହିତ। ସେ କହିଲେ, ସମସ୍ତେ ଯାହା କରନ୍ତି, ମୁଁ ସେୟା ହିଁ କରୁଛି। ନିଜ ଭିତରେ ଶାନ୍ତି ହଜେଇଦେଇ ସମସ୍ତେ ଏହାକୁ ଅନ୍ୟତ୍ର ଖୋଜୁନାହାନ୍ତି କି?

ସେଦିନ ଗୋଟେ ସଭାରେ ଅନ୍ୟତମ ବକ୍ତା ଥିଲେ ଜଣେ ପ୍ରବଚକ ତଥା ଆଧ୍ୟାତ୍ମିକ ଗୁରୁ, ଯିଏ ଜଣେ ଆତ୍ମଘୋଷିତ ଆଧ୍ୟାତ୍ମିକ ଗୁରୁ ହୋଇଥିବାର ମୋର ସନ୍ଦେହ ପରେ ସତ ପ୍ରମାଣିତ ହୋଇଥିଲା। ପ୍ରବଚକ ମହୋଦୟ ତାଙ୍କ ଭାଷଣରେ ଜଗନ୍ନାଥ ଦର୍ଶନ ଓ ଜଗନ୍ନାଥ ତତ୍ତ୍ୱ ବିଷୟରେ ଅନର୍ଗଳ ଗପି ଚାଲିଥା'ନ୍ତି। ବକ୍ତବ୍ୟକୁ ଅଧିକ ଶାଣିତ କରିବା ପାଇଁ ସଂଖ୍ୟାଧିକ ଶ୍ଳୋକ ଆବୃତ୍ତି କରୁଥାନ୍ତି। ଶ୍ରୋତାମାନେ ଅବଶ୍ୟ ମୁଗ୍ଧହୋଇ ପ୍ରବଚନ ଶୁଣୁଥିବା ପରି ମନେ ହେଉଥିଲା। କିନ୍ତୁ ସେମାନଙ୍କ ବିଭୋରପଣିଆ ପଛରେ ଅସଲ ରହସ୍ୟ ଥିଲା ଘରେ ଶାନ୍ତି ବଜାୟ ରଖିବା ପାଇଁ ପ୍ରବଚକ ମହୋଦୟ ସୁପାରିସ କରିଥିବା ଫର୍ମୁଲାଜନିତ ଉତ୍କଣ୍ଠା। ଆମପରି ଅଳ୍ପ କିଛି ସନ୍ଦିହାନ ବ୍ୟକ୍ତି ଗୋପନରେ ପରସ୍ପର ସହ ଆଖି ମିଳେଇ ମୁରୁକି ହସୁଥିଲୁ।

ଗଭୀର ତତ୍ତ୍ୱ ସମ୍ବଳିତ ଭାଷଣରେ ଅସହଜ ଅନୁଭବ କରୁଥିବା ମୋ ଛୋଟଝିଅ ମତେ ଚୁପିଚୁପି କହିଲା, ‘ପାପା, ଏମିତିକା ଅନେକ କଥା ତ ତମେ ବି କହିବାର ମୁଁ ଶୁଣିଛି। ଏମିତିକା କେତେ ଶ୍ଳୋକ ତମେ ଗାଇବାର ମୁଁ ଶୁଣିଛି। ତମେ କାହିଁକି ଜଣେ ଆଧ୍ୟାତ୍ମିକ ଗୁରୁ ହେଲନି? ଏକଥା ଘରେ ଆଲୋଚନା କରିବା ବୋଲି ତାକୁ ଧୀର ସ୍ୱରରେ କହି ଚୁପ୍ ହୋଇ ବସିବାକୁ ଇସାରା କଲି। କିଛି ସମୟର ନୀରବତା ପରେ ଝିଅ ପୁଣି ପଚାରିଲା, ‘ଆଚ୍ଛା, ଏ ଲୋକଜଣକ ଯୋଉ ଏତେ ଜ୍ଞାନ ଦେଉଛନ୍ତି, ସେତକ ଜଣା ନ ଥିଲେ କ'ଣ ଜଗନ୍ନାଥଙ୍କ ପାଖକୁ ଯିବା ଉଚିତ ନୁହେଁ? ‘ବ୍ରହ୍ମଦାରୁ’ ଓ ‘ଦାରୁବ୍ରହ୍ମ’ ଭିତରେ ପାର୍ଥକ୍ୟ ନ ଜାଣିଲେ କ'ଣ ଜଗନ୍ନାଥଙ୍କୁ ଡାକିବା କି ପୂଜିବା ମୂଲ୍ୟହୀନ?’ ଏତେ ପରିପକ୍ୱ ପ୍ରଶ୍ନର ଉତ୍ତର ଦେବାକୁ ସେ ସଭାସ୍ଥଳ ଉପଯୁକ୍ତ ସ୍ଥାନ ନ ଥିଲା। ତଥାପି ଉତ୍ତରଟେ ଆଶାକରି ଝିଅ ମତେ ଚାହିଁ ରହିଥାଏ। ତା' ଚାହାଣିରେ ମୁଁ ଅସହଜ ଅନୁଭବ କରୁଥିଲେ ବି କହିଲି, ‘‘ ତୁ ଏତେକଥା ଚିନ୍ତା କରନା। ଏସବୁ କିଛି ନ ଜାଣି ମଧ୍ୟ ତୁ ମନ୍ଦିର ଭିତରେ ଜଗନ୍ନାଥଙ୍କୁ ଦେଖିବା ମାତ୍ରେ କାନ୍ଦିପକଉ ନା? ତୁ ଯାହା ଦରକାର କରୁ ସେ ବିଷୟରେ କାଗଜରେ ଚିଠି ଲେଖି ଆମ ଘରେ ଠାକୁରଙ୍କ ପାଖରେ ରଖିଦେଲେ ସେ ତୋର ଇଚ୍ଛା ପୂରଣ କରିଦିଅନ୍ତି ନା? ସେ କେବଳ ଅନ୍ତରର ପବିତ୍ରତା ଦେଖନ୍ତି। କୌଣସି ଶବ୍ଦ ନୁହେଁ, ଜ୍ଞାନ ନୁହେଁ କି ଉପଚାର ନୁହେଁ। ଅନ୍ତର ଅପବିତ୍ର ରଖି ଲକ୍ଷେ ଶ୍ଳୋକ ବୋଲିଲେ, ପ୍ରାର୍ଥନା କଲେ, ବ୍ରତ ଉପବାସ ରଖିଲେ କି ପୂଜା ଉପଚାର କଲେ ବି ତା'ର ଫଳ ଏକଦମ୍ ଶୂନ୍। ତୁ କେବଳ ଏଇ ଗୋଟିଏ କଥା ମନେରଖ– ଜଗନ୍ନାଥଙ୍କୁ ତୋ ଅନ୍ତରରେ ଏମିତି ରଖିଥିବୁ, ଦେଖୁଥିବୁ। ଦେଖୁନୁ, ସେ କେମିତି ତୋ ଲୁହ ସହି ପାରନ୍ତିନି ବୋଲି ତୋ ଇଚ୍ଛା ସବୁ ପୂରଣ କରିଦେଉଛନ୍ତି। ଅନ୍ୟ କୌଣସି ଜ୍ଞାନ ପାଇଁ ବ୍ୟସ୍ତ ହଅନା।’’

ଏକଥା ଶୁଣି ଝିଅର ମୁହଁ ଖୁସିରେ ଉଜ୍ଜ୍ୱଳ ଦିଶିଲା। କିଛି ସମୟ ଚୁପ୍ ବସିବା ପରେ ପୁଣି ପଚାରିଲା, ‘ହେଲେ, ଏ ଲୋକଜଣକ ଏବେ ଯୋଉ କହିଲେ ଯେ ଘରେ ଅଶାନ୍ତି ହଉଥିଲେ କର୍ପୂର ଜଳେଇ ସେଇ ହାତ ଆଖିରେ ଲଗେଇଲେ ନିଶ୍ଚୟ ଶାନ୍ତି ରହିବ?’ ‘ହଁ, ହୁଏତ ହୋଇଥିବ,’ ‘‘ଆଚ୍ଛା, ତା'ହେଲେ ଏ ଫର୍ମୁଲାଟା ମୁଁ ସୁପ୍ରିୟାକୁ ବତେଇବି।’’ ‘କ'ଣ ପାଇଁ?’ ‘‘ଜାଣିଛ, ତାଙ୍କ ଘରେ ଅଙ୍କଲ୍, ଆଣ୍ଟିଙ୍କର ସବୁବେଳେ ଝଗଡ଼ା। ମୁଁ ଯେତେଥର ତାଙ୍କ ଘରକୁ ଯାଇଛି, ଦେଖେ ତ ଆଣ୍ଟି ଠାକୁରଘରେ ପୂଜା କରୁଥିବେ। ମୁଁ ଛୁଇଁଲେ କାଳେ ସେ ମାରା ହୋଇଯିବେ ବୋଲି ମୁଣ୍ଡିଆ ମାରିବାକୁ ଦିଅନ୍ତିନି। ସେ କାଳେ ସବୁଦିନ ଦି' ତିନି ଘଣ୍ଟା ଧରି ପୂଜା କରନ୍ତି। ବହୁତ ଓଷା, ଉପାସ କରନ୍ତି। ତଥାପି ଏତେ ଝଗଡ଼ା ଯେ ସେମାନେ କାଳେ ଡିଭୋର୍ସ ନେବେ ସୁପ୍ରିୟା କହୁଥିଲା। ଏ ଫର୍ମୁଲାଟା ବୋଧେ ସେମାନେ ଜାଣିନାହାନ୍ତି। ପାପା, ମିଟିଂ ସରିଲେ ଏ ଲୋକଙ୍କ ସହ ବାହାରେ ମତେ ଟିକେ କଥା କରେଇଦିଅ, ପ୍ଲିଜ୍।’’

ସଭାଗୃହ ବାହାରେ ପ୍ରବଚକ ମହୋଦୟଙ୍କୁ ଭେଟିବାକୁ ଅପେକ୍ଷା କରିଥିବାବେଳେ ତାଙ୍କୁ ନେବାକୁ ଆସିଥିବା ଜଣେ ଭଦ୍ରବ୍ୟକ୍ତିଙ୍କ ସହ ପରିଚୟ ହେଲା। ଝିଅ ତାଙ୍କୁ ଭେଟିବାକୁ ଚାହୁଁଥିବାର ଉଦ୍ଦେଶ୍ୟ ବିଷୟରେ ଜଣାଇ ପ୍ରବଚକ ମହୋଦୟଙ୍କୁ ତାଙ୍କ ଘରେ ସାକ୍ଷାତ କରିବାର ଯୋଜନା ବିଷୟରେ କହିବାରୁ ଭଦ୍ରବ୍ୟକ୍ତି ଜଣକ ଝିଅକୁ ଚାହିଁ ମତେ କହିଲେ, ‘‘ ଆପଣମାନଙ୍କର ଏଇଭଳି ମାନସିକତା ଯୋଗୁ ୟା ଭଳିଆ ଗୁଡ଼ାଏ ଭଣ୍ଡ, ଟାଉଟର ଆଜି ଆଧ୍ୟାତ୍ମିକ ଗୁରୁ ପାଲଟିଛନ୍ତି। ଯିଏ ନିଜ ଘରେ ଶାନ୍ତିରେ ରହିପାରିଲାନି କି ଶାନ୍ତି ଦେଇ ପାରିଲାନି ସିଏ ପୁଣି ଅନ୍ୟମାନଙ୍କୁ ଶାନ୍ତିର ଫର୍ମୁଲା ବତଉଛି ! ଆପଣମାନେ ବି ତା' ଜରିଆରେ ଶାନ୍ତି ଖୋଜୁଛନ୍ତି !

ମୁଁ ଟିକେ ପ୍ରଶ୍ନଭରା ଚାହାଣିରେ ଚାହିଁଲି ତ ଭଦ୍ରବ୍ୟକ୍ତି ଜଣକ କହିବା ଜାରିରଖିଲେ। ‘‘ଗୁଡ଼ାଏ ବହି ଘୋଷାଘୋଷି କରି ଖାଲି ଜ୍ଞାନୀ ଦେଖେଇବାକୁ ଚେଷ୍ଟା କରି ବୁଲି ବୁଲି ଭାଷଣ ମାରିଲା। ସ୍ତ୍ରୀ ପିଲାଙ୍କ ଦାୟିତ୍ୱ ନେବା କଥା ଉଠିଲେ ଗାଳିମନ୍ଦ କରି ଘରେ ଖୁବ୍ ଅଶାନ୍ତିକଲା। ନିଜ ଶସ୍ତା ଜ୍ଞାନର ବଡ଼ିମାରେ ତା' ଭାଇ, ଭଉଣୀଙ୍କ ସଂସାର ବି ଛାରଖାର କରିଦେଲା। ଏତେ ଅଶାନ୍ତି ସୃଷ୍ଟି କଲା ଯେ ଶେଷରେ ପିଲାମାନେ ଘରୁ ବାହାର କରିଦେଲେ। ମୋ ଘର ଖାଲି ପଡ଼ିଥିବାରୁ ବର୍ଷେ ହେଲା ଆସି ସେଠି ରହୁଛି। ବୁଲିବୁଲି ଖାଉଛି, ଭାଷଣ ଦଉଛି, ରାତିରେ ଯାଉଛି ଟିକେ ଶୋଇବା ପାଇଁ।’’

ଠିକ୍ ଏତିକିବେଳେ ପ୍ରବଚକ ମହୋଦୟ ଆସି ସେଠି ପହଞ୍ଚିଗଲେ। ତାଙ୍କୁ ଦେଖିପାରି ନ ଥିବା ମୋ ଝିଅ ଭଦ୍ରବ୍ୟକ୍ତି–ବନ୍ଧୁଙ୍କ କଥାରେ କହିପକେଇଲା, ‘ପାପା କର୍ପୂର...’ ଚଟ୍‌କିନା ତା' ପାଟିରେ ମୋ ହାତ ଚାପିଦେଇ ପ୍ରବଚକଙ୍କ ଉଦ୍ଦେଶ୍ୟରେ କହିଲି, ‘‘ଆଜ୍ଞା, ଆପଣଙ୍କ ପରି ଆଧ୍ୟାତ୍ମିକ ଗୁରୁଙ୍କ ସାନ୍ନିଧ୍ୟ ନ ପାଇଲେ ଜୀବନରେ ଶାନ୍ତି ପାଇବା ସମ୍ଭବ ନୁହେଁ।’’ ଉଲ୍ଲସିତ ହସଟେ ହସି ବନ୍ଧୁଙ୍କ ଗାଡ଼ି ପଛରେ ବସି ପ୍ରବଚକ ଚାଲିଗଲେ। ଝିଅ ମତେ ଆଶ୍ଚର୍ଯ୍ୟ ହେଇ ଚାହିଁ ରହିଥାଏ।

ଅଧ୍ୟାପକ, ଇଂଲିଶ ବିଭାଗ, ନିଆଳି କଲେଜ
ମୋ:୯୮୬୧୩୪୫୬୫୮

## ଏଇ ଭାରତରେ

ନିଷ୍ଠା ଓ ଏକାଗ୍ରତା ବଳରେ ସବୁକିଛି ସମ୍ଭବ। ଏହା ପ୍ରମାଣ କରିଛନ୍ତି ମହାରାଷ୍ଟ୍ରର ହନ୍‌ମନ୍ତରାଓ ଗାଏକ୍‌ୱାଡ଼। ସେ ପରିବାର ପ୍ରତିପୋଷଣ ପାଇଁ ଆମ୍ବ ବିକ୍ରି କରୁଥିଲେ। ପରେ ଭାରତ ବିକାଶ ଗ୍ରୁପ୍ (ବିଭିଜି) ପ୍ରତିଷ୍ଠା କରି ୭୦,୦୦୦ ଗ୍ରାମୀଣ ଯୁବକଙ୍କୁ ନିଯୁକ୍ତି ଦେଇପାରିଛନ୍ତି। ୮୫୦ କମ୍ପାନୀ ସହ ଏୟାରପୋର୍ଟ, କର୍ପୋରେଟ, ଆମ୍ବୁଲାନ୍ସ ସର୍ଭିସ ଆଦିରେ ଏହାକୁ ଯୋଡ଼ି ପାରିଛନ୍ତି। କେବଳ ଏତିକି ନୁହେଁ ବିଭିଜି ହାଉସକିପିଂ, ଫ୍ୟାସିଲିଟି ମ୍ୟାନେଜମେଣ୍ଟ, ଗାର୍ଡେନିଂ, ମେଡିକାଲ ଓ ଏଗ୍ରିକଲଚର କ୍ଷେତ୍ରରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକଙ୍କୁ ଲାଭ ଦେଇପାରୁଛି। ହନ୍‌ମନ୍ତରାଓ ୧୯୯୪ରେ ଟାଟା ମୋଟର୍ସରେ ଜଣେ ଇଞ୍ଜିନିୟର ଭାବେ ଯୋଗ ଦେଇଥିଲେ। ପରେ ଭାରତ ବିକାଶ ପ୍ରତିଷ୍ଠାନ ଗଠନ କରି ସେ ପ୍ରଥମେ ୮ ଜଣ ଯୁବକଙ୍କୁ ନିଯୁକ୍ତ କରିଥିଲେ। ଏମାନେ ଥିଲେ ତାଙ୍କ ଗାଁ ସତରାର ଯୁବକ। ହନ୍‌ମନ୍ତରାଓ ଅତ୍ୟନ୍ତ ସଂଘର୍ଷମୟ ଜୀବନକୁ ଅତିକ୍ରମ କରି ଇଚ୍ଛାଶକ୍ତି ବଳରେ ଆଜି ୨ହଜାର କୋଟି ଟଙ୍କାର ମାଲିକ ହୋଇପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜାନୁୟାରୀ ୧୯୯୭

- ଚୀନର ସୁଦୂର ଉତ୍ତର ପଶ୍ଚିମାଞ୍ଚଳ ଇଲାକାରେ ପ୍ରବଳ ତୁଷାର ଝଡ଼ ଫଳରେ ୩୪ ଜଣଙ୍କ ପ୍ରାଣହାନି।
- ପୂର୍ବତନ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏନ୍.ସି. ସୁରୀଙ୍କ କଂଗ୍ରେସରେ ଯୋଗଦାନ।
- କେତେକ ଅଜ୍ଞାତ ଆତତାୟୀଙ୍କ ଗୁଳି ଚୋଟରେ ବିଶିଷ୍ଟ ଶ୍ରମିକନେତା ଡଃ. ଦତ୍ତା ସାମନ୍ତ ନିହତ।
- ସରସ୍ୱତୀଙ୍କର ନଗ୍ନ ଛବି ଆଙ୍କି ବିବାଦ ମଧ୍ୟକୁ ଟାଣି ହୋଇଯାଇଥିବା ସୁନାମଧନ୍ୟ ଚିତ୍ରକର ଏମ୍.ଏଫ୍. ହୁସେନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମହାରାଷ୍ଟ୍ର ସରକାରଙ୍କ ସ୍ୱୀକୃତି।

## ଚିରନ୍ତନୀ

ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିନି ଶୁଣ
ନିଖିଳ ଜନ ଦୟିତ !
–(ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିରୋଧୀ ଦଳକୁ ବିଶ୍ୱାସକୁ ନିଆଯାଉ

ମହାଶୟ,

ରାଜ୍ୟ ସଭାରେ ବିରୋଧୀ ଦଳଙ୍କୁ ସ୍ୱାଧୀନ ଭାବରେ ମତଦାନର କଣ୍ଠରୋଧ କରାଯାଉଥିବାରୁ ଜୟା ବଚ୍ଚନ ଯେପରି ଭାବବିହ୍ୱଳ ହୋଇ ସରକାରୀ ଦଳକୁ ଅଭିଶାପ ଦେଲେ, ତାହା କୁରୁସଭାରେ ଦ୍ରୌପଦୀଙ୍କ ଅଭିଶାପ ଭଳି ମନେହୁଏ। ଏହି ନାଟକ ମଧ୍ୟ ଓଡ଼ିଶାରେ ପ୍ରତିଫଳିତ ହୋଇଛି। ମୋର ମନେହୁଏ ସରକାରୀ ଦଳ ସଂଖ୍ୟାଗରିଷ୍ଠ ହୋଇଥିଲେ ବିରୋଧୀ ଦଳକୁ ସମ୍ମାନ ଦେବା ଓ ବିଶ୍ୱାସକୁ ନେବା ଉଚିତ। କିନ୍ତୁ ଏହା ଲୋକସଭା ଏବଂ ବିଭିନ୍ନ ରାଜ୍ୟର ବିଧାନ ସଭାରେ ପରିଲକ୍ଷିତ ହେଉନାହିଁ। ଯଦି ଏହି ଧାରା ଲାଗି ରହେ ତେବେ ଶାସକଦଳର କ୍ଷତି ହେବା ସହ ଗଣତନ୍ତ୍ର ବିପଦ ମଧ୍ୟକୁ ଠେଲି ହୋଇଯିବ।

–ଡା. ନଟବର ନାୟକ, ଖେରସ ଦୁର୍ଗାବଜାର, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆକ୍ସିସ୍ ନିଫ୍ଟି ନେକ୍ସଟ୍ ୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୧:** ଦେଶର ଅଗ୍ରଣୀ ସମ୍ପତ୍ତି ପରିଚାଳନା କମ୍ପାନୀ ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ଆକ୍ସିସ୍ ନିଫ୍ଟି ନେକ୍ସଟ୍ ୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ଓପନ ଏଣ୍ଡେଡ୍ ଇଣ୍ଡେକ୍ସ ଫଣ୍ଡ, ଯାହା ନିଫ୍ଟି ନେକ୍ସଟ୍ ୫୦ ଇଣ୍ଡେକ୍ସକୁ ଟ୍ରାକିଂ କରୁଛି। ସବ୍‌ସ୍କ୍ରିପ୍‌ସନ୍ ପାଇଁ ଏହାର ଏନ୍‌ଏଫ୍‌ଓ ୨୦୨୨ ଜାନୁୟାରୀ ୭ରୁ ଖୋଲା ହେବ ଏବଂ ୨୦୨୨ ଜାନୁୟାରୀ ୨୧ରେ ବନ୍ଦ ହେବ। ଏଥିପାଇଁ ସର୍ବନିମ୍ନ ଆବେଦନ ରାଶି ହେଉଛି ୫୦୦୦ ଟଙ୍କା ଓ ଏହା ପରେ ଏକ ଟଙ୍କାର ଗୁଣିତକ ହିସାବରେ ଅଧିକ ନିବେଶ କରାଯାଇପାରିବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ଚନ୍ଦ୍ରେଶ୍ ନିଗମ୍ କହିଛନ୍ତି ଯେ, ଆମର ଶ୍ରେଷ୍ଠ ଦକ୍ଷତା ଅନୁସାରେ ନିରନ୍ତର ପ୍ରଦର୍ଶନ ପ୍ରଦାନ କରିବା ଲାଗି ଦୃଢ଼ ଉତ୍ପାଦ ଉପସ୍ଥାପନ ଜରିଆରେ ଆକ୍ସିସ୍ ଏଏମ୍‌ସିରେ ଆମେ ଆମର ରହିଥିବା ଦର୍ଶନ 'ଦାୟିତ୍ୱବାନ ନିବେଶ'କୁ ବଜାୟ ରଖିଛୁ। ଆମର ବିଶ୍ୱାସ ରହିଛି ଯେ, ଏହି ପାଣ୍ଠି ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ; ଯାହା ଆମର ନିବେଶକମାନଙ୍କ ଲାଗି ଦୀର୍ଘମିଆଦୀ ସମ୍ପତ୍ତି ସୃଷ୍ଟି କରିବା ସୁଯୋଗ ପ୍ରଦାନ କରିବ।

### ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ମିନ୍‌କାସୁପେ ସହ ଚୁକ୍ତି

**ଭୁବନେଶ୍ୱର,୧୬।୧:** ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ମିନ୍‌କାସୁପେ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଫିଙ୍ଗର୍‌ପ୍ରିଂଟ୍ ଓ ଫେସ୍ ଆଇଡି ସ୍ୱୀକୃତି ଜରିଆରେ ବର୍ତ୍ତମାନ କାରବାର ଲାଗି ଲାଗୁ ଥିବା ୫୦-୬୦ ସେକେଣ୍ଡର ସମୟ ୨-୩ ସେକେଣ୍ଡକୁ ହ୍ରାସ ପାଇବ ଯାହା ଫଳରେ ସଫଳତା ହାର ବହୁତ ବଢ଼ିଯିବ। ଏହାର ପରବର୍ତ୍ତୀ କାରବାରଗୁଡ଼ିକ ଫିଙ୍ଗର୍‌ପ୍ରିଂଟ୍ କିମ୍ବା ଫେସ୍ ଆଇଡିକୁ ବ୍ୟବହାର କରି ପେମେଂଟ୍‌କୁ ମଂଜୁର କରିବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କ୍‌ର ଇଭିପି ଓ ମୁଖ୍ୟ, କାର୍ଡସ୍ ଆଣ୍ଡ୍ ପେମେଂଟ୍‌ସ,ସଂଜୀବ୍ ମୋଘେ,କହିଛନ୍ତି ଯେ,ଆମର ନେଟ୍ ବ୍ୟାଙ୍କିଙ୍ଗ୍ ପ୍ଲାଟଫର୍ମରେ ଆମେ ଏହି ଶ୍ରେଷ୍ଠ ଶ୍ରେଣୀର ଅନୁଭୂତି ପ୍ରଦାନ କରିବାକୁ ବହୁତ ଉତ୍ସାହିତ ଅଛୁ। ଡିଜିଟାଲ୍ ପେମେଂଟ୍‌ର ଗ୍ରହଣୀୟତା ଓ ବ୍ୟବହାର ବଢ଼ୁଥିବା ବେଳେ ମିନ୍‌କାସୁପେ ସହିତ ଆମର ଏହି ସହଯୋଗିତା ଗ୍ରାହକମାନଙ୍କ ନେଟ୍ ବ୍ୟାଙ୍କିଙ୍ଗ୍ ଅନୁଭୂତିରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହା କାରବାର ସଫଳତା ହାରରେ ଉନ୍ନତି ଆଣିବ ଓ ଡିଜିଟାଲ୍ କାରବାରର ସୁରକ୍ଷା ଓ ନିରାପତା ବଢ଼ାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ପୁଣି ବଢ଼ିଲା ବିମାନ ଇନ୍ଧନ ମୂଲ୍ୟ

■ଏଟିଏଫ୍ ମୂଲ୍ୟ ୪.୨% ବୃଦ୍ଧି

■ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧୬।୧




ବିମାନ ଇନ୍ଧନ ବା ଏଟିଏଫ୍ ମୂଲ୍ୟ ରବିବାର ୪.୨% ବୃଦ୍ଧି ପାଇଛି। ଚଳିତ ମାସରେ ଏହା ୨ୟ ଥର ପାଇଁ ବୃଦ୍ଧି ଘଟିଥିବା ସୂଚନା ମିଳିଛି। ଏହି ବୃଦ୍ଧି ଅନ୍ତର୍ଜାତୀୟ ତୈଳ ଦର ବୃଦ୍ଧି ଯୋଗୁ ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ କ୍ରମାଗତ ୭୨ ଦିନ ହେବ ଅପରିବର୍ତ୍ତିତ ରହିଛି। ରାଷ୍ଟ୍ରାୟତ୍ତ ଇନ୍ଧନ ଖୁଚୁରା ବ୍ୟବସାୟୀଙ୍କ ମୂଲ୍ୟ ବିଜ୍ଞପ୍ତି ଅନୁଯାୟୀ ୧୬ ଜାନୁୟାରୀରେ ଏଭିଏଶନ ଟର୍ବାଇନ ଇନ୍ଧନ (ଏଟିଏଫ୍)ର ମୂଲ୍ୟ ୩,୨୩୨.୮୭ ଟଙ୍କା ପ୍ରତି କିଲୋଲିଟର ପିଛା ବା ୪.୨୫% ବୃଦ୍ଧି ପାଇଛି। ଏହା ଫଳରେ ଦିଲ୍ଲୀରେ ଏଟିଏଫ୍ ମୂଲ୍ୟ ୭୯,୨୯୪.୯୧ ଟଙ୍କା ପ୍ରତି କିଲୋଲିଟର ପିଛା ରହିଛି। ଜାନୁୟାରୀ ୧ରେ ୨,୦୩୯.୬୩ ଟଙ୍କା ବା ୨.୭୫% ବୃଦ୍ଧି ପାଇ ୭୬,୦୬୨.୦୪ ଟଙ୍କାରେ ରହିଥିଲା। ନଭେମ୍ବର ମଧ୍ୟଭାଗରେ ଏଟିଏଫ୍ ମୂଲ୍ୟ ୮୦,୮୩୫.୦୪ ଟଙ୍କା ପ୍ରତି କିଲୋଲିଟରରେ ରହିଥିଲା। ଡିସେମ୍ବର ୧ ଏବଂ ୧୫ରେ ଏହି ମୂଲ୍ୟରେ ୬,୮୧୨.୨୫ ଟଙ୍କା (୮.୪%) ହ୍ରାସ ପାଇଥିଲା। ଆମଦାନୀ ଆଧାରରେ ଜେଟ୍ ଇନ୍ଧନ ମୂଲ୍ୟ ପ୍ରତି ମାସର ୧ ଏବଂ ୧୬ ତାରିଖରେ ସଂଶୋଧିତ ହୋଇଥାଏ। ଏଟିଏଫ୍ ପରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ମଧ୍ୟ ପ୍ରତିଦିନ ସଂଶୋଧିତ ହୁଏ କିନ୍ତୁ ୨୦୨୧ ନଭେମ୍ବର ୪ ପରଠାରୁ ଏହାର ମୂଲ୍ୟ ଅପରିବର୍ତ୍ତିତ ରହିଛି। ସେତେବେଳେ କେନ୍ଦ୍ର ସରକାର ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କ ଲିଟର ପିଛା ୫ ଟଙ୍କା ଏବଂ ଡିଜେଲ ଉପରେ ୧୦ ଟଙ୍କା ହ୍ରାସ କରିଥିଲେ। ଦିଲ୍ଲୀରେ ପେଟ୍ରୋଲର ଲିଟର ୯୫.୪୧ ଟଙ୍କା ଏବଂ ଡିଜେଲର ମୂଲ୍ୟ ୮୬.୬୭ ଟଙ୍କା ରହିଛି ବୋଲି ରାଜ୍ୟ ଇନ୍ଧନ ଖୁଚୁରା ବ୍ୟବସାୟୀଙ୍କ ସୂଚନାରୁ ଜଣାପଡ଼ିଛି। କେନ୍ଦ୍ରର ଉତ୍ପାଦ ଶୁଳ୍କ ହ୍ରାସ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସାରା ଦେଶରେ ରେକର୍ଡ ସ୍ତରରେ ରହିଥିଲା। ଏପରି କି ଅଧିକାଂଶ ସହରରେ ପେଟ୍ରୋଲ ଲିଟର ପିଛା ୧୦୦ ଟପି ଯାଇଥିବା ବେଳେ ଡିଜେଲ ଦର ମଧ୍ୟ ୧୦୦ ଟଙ୍କା ଅତିକ୍ରମ କରିଥିଲା। ଦିଲ୍ଲୀରେ ପେଟ୍ରୋଲ ଲିଟର ୧୧୦.୦୪ ଏବଂ ଡିଜେଲ ୯୮.୪୨ ଟଙ୍କାରେ କାରବାର ହୋଇଛି। ସେହିପରି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୧.୮୦ଟଙ୍କା ଏବଂ ଡିଜେଲ ଲିଟର ପିଛା ୯୧.୬୨ ଟଙ୍କା ରହିଥିବା ସୂଚନା ମିଳିଛି।

## ଗିଫ୍ଟରେ ଏଆଇସିଟିଇ-ଆଇଏସ୍‌ଟିଇର ରିଫ୍ରେସର ପ୍ରୋଗ୍ରାମ

ଭୁବନେଶ୍ୱର,୧୬।୧

ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍ନୋଲୋଜି (ଗିଫ୍ଟ)ରେ ମେକାନିକାଲ ବିଭାଗ ଆନୁକୂଲ୍ୟରେ ଏଆଇସିଟିଇ-ଆଇଏସ୍‌ଟିଇ ପ୍ରାୟୋଜିତ ଏକ ୭ ଦିନିଆ ରିଫ୍ରେସର ପ୍ରୋଗ୍ରାମ 'ପେଡ଼ାଗୋଗି ୱାର୍କଶପ୍ ଅନ୍ ଇନୋଭେଟିଭ ଟିଚିଂ ଆଣ୍ଡ ଲର୍ନିଂ' ଶୀର୍ଷକ ବିଷୟ ଉପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରୁ ୭୦ପ୍ରତିଯୋଗୀ ଭାଗ ନେଇଥିଲେ। ଏପରି କି ବିପିୟୁଟିର ପୂର୍ବତନ କୁଳପତି ଡ. ଓମ୍‌କାର ନାଥ ମହାନ୍ତି, ଏନ୍‌ଆଇଟିର ପୂର୍ବତନ ନିର୍ଦ୍ଦେଶକ ଡ. ସୁନୀଲ୍ କୁମାର ଷଡ଼ଙ୍ଗୀ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ। ଏହି ପ୍ରୋଗ୍ରାମର ଉଦ୍‌ଘାଟନୀ ଉତ୍ସବରେ ଆନ୍ଧ୍ରପ୍ରଦେଶ ଉଚ୍ଚଶିକ୍ଷା ବିଭାଗର ଅଧ୍ୟକ୍ଷ ଡ. ହେମା ସି. ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଆଇସିଟିଇ (ଏଫ୍‌ଡିପି)ର ନିର୍ଦ୍ଦେଶକ କର୍ଣ୍ଣେଲ ବି.ଭେଙ୍କଟ୍ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଏହାର ଉଦ୍‌ଯାପନୀ ସମାରୋହରେ ଆଇଏସ୍‌ଟିଇର ସଭାପତି ଡ. ପି.କେ. ଦେଶାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଆଇଏସ୍‌ଟିଇର ପୂର୍ବତନ ସଂପାଦକ ପ୍ରଫେସର ବିଜୟ ଡି. ବୈଦ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତାକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିଫ୍ଟର ଅଧ୍ୟକ୍ଷ ଡ. ସି.ଭି.ଏସ୍. ପରମେଶ୍ୱର ରାଓ, ମେକାନିକାଲ ବିଭାଗର ମୁଖ୍ୟ ଡ. ଆଲୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଅନୁଷ୍ଠାନର ପ୍ରଫେସର ଡ. ଅମର କୁମାର ଦାସ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଉଡ଼ାଣ' ସମ୍ମାନରେ ଅରୁନ୍ଧତୀ ଜୁଏଲର୍ସ ସମ୍ମାନିତ

ଭୁବନେଶ୍ୱର,୧୬।୧




ଜାତୀୟ ଗଣମାଧ୍ୟମ ସଂସ୍ଥା ଜି ଗ୍ରୁପର ପ୍ରମୁଖ ଅଂଶ ଜି ଓଡ଼ିଶା ପକ୍ଷରୁ ଆୟୋଜିତ 'ଉଡାଣ' (ଡେୟାର ଟୁ ଡ୍ରିମ) କାର୍ଯ୍ୟକ୍ରମରେ ଅରୁନ୍ଧତୀ ଜୁଏଲର୍ସକୁ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅରୁନ୍ଧତୀ ଜୁଏଲର୍ସର ଉଲ୍ଲେଖନୀୟ ସଫଳତା ପାଇଁ ବାଚସ୍ପତି ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ ଯେ, କୋଭିଡ୍ ମହାମାରୀ ସମୟରେ ବହୁ ବାଧାବିଘ୍ନ ମଧ୍ୟରେ ଅରୁନ୍ଧତୀ ଗ୍ରୁପ ତା'ର ସମସ୍ତ କର୍ମଚାରୀଙ୍କର ବିଭିନ୍ନ ସମସ୍ୟାଗୁଡ଼ିକୁ ସଫଳତାର ସହ ସମାଧାନ କରିବା ସହିତ ୨୫୦ରୁ ଊର୍ଦ୍ଧ୍ୱ କୁଶଳୀ କର୍ମଚାରୀଙ୍କୁ ନୂତନ ନିଯୁକ୍ତି ପ୍ରଦାନ କରିଛି। ସେହିଭଳି ଅରୁନ୍ଧତୀ ପରିବାରର ସମସ୍ତ ସଦସ୍ୟଙ୍କୁ ଏଭଳି ସମୟରେ କୌଣସି ଅସୁବିଧା ନ ହେବା ସହ ମୌଳିକ ସୁବିଧା ଯୋଗାଇଦେବା ଭଳି କାର୍ଯ୍ୟ ଅରୁନ୍ଧତୀ ପକ୍ଷରୁ କରାଯାଇଥିଲା। ଫଳରେ କମ୍ପାନୀର ଏଭଳି କାର୍ଯ୍ୟ ଯୋଗୁ କର୍ମଚାରୀଙ୍କର ମନୋବଳ ବୃଦ୍ଧି ପାଇଥିଲା। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କହିଛନ୍ତି ଯେ, ଅରୁନ୍ଧତୀର ସଫଳ ଯାତ୍ରା ଦୀର୍ଘ ୨୨ବର୍ଷ ପୂର୍ବରୁ ବଲାଙ୍ଗୀର ମାଟିରୁ ଆରମ୍ଭ ହୋଇଥିଲା। ଆମର ଗ୍ରାହକମାନଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ ଅରୁନ୍ଧତୀ ଉପରେ ରହିଥିବା ପ୍ରଗାଢ଼ବିଶ୍ୱାସ ପାଇଁ ଅରୁନ୍ଧତୀ ଆଜି ସାରା ଓଡ଼ିଶାର ଏକ ପ୍ରତିଷ୍ଠିତ ଅଗ୍ରଣୀ ସୁନା ଗହଣା ବ୍ରାଣ୍ଡ ଭାବେ ମାନ୍ୟତା ପାଇଛି। ତା' ସହିତ ଆଜି ଏହି ସମ୍ମାନ କେବଳ ସେହି ମାନଙ୍କ ପାଇଁ ପାଇଛି ; ଯେଉଁମାନେ ମୋ ସହ ଦୀର୍ଘବର୍ଷ ହେବ ଯୋଡ଼ି ହୋଇ ରହିଛନ୍ତି। ଗତ ୨୨ ବର୍ଷ ଧରି ସୁନା ଗହଣା ମାନରେ ଶୁଦ୍ଧତା, କାରୁକାର୍ଯ୍ୟ, ଠିକ୍ ବ୍ୟବସାୟିକ ପଦକ୍ଷେପ ଓ ତା' ମଧ୍ୟରେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଗ୍ରାହକ ସେବାରେ ଆତ୍ମୀୟତାର ଭାବକୁ ଆଧାର କରି ଅରୁନ୍ଧତୀ ଆଜି ଓଡ଼ିଶାର ଜନମାନସଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଅରୁନ୍ଧତୀ ଆଜି ପ୍ରତିଟି ଘରର ଏକ ଅଂଶବିଶେଷ ହୋଇପାରିଛି। ଆଗାମୀ ଦିନରେ ଅରୁନ୍ଧତୀ ରାଉରକେଲା, କଟକ ସହର ସହ ଓଡ଼ିଶାର ପ୍ରମୁଖ ସହରରେ ତା'ର ସେବା ଯୋଗାଇଦେବାର ପ୍ରୟାସ ଆରମ୍ଭ କରିଛି।

## ବେଦାନ୍ତ ଅକ୍ଷୟ ଶକ୍ତିର ସର୍ବବୃହତ୍ ଶିଳ୍ପ

ଭୁବନେଶ୍ୱର,୧୬।୧

ବେଦାନ୍ତ ଆଲୁମିନିୟମ ବ୍ୟବସାୟ, ଆଲୁମିନିୟମ ଏବଂ ମୂଲ୍ୟଯୁକ୍ତ ଉତ୍ପାଦର ଭାରତର ବୃହତ୍ ଉତ୍ପାଦକ ୨୦୨୧ରେ ଅକ୍ଷୟ ଶକ୍ତିର ସର୍ବବୃହତ ଶିଳ୍ପ ଉପଭୋକ୍ତା ଥିଲା ; ଯାହା ଭାରତର ଶକ୍ତି ବିନିମୟରେ ନବୀକରଣୀୟଯୋଗ୍ୟ ଶକ୍ତି କ୍ରୟ-ଇଣ୍ଡିଆନ ଏନର୍ଜି ଏକ୍ସଚେଞ୍ଜ ଏବଂ ପାୱାର ଏକ୍ସଚେଞ୍ଜରେ ଅଗ୍ରଣୀ ରହିଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ-ଆଲୁମିନିୟମ ବିଜ୍‌ନେସ, ରାହୁଲ ଶର୍ମା କହିଛନ୍ତି ଯେ, ଆମେ ୨୦୫୦ସୁଦ୍ଧା ନେଟ ଜିରୋ କାର୍ବନ ହାସଲ କରିବା ପାଇଁ ପ୍ରତିଶ୍ରୁତି ରଖିଛୁ। କାର୍ଯ୍ୟକ୍ଷେତ୍ରରେ କ୍ରମାଗତ ଶକ୍ତି ଦକ୍ଷତାକୁ କ୍ରମଶଃ ଉନ୍ନତ କରିବା, ଆମର ଅକ୍ଷୟ ଶକ୍ତି ପରିମାଣକୁ ବଢ଼ାଇବା ଏବଂ ଜୀବାଶ୍ମ ଇନ୍ଧନକୁ ସବୁଜ ଓ ସ୍ୱଚ୍ଛ ବିକଳ୍ପ ଭାବରେ ପରିବର୍ତ୍ତନ କରିବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଆମେ ସବୁଜ ପ୍ରଯୁକ୍ତିକୁ ଆପଣାଇଛୁ। ୨୦୨୧ରେ ଆରଇ ଭାରତରେ ବୃହତ୍ ଶିଳ୍ପ ଉପଭୋକ୍ତା ହେବା, ଆମର ଶକ୍ତି ମିଶ୍ରଣରେ ସବୁଜ ଶକ୍ତିର ଅଂଶକୁ ବଢ଼ାଇବା ଏବଂ ସ୍ୱଳ୍ପ କାର୍ବନ ନିର୍ଗମନ କାର୍ଯ୍ୟରେ ରୂପାନ୍ତର କରିବା ପାଇଁ ଆମର ନିରନ୍ତର ପ୍ରୟାସ ପ୍ରତିଫଳିତ ହୋଇଛି।

## ଏଲ୍‌ଭିପିଇଆଇରେ ଏନ୍‌ଟିପିସି-ସିଜିଏସ୍‌ଆଇପିଏଲ୍‌ର ସିଏସ୍‌ଆର୍ ସୁବିଧା

ଭୁବନେଶ୍ୱର,୧୬।୧

ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ)ର ପ୍ରତିଷ୍ଠା ଦିବସ ଅବସରରେ ଏନ୍‌ଟିପିସି ଓ କଲମ୍ବସ ଗ୍ଲୋବାଲ୍ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ସିଜିଏସ୍‌ଆଇପିଏଲ୍) ସହାୟତାରେ ୩ଟି ନୂତନ ସୁବିଧା କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏଲ୍‌ଭିପିଇଆଇର ମିଠୁ ତୁଳସୀ ଚାନରାଇ କ୍ୟାମ୍ପସ ଭୁବନେଶ୍ୱରଠାରେ ଏନ୍‌ଟିପିସି ଅପରେଟିଂ ରୁମ୍ କମ୍ପ୍ଲେକ୍ସ, ଡିଜିଟାଲ୍ ଲାଇବ୍ରେରୀ ଓ ଦୃଷ୍ଟି ସମସ୍ୟା ଏବଂ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ପାଇଁ ଭିଜନ୍ କ୍ଲିନିକ୍ ଆଦି କରାଯାଇଛି। ଏନ୍‌ଟିପିସି ଲିମିଟେଡ୍ ହେଉଛି ଭାରତର ସର୍ବବୃହତ୍ ଶକ୍ତି ଉତ୍ପାଦନକାରୀ ସିପିଏସ୍‌ୟୁ, ଏହାର ସାରା ଭାରତରେ ୭୦ ଜିଡବ୍ଲୁ ସଂସ୍ଥାପିତ କ୍ଷମତା ରହିଛି। ସେହିଭଳି ଏନ୍‌ଟିପିସିର ସିଏସ୍‌ଆର୍ କାର୍ଯ୍ୟକ୍ରମ ଜରିଆରେ ଏଲ୍‌ଭିପିଇଆଇ, ଭୁବନେଶ୍ୱର କ୍ୟାମ୍ପସଠାରେ ଏକ ଅତ୍ୟାଧୁନିକ 'ଏନ୍‌ଟିପିସି ଅପରେଟିଂ କମ୍ପ୍ଲେକ୍ସ' ର ପ୍ରତିଷ୍ଠା କରିବା ପାଇଁ ମଧ୍ୟ ସହଯୋଗ ପ୍ରଦାନ କରିଛି। ଏହି କମ୍ପ୍ଲେକ୍ସରେ ୮ଟି ମଡ୍ୟୁଲାର ଅପରେଶନ ରୁମ୍ ରହିଛି, ଯାହା ସହାୟତାରେ ସମସ୍ତ ପ୍ରକାର ଦୃଷ୍ଟିଜନିତ ସମସ୍ୟାର ଆବଶ୍ୟକତାକୁ ପୂରଣ କରାଯାଇ ପାରିବ। ସେହିପରି ଏଲ୍‌ଭିପିଇଆଇ ଦ୍ୱାରା ପ୍ରଦାନ କରାଯାଉଥିବା ଦୃଷ୍ଟି ଥଇଥାନ ସେବାରୁ ୧୫,୭୦୭ ରୋଗୀଙ୍କୁ ଚିହ୍ନଟ କରାଯାଇଛି ଏବଂ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଲୋକମାନଙ୍କ ପାଇଁ ଡିଜିଟାଲ୍ ଲାଇବ୍ରେରୀକୁ ସିଜିଏସ୍‌ଆଇପିଏଲ୍ ସହାୟତାରେ ସ୍ଥାପିତ କରାଯାଇଛି। ଏ ସମ୍ପର୍କରେ ଏଲ୍‌ଭିପିଇଆଇର ମୁଖ୍ୟ ଡା. ଶ୍ରୀକାନ୍ତ କୁମାର ସାହୁ କହିଛନ୍ତି, ଆମେ ଏନ୍‌ଟିପିସି ଓ କଲମ୍ବସ୍ ଫାଉଣ୍ଡେଶନକୁ ତାଙ୍କର ସହାୟତା ନିମନ୍ତେ କୃତଜ୍ଞତା ଜଣାଉଛୁ। ଏହାଦ୍ୱାରା ଅଧିକରୁ ଅଧିକ ଲୋକଙ୍କୁ ଆମର ସେବା ଓ ସୁବିଧା ଉପଲବ୍ଧ କରାଇବା ସହ ଆମେ ଆମର କାର୍ଯ୍ୟକୁ ସଂପ୍ରସାରିତ କରୁଛୁ। ଉଭୟ ସଂସ୍ଥାର ସହଯୋଗ ନିଶ୍ଚିତ ଭାବେ ଓଡ଼ିଶାର ନୁହେଁ ବରଂ ପଡ଼ୋଶୀ ରାଜ୍ୟର ରୋଗୀମାନଙ୍କ ପାଇଁ ମଧ୍ୟ ବେଶ୍ ଲାଭବାନ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଫୁରସତ୍




### ମଡେଲିଂରୁ କ୍ୟାରିୟରର ଆରମ୍ଭ

**ମୁମ୍ବାଇ:** ବଲିଉଡର ହାଣ୍ଡସମ୍ ବୟ ତଥା ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ତାଙ୍କ ଅନ୍ଦାଜକୁ ନେଇ ବେଶ୍ ଜଣାଶୁଣା। ସେ ଏବେ ୩୭ ବର୍ଷ ବୟସରେ ପଦାର୍ପଣ କରିବା ସହ ତାଙ୍କର ଏହି ଜନ୍ମଦିନ ପାଳନ କରୁଛନ୍ତି। ଏଥିନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ତେବେ ସିଦ୍ଧାର୍ଥଙ୍କ ବିଷୟରେ ଅନେକ କଥା ରହିଛି ଯାହା ସେ ଫିଲ୍ମରେ ଅଭିନୟ ଆଗରୁ କରୁଥିଲେ। ସିଦ୍ଧାର୍ଥ ଦିଲ୍ଲୀରୁ ତାଙ୍କର ଦ୍ୱାଦଶ ପାଠପଢ଼ା ଶେଷ କରିଥିଲେ। ପରେ ସେ ଶହୀଦ ଭଗବତ ସିଂ କଲେଜରୁ ବି.କମ୍ ପାସ୍ କରିଥିଲେ। ବି. କମ୍ ପରେ ୧୮ ବର୍ଷ ବୟସରେ ସେ ମଡେଲିଂ ଦୁନିଆରେ ପାଦ ଥାପିଥିଲେ। ଦୀର୍ଘ ଦିନ ଧରି ସେ ମଡେଲିଂ କରୁଥିଲେ। କିନ୍ତୁ ସେ ଅଭିନୟରେ କ୍ୟାରିୟର କରିବାକୁ ମନ କରିଥିଲେ। ଏହା ପରେ ପରେ ସେ ବଲିଉଡ୍‌ରେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ୨୦୧୦ରେ ଶାହାରୁଖ୍ ଖାନ୍‌ଙ୍କ ଫିଲ୍ମ 'ମାଇଁ ନେମ୍ ଇଜ୍ ଖାନ୍'ରେ କରନ ଜୋହରଙ୍କ ସହ ସହ-ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ପ୍ରଥମରୁ କିଛି ସିନେମା ପାଇଁ ସେ ଅଡିସନ ଦେଇଥିଲେ ମଧ୍ୟ ସେ ମଡେଲିଂ ଛାଡି ନ ଥିଲେ। ପରେ ଧର୍ମା ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର'ରେ ଅଡିସନ ଦେଇ ନିଜର ସ୍ଥାନ ପକ୍କା କରିଥିଲେ।

### 'ବଚ୍ଚନ ପାଣ୍ଡେ' ସେଟ୍‌ରେ ନିଆଁ



**ମୁମ୍ବାଇ:** ବଲିଉଡ ଅଭିନେତା ଅକ୍ଷୟ କୁମାରଙ୍କ ଆଗାମୀ ଫିଲ୍ମ 'ବଚ୍ଚନ ପାଣ୍ଡେ' ମାର୍ଚ୍ଚ ୪ରେ ରିଲିଜ ହେବାକୁ ଥିବାବେଳେ ସୁଟିଂବେଳେ ସେଟ୍‌ରେ ନିଆଁ ଲାଗିଯାଇଥିଲା। ତେବେ ଅଗ୍ନିକାଣ୍ଡରୁ ଅକ୍ଷୟ କୁମାର ଏବଂ ଅଭିନେତ୍ରୀ କ୍ରିତି ସାନନ୍ ସୁରକ୍ଷିତ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଫିଲ୍ମର ସୁଟିଂ ପ୍ରାୟତଃ ଶେଷ ହେବାକୁ ବସିଲାଣି। ବାକି ଥିବା ଅଂଶର ସୁଟିଂ କରୁଥିଲେ କ୍ରିତି ଏବଂ ଅକ୍ଷୟ। ଏହି ସମୟରେ ସେଟ୍‌ରେ ଅଗ୍ନିକାଣ୍ଡ ହୋଇଥିଲା। ସୌଭାଗ୍ୟ ବଶତଃ ଏଥିରେ କାହାର କ୍ଷତି ହୋଇନାହିଁ। ସେଟ୍‌ରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। ଚଳଚ୍ଚିତ୍ର 'ବଚ୍ଚନ ପାଣ୍ଡେ'ର ମୁଖ୍ୟ ଭୂମିକାରେ ଅକ୍ଷୟ କୁମାର ଥିବାବେଳେ ତାଙ୍କ ବିପରୀତରେ କ୍ରିତି ସାନନ୍ ଏବଂ ଜ୍ୟାକଲିନ୍ ଫର୍ନାଣ୍ଡିଜ୍ ନଜର ଆସିବେ। ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଫର୍‌ହାଦ ସାମ୍‌ଜୀ। ଫିଲ୍ମଟି କମେଡି ଆଉ ଆକ୍ସନରେ ଭରପୁର। ପୂର୍ବରୁ ଅକ୍ଷୟ କୁମାରଙ୍କ ସିନେମା 'ସୂର୍ଯ୍ୟବଂଶୀ' ବଡ ପରଦାକୁ ଆସି ସାରିଛି।

### ମା'ର ବିବାହ କରାଇଲେ ୨ ପିଲା



**ମୁମ୍ବାଇ:** ୨ଟି ସନ୍ତାନର ମା' ହୋଇଥିବା ଜଣେ ମହିଳା ଅନ୍ୟ ଜଣଙ୍କୁ ଭଲ ପାଇଲେ। ଏହାପରେ ପିଲା ଦୁହେଁ ମିଶି ତାଙ୍କ ସହ ମା'ଙ୍କ ବିବାହ କରାଇଛନ୍ତି। ଏପରି ଏକ ଘଟଣା ମହାରାଷ୍ଟ୍ରରେ ଦେଖିବାକୁ ମିଳିଛି। ସମ୍ପୃକ୍ତ ମହିଳା ସୋନୀ ସୋମାନୀ ଝିଅ ଶ୍ରେୟା ଏବଂ ପୁଅ ସମୀରଙ୍କ ସହ ମହାରାଷ୍ଟ୍ରରେ ରୁହନ୍ତି। ସୋନୀ ୧୭ ବର୍ଷ ବୟସରେ ହିଁ ବିବାହ କରିଥିଲେ। ଙ୍ସୋନୀଙ୍କ ସ୍ୱାମୀ ତାଙ୍କୁ ସବୁବେଳେ ମାଡ ମାରିବା ଏବଂ ବିଶୃଙ୍ଖଳା ବଢ଼ିବାରୁ ସେ ତାଙ୍କ ସ୍ୱାମୀଙ୍କୁ ଛାଡପତ୍ର ଦେଲେ। ୨ ପିଲାଙ୍କୁ ପଢାଇବା ପାଇଁ ସୋନୀ ଏକ କଲ ସେଣ୍ଟରରେ କାମ କରିବା ସହ ନିଜର ଗ୍ରାଜୁଏଶନ୍ ମଧ୍ୟ ପୁରା କଲେ। ଏହା ସହ ତାଙ୍କୁ ଏବେ ଜଣେ ଜୀବନ ସାଥୀଟିଏ ମିଳଯାଇଛନ୍ତି। ୨ ପିଲା ମିଶି ଦୁହିଁଙ୍କ ବିବାହ ଧୁମ୍‌ଧାମରେ କରିଥିଲେ।

Happy marriage anniversary



Happy & Liza

May you celebrate every day together the way you have celebrated today. The trust love and trust you share with each other make you the best couple in the world.

D-22879

CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

HINDUSTAN FINANCE LIMITED
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

ଅର୍ଶ /ମଳକଣ୍ଟକ
(ବିନା ଅସ୍ତ୍ରୋପଚାରରେ)
ଜଳାପୋଡା, କୁଣ୍ଡିଆ, ଲାଳ ପଡିଯିବା, ରକ୍ତ ପଡିବା, ସବୁ ପ୍ରକାର ଅର୍ଶ, ମଳକଣ୍ଟକ ଓ ଭଗନ୍ଦରର ସହଜ ଚିକିତ୍ସା ।
Kharal Ayurveda
9938064706
Time: 11 AM to 5PM

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜାନୁୟାରୀ ୧୭/୨୦୨୨ Sambalpur, Monday, January 17/ 2022

# ଅଷ୍ଟ୍ରେଲିଆ ୪-୦ରେ ବିଜୟୀ

**ଆଶେସ୍ ଟେଷ୍ଟ ସିରିଜ**

- ଇଂଲଣ୍ଡ ୧୪୬ ରନରେ ପରାସ୍ତ
- ଟ୍ରାଭିସ ହେଡ୍ ପ୍ଲେୟର ଅଫ ଦି ମ୍ୟାଚ୍ ଓ ସିରିଜ



ଆଶେସ ଟ୍ରଫି ସହ ଅଷ୍ଟ୍ରେଲିଆ କ୍ରିକେଟ ଦଳ।

ହୋବାର୍ଟ,୧୬।୧

ଇଂଲଣ୍ଡ ବିପକ୍ଷ ହାଇପ୍ରୋଫାଇଲ ଆଶେସ ସିରିଜରେ ଘରୋଇ ଅଷ୍ଟ୍ରେଲିଆ ୪-୦ରେ ବିଜୟୀ ହୋଇଛି। ସ୍ଥାନୀୟ ବେଲେରାଇଭ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ଟେଷ୍ଟରେ ଅଷ୍ଟ୍ରେଲିଆ ୧୪୬ ରନରେ ଇଂଲଣ୍ଡକୁ ହରାଇ ଏହି ସଫଳତା ପାଇଛି। ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଅଷ୍ଟ୍ରେଲୀୟ ଯୁବ ବ୍ୟାଟର ଟ୍ରାଭିସ ହେଡ୍ ପ୍ଲେୟର ଅଫ୍ ସିରିଜ ଓ ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ଡେ/ନାଇଟ ଟେଷ୍ଟରେ ଅଷ୍ଟ୍ରେଲିଆ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ଇନିଂସରେ ୧୧୫ ରନର ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୫୬.୩ ଓଭରରେ ୧୫୫ ରନକରି ଅଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ସମ୍ମୁଖରେ ୨୭୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ରବିବାର ତୃତୀୟ ଦିବସରେ ୩୮.୫ ଓଭରରେ ୧୨୪ ରନକରି ଅଲଆଉଟ ହେବା ସହ ଆତ୍ମ ସମର୍ପଣ କରିଛି।

ଏକଦା ବିନା କ୍ଷତିରେ ଇଂଲଣ୍ଡ ୬୮ ରନକରି ଦ୍ୱିତୀୟ ଇନିଂସରେ ଭଲ ଆରମ୍ଭ କରିଥିଲ। ତେବେ ଦୁଇ ଓପନର ଆଉଟ ହେବା ପରେ ହିଁ ଇଂଲଣ୍ଡ ଇନିଂସ ତାସଘର ପରି ଭୁଶୁଡି ପଡିଥିଲା। ଦୁଇ ଓପନର ରୋରି ବର୍ନ୍ସ ଓ ଜ୍ୟାକ କ୍ରଲି ଯଥାକ୍ରମେ ୨୬ ଓ ୩୬ ରନ କରି କାମେରନ ଗ୍ରୀନ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାୱିଦ ମଲନ ୧୦ ଓ ଅଧିନାୟକ ଜୋ ରୁଟ୍ ୧୧, ମାର୍କ ଉଡ ୧୧ ରନକରି ଆଉଟ ହୋଇଥିଲେ। ବାକି ବ୍ୟାଟରମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଅଷ୍ଟ୍ରେଲୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଇଂଲଣ୍ଡ ବ୍ୟାଟର ହାତ ଟେକି ଦେଇଥିଲେ। ଏହି କ୍ରମରେ ବେନ ଷ୍ଟୋକ୍ସ ୫, ଓଲି ପୋପ ୫, ଉଇକେଟକିପର ବ୍ୟାଟର ସାମ ବିଲିଙ୍ଗ୍ସ ୧, ଷ୍ଟୁଆଟ ବ୍ରଡ ଅପରାଜିତ ୧ ରନ କରିଥିବା ବେଳେ ଓଲି ରବିନସନ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଅଷ୍ଟ୍ରେଲିଆର ପ୍ୟାଟ କୁମିନ୍ସ, ସ୍କଟ ବୋଲାଣ୍ଡ ଓ କାମେରନ ଗ୍ରୀନ ୩ଟି ଲେଖାଏ, ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୭/୩ରୁ ଅଷ୍ଟ୍ରେଲିଆ ଖେଳ ଆରମ୍ଭ କରି ରବିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ ୧୭ରୁ ଖେଳ ଆରମ୍ଭ କରି ୨୭ ଓ ସ୍କଟ ବୋଲାଣ୍ଡ ୩ରୁ ଖେଳ ଆରମ୍ଭ କରି ୮ ରନକରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେଡ ୮, କାମେରନ ଗ୍ରୀନ ୨୩, ଅଲେକ୍ସ କାରେ ୪୯, ମିଚେଲ ଷ୍ଟାର୍କ ୧, ପ୍ୟାଟ କୁମିନ୍ସ ୧୩ ରନକରି ଆଉଟ ହୋଇଥିବା ବେଳେ ନାଥନ ଲିୟନ ୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ମାର୍କ ଉଡ ୬, ବ୍ରଡ ୩, କ୍ରିସ୍ ୱୋକ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ତେବେ ଚତୁର୍ଥ ଟେଷ୍ଟ ଅମୀମାଂସିତ ରହିଥିଲା ଓ ଅଷ୍ଟ୍ରେଲିଆ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୭୫.୪ ଓଭରରେ ୩୦୩ ଅଲଆଉଟ। ଇଂଲଣ୍ଡ ପ୍ରଥମ ଇନିଂସ- ୪୭.୪ ଓଭରରେ ୧୮୮ ଅଲଆଉଟ। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୫୬.୩ ଓଭରରେ ୧୫୫ ଅଲଆଉଟ। ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୩୮.୫ ଓଭରରେ ୧୨୪ ଅଲଆଉଟ (ବର୍ନ୍ସ- ୨୬, କ୍ରଲି- ୩୬, କୁମିନ୍ସ- ୩/ ୪୨, ବୋଲାଣ୍ଡ- ୩/୧୮, ଗ୍ରୀନ- ୩/୨୧, ଷ୍ଟାର୍କ- ୧/୩୦)।

# କୋହଲି ଜଣେ ଶ୍ରେଷ୍ଠ ଅଧିନାୟକ: ବିସିସିଆଇ

ନୂଆଦିଲ୍ଲୀ, ୧୬।୧(ପି.ଟି.)

କ୍ରିକେଟର ଶ୍ରେଷ୍ଠ ଅଧିନାୟକଙ୍କ ମଧ୍ୟରେ ବିରାଟ କୋହଲି ଅନ୍ୟତମ। ଗୋଟିଏ ପିଢ଼ିରେ ଥରେ ଏଭଳି କ୍ରିକେଟର ଦେଖିବାକୁ ମିଳନ୍ତି। ଷ୍ଟାର ବ୍ୟାଟର ଟେଷ୍ଟ ଅଧିନାୟକ ପଦ ତ୍ୟାଗ କରିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରତିକ୍ରିୟାରେ ଏ ବିଷୟ ପ୍ରକାଶ କରିଛି। ଇସ୍ତଫା ପ୍ରଦାନ




ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। କ୍ରିକେଟ ପରିଷଦ ଏହାକୁ ସମ୍ମାନ ଜଣାଉଛି ବୋଲି ବିସିସିଆଇ କହିଛି। କୋହଲି ହେଉଛନ୍ତି ଭାରତର ସବୁଠାରୁ ସଫଳତମ ଟେଷ୍ଟ ଅଧିନାୟକ। ସେ ୭ବର୍ଷ ଧରି ନେତୃତ୍ୱ ନେଇ ଆସୁଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ୧-୨ରେ ପରାଜିତ ହେବାର ଦିନକ ପରେ ସେ ଅପ୍ରତ୍ୟାଶିତ ଭାବେ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। କୋହଲିଙ୍କ ଅଧୀନରେ ଭାରତ ୬୮ଟି ଟେଷ୍ଟ ମଧ୍ୟରୁ ୪୦ଟିରେ ବିଜୟ ଲାଭ କରିଛି। ଏହି ସଫଳତା ଯୋଗୁ ସେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟେଷ୍ଟ ଅଧିନାୟକ ଭାବେ ପରିଗଣିତ ହେଉଥିଲେ। ଜଣେ ଅଧିନାୟକ ହିସାବରେ ଭାରତୀୟ କ୍ରିକେଟ ପ୍ରତି ଅତୁଳନୀୟ ଅବଦାନ ପାଇଁ ବ୍ୟକ୍ତିଗତ ଭାବେ ତାଙ୍କୁ ଧନ୍ୟବାଦ ଦେବି ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି।

## ଭଲ ଜିନିଷର ଅନ୍ତ ଅଛି

କୋହଲି ଭାରତୀୟ ଦଳର ଜଣେ ପ୍ରମୁଖ ସଦସ୍ୟ ହୋଇ ରହିବେ। ଜଣେ ନୂଆ ଅଧିନାୟକ ଅଧୀନରେ ସେ ତାଙ୍କ ବ୍ୟାଟିଂ ଅବଦାନ ମାଧ୍ୟମରେ ଦଳକୁ ନୂଆ ସୋପାନରେ ପହଞ୍ଚାଇବେ। ପ୍ରତିଟି ଭଲ ଜିନିଷ ଦିନେ ନା ଦିନେ ଅନ୍ତ ଘଟିଥାଏ। କୋହଲିଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ଗାଙ୍ଗୁଲି କହିଛନ୍ତି। ସୂଚନାଯୋଗ୍ୟ, କୋହଲି ପ୍ରଥମେ ଟି୨୦ ଏବଂ ପରେ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ପଦ ତ୍ୟାଗ କରିବା ପରେ ବିସିସିଆଇ ସହିତ ଏହି ଷ୍ଟାର ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ରହିଥିବା ତିକ୍ତ ସମ୍ପର୍କ ପଦାରେ ପଡ଼ିଥିଲା। ଗାଙ୍ଗୁଲି କହିଥିଲେ ଯେ, କୋହଲିଙ୍କୁ ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଅଧିନାୟକ ପଦବୀରେ ରହିବା ଲାଗି ଅନୁରୋଧ କରାଯାଇଥିଲା। ମାତ୍ର କୋହଲି ତାହାକୁ ଖଣ୍ଡନ କରିଥିଲେ। କୋହଲି ଭାରତର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକ ବିବେଚିତ ହେଉଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ୬୮ ଟେଷ୍ଟ ମ୍ୟାଚରେ ଭାରତର ନେତୃତ୍ୱ ନେଇ ୪୦ଟିରେ ବିଜୟ ହାସଲ କରିଛନ୍ତି। ତାଙ୍କର ବିଜୟ ହାର ୫୮.୮୨ ରହିଛି। ଜଣେ ଟେଷ୍ଟ ଅଧିନାୟକ ହିସାବରେ ସେ ୨୦୧୫ରେ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମ ସିରିଜ ବିଜୟ ହାସଲ କରିଥିଲେ। ଶ୍ରୀଲଙ୍କା ମାଟିରେ ୨୨ ବର୍ଷ ପରେ ଭାରତର ଏହାଥିଲା ପ୍ରଥମ ବିଜୟ। ବିସିସିଆଇ ସମ୍ପାଦକ ଜୟ ଶାହା ବିରାଟ କୋହଲିଙ୍କୁ ଭାରତର ଅନ୍ୟତମ ଶ୍ରେଷ୍ଠ ଅଧିନାୟକ ବୋଲି କହିଛନ୍ତି। ଦଳର ଅଧିନାୟକ ଭାବେ ତାଙ୍କ ରେକର୍ଡ ଓ ଅବଦାନ ଅତୁଳନୀୟ। ତାଙ୍କ ସଫଳ ନେତୃତ୍ୱରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ଦଳ ବିପକ୍ଷରେ ଭାରତ ନିଜ ମାଟିରେ ଓ ବିଦେଶରେ କେତୋଟି ଟେଷ୍ଟରେ ଚମତ୍କାର ବିଜୟ ହାସଲ କରିପାରିଛି ବୋଲି ଶାହା କହିଛନ୍ତି।

# ଉତ୍କଳ କରାଟେ ସ୍କୁଲରେ ଗ୍ରେଡିଂ ପରୀକ୍ଷା


ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀଗଣ।

**ଭୁବନେଶ୍ୱର,୧୬।୧:** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ସମସ୍ତ କୋଭିଡ୍ ନିୟମ ଅନୁସରଣ କରି କରାଟେ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମୋଟ ୧୩୯ ଜଣ ପ୍ରତିଯୋଗୀ ପର୍ଯ୍ୟାୟ କ୍ରମେ ଭାଗ ହୋଇ ଗ୍ରେଡିଂ ପରୀକ୍ଷା ଦେଇଥିଲେ। ପିଲାଙ୍କୁ କ୍ରୀଡ଼ା ସହ ଯୋଡି ରଖିବାକୁ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସିନିୟର କରାଟେ ପ୍ରଶିକ୍ଷକ ସେନସେଇ ଖାରବେଳ ମଲିକ, ସେନସେଇ ପ୍ରଦୀପ ମହାନ୍ତି, ସେନସେଇ ଦିଲୀପ ଜେନା, ସେନସେଇ କୃଷ୍ଣଚନ୍ଦ୍ର ମହାରଣା, ସେନସେଇ ମହେଶ ଡୋରା, ସେନସେଇ ସୁଶାନ୍ତ ପଣ୍ଡା, ସପନ ମିଶ୍ର, ଅନୁରାଧା ପାତ୍ର, ସିନ୍ଧୁ ତନୟା ଖୁଣ୍ଟିଆ ପ୍ରମୁଖ ଏହି ପରୀକ୍ଷା ପରିଚାଳନା କରିଥିଲେ। ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ତଥା ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ପରୀକ୍ଷାରେ ୟେଲୋ ବେଲ୍ଟରେ ୩୬, ଅରେଞ୍ଜ ବେଲ୍ଟରେ ୨୯, ଗ୍ରୀନ ବେଲ୍ଟରେ ୨୮, ବ୍ଲୁବେଲ୍ଟରେ ୧୩ ଓ ବ୍ରାଉନ ବେଲ୍ଟରେ ୩୩ଜଣ କୃତକାର୍ଯ୍ୟ ହୋଇଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୋଡେନ,୧୬।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ସୁନାମୁଦି ଗାଁଠାରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅରୁଣ କୁମାର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଲେଖ ମାଝି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଧୋବେଇ, ଖଡୁପାଣି, ଚିକଲଚୁଆଁ ଦଳ ବିଜୟୀ ଲାଭ କରିଥିଲା। ସ୍କୋରର ମହେଶ୍ୱର ମାଝି, ପୀତାମ୍ବର ମାଝି, ଦେବେନ୍ଦ୍ର ମାଝି ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। କ୍ଲବ୍‌ର ଉବୁଚରଣ ମାଝି, ବେଦବ୍ୟାସ ମାଝି, ପିତ ମାଝି ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ଏଥିରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି।

# ଖିରୋଗୀରେ ସୁବର୍ଣ୍ଣପୁର, ପୁମସେରେ ବୌଦ୍ଧ ଚାମ୍ପିୟନ

ଅମରପାଲି,୧୬।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଓଡ଼ିଶା ଟାଏକୋଣ୍ଡୋ ସଂଘ ଓ ଜିଲା ଟାଏକୋଣ୍ଡୋ ସଂଘ ମିଳିତ ଆନୁକୂଲ୍ୟରେ ପ୍ରଥମ ଓଡ଼ିଶା ୱେଷ୍ଟଜୋନ୍ ଟାଏକୋଣ୍ଡୋ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଯୁଗଳ କିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟ ଅତିଥି, ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ ରଥ ମୁଖ୍ୟବକ୍ତା ଏବଂ ଭାଜପା ନେତ୍ରୀ ଗାୟତ୍ରୀ ପାଣିଗ୍ରାହୀ, ଶିକ୍ଷାବିତ୍ ବିଶ୍ୱପତି ପଣ୍ଡା, ପଙ୍କଜ ଖମାରୀ, ଓଟିଏ ସମ୍ପାଦକ ମନମୋହନ ଭଞ୍ଜ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନଶିପରେ ସୁବର୍ଣ୍ଣପୁର, ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲାରୁ ୨ଶହ ପ୍ରତିଯୋଗୀ ଓ ୧୦ଜଣ ଓଟିଏ ଜାତୀୟସ୍ତରୀୟ ରେଫରି ଯୋଗଦେଇଥିଲେ। ଉଭୟ ବାଳିକା ଓ ବାଳକ ବର୍ଗର ସୁପର ସବ୍‌ଜୁନିୟର, ସବ୍‌ଜୁନିୟର, କ୍ୟାଡେଟ, ଜୁନିୟର ଓ ସିନିୟର ବିଭାଗରେ ଟାଏକୋଣ୍ଡୋ ଖିରୋଗୀ, ପୁମସେ, ପେଆର ପୁମସେ ଓ ଗ୍ରୁପ ପୁମସେ ଆଦି ପ୍ରତିଯୋଗିତା ହୋଇଥିଲା। ଜାତୀୟସ୍ତର ରେଫରି କେ.ମନୋଜ ପ୍ରଧାନ, ସାଗର କୁମାର ବିଶୋଇ, ଏମଡି ରମଜାନ, ମଳୟେନ୍ଦୁ ମହନ୍ତ, ଇ. ଲଳିତ କୁମାର, ପ୍ରଶାନ୍ତ ପାତ୍ର, ଏମ. ରିତିକ ରଞ୍ଜନ ମହାପାତ୍ର, ଆଶୁତୋଷ ଦାସ, ଭାଗ୍ୟଶ୍ରୀ ଦାସ, ଝାନ୍‌ସିରାଣୀ ସାଗରିକା ନାଏକ ଖେଳ ପରିଚାଳନା କରିଥିଲେ। ଖିରୋଗୀ ଇଭେଣ୍ଟରେ ସୁବର୍ଣ୍ଣପୁର ଚାମ୍ପିୟନ, ବୌଦ୍ଧ ଜିଲା ରନର୍ସ ଅପ ହୋଇଛି। ପୁମସେ ଇଭେଣ୍ଟରେ ବୌଦ୍ଧ ଜିଲା ଚାମ୍ପିୟନ ଓ ସୁବର୍ଣ୍ଣପୁର ଜିଲା ରନର୍ସ ଅପ ହୋଇ ପୁରସ୍କୃତ ହୋଇଛନ୍ତି। ଏହା ସହିତ ପ୍ରତି ବିଭାଗର ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ମେଡାଲ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକ ଏହେସାସ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



ସୁବର୍ଣ୍ଣପୁର ଜିଲାକୁ ଅତିଥିମାନେ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

**ୱେଷ୍ଟଜୋନ୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍**

# ସେନ୍‌ଙ୍କୁ ସିଙ୍ଗଲ୍ସ, ସାତ୍ୱିକ-ଚିରାଗଙ୍କୁ ଡବଲ୍ସ ଟାଇଟଲ

ନୂଆଦିଲ୍ଲୀ, ୧୬।୧ (ପି.ଟି.)

ୟୋନେକ୍ସ-ସନରାଇଜ୍ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସ ଏବଂ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଡବଲ୍ସ ଟାଇଟଲ ଜିତିଛନ୍ତି।

**ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ**

ଲକ୍ଷ୍ୟ ସେନ୍ ତାଙ୍କର ପ୍ରଥମ ସୁପର ୫୦୦ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ବିଶ୍ୱ ଚାମ୍ପିୟନ ସିଙ୍ଗାପୁରର ଲୋ କିନ୍ ୟେଙ୍କୁ ୨୪-୨୨, ୨୧-୧୭ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୫୪ ମିନିଟ୍‌ରେ ଶେଷ ହୋଇଥିଲା। ୨୦ ବର୍ଷୀୟ ସେନ୍ ଗତ ମାସରେ ସ୍ପେନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଗତବର୍ଷ ଡଚ୍ ଓପନ ଫାଇନାଲରେ ଲକ୍ଷ୍ୟ ଓ ଲୋ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚରେ ଲକ୍ଷ୍ୟ ଅବଶ୍ୟ ହାରିଯାଇଥିଲେ। ରବିବାର ସେ ଆକ୍ରମଣାତ୍ମକ ଶଟ୍ ଖେଳିବା ସହ ଠିକଣା ସମୟରେ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିଥିଲେ।

**ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ**

**ସାତ୍ୱିକ-ଚିରାଗଙ୍କୁ ଇଣ୍ଡିଆ ଓପନ୍ ଟାଇଟଲ**

ଟପ୍ ସିଡ୍ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରଥମ ଭାରତୀୟ ଯୋଡ଼ି ଭାବେ ୟୋନେକ୍ସ ସନରାଇଜ୍ ଇଣ୍ଡିଆ ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ବିଶ୍ୱର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଯୋଡ଼ି ରବିବାର ଫାଇନାଲରେ ୩ଥର ବିଶ୍ୱଚାମ୍ପିୟନ ତଥା ଟପ୍ ସିଡ୍ ଇଣ୍ଡୋନେସିଆର ମହମ୍ମଦ ଅହସାନ ଓ ହେଣ୍ଡ୍ରା ସାଟିଆୱାନଙ୍କ ବିପକ୍ଷରେ ୨୧-୧୬, ୨୬-୨୪ରେ ବିଜୟ ହାସଲ କରି ସେମାନଙ୍କ ନୂଆ ସିଜନ ଷ୍ଟାଇଲରେ ଆରମ୍ଭ କରିଛନ୍ତି। ଭାରତୀୟ ଯୋଡ଼ି ସେମାନଙ୍କ ପ୍ରଥମ ସୁପର ୫୦୦ ଟୁର୍ନାମେଣ୍ଟ ଥାଇଲାଣ୍ଡରେ ୨୦୧୯ରେ ଜିତିଥିଲେ। ସେହିବର୍ଷ ସେମାନେ ଫ୍ରେଞ୍ଚ ଓପନ ସୁପର ଜିତିଥିଲେ। ସାତ୍ୱିକ ଓ ଚିରାଗ ଆହୁରି ମଧ୍ୟ ୨୦୧୮ରେ ହାଇଦ୍ରାବାଦ ଓପନ ସୁପର-୧୦୦ ଜିତିଥିବା ବେଳେ ସୟଦ ମୋଦି ଇଣ୍ଟରନ୍ୟାଶନାଲରେ ରନର୍ସଅପ୍ ହୋଇଥିଲେ। ଏହାଛଡ଼ା ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେମାନେ ରୌପ୍ୟ ଜିତିଥିଲେ। ଏହି ଯୋଡ଼ି ଆହୁରି ମଧ୍ୟ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ଐତିହାସିକ ମିକ୍ସଡ ଟିମ୍ ସ୍ୱର୍ଣ୍ଣ ପଦକ ହାସଲରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ଯୋଡ଼ି ଆହୁରି ମଧ୍ୟ ଗତ ବର୍ଷ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଦୁଇଟି ଗେମ୍ ମଧ୍ୟରୁ ଦୁଇଟିର ବିଜୟ ହାସଲ କରିଥିବଲେ ମଧ୍ୟ ସେମାନେ ଗ୍ରୁପ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନ ଥିଲେ।



ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।

# ବୃହତ୍ ବିଜୟ ସହ ଭାରତର ଅଭିଯାନ

ଜର୍ଜଟାଉନ,୧୬।୧

ରେକର୍ଡ ୪ଥର ଟାଇଟଲ ହାସଲ କରିଥିବା ଭାରତୀୟ କ୍ରିକେଟ ଦଳ ଏଥର ୱେଷ୍ଟଇଣ୍ଡିଜରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଗୁୟାନାର ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍‌ରେ ଭାରତ ୪୫ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ୨ ପଏଣ୍ଟ ହାସଲ କରିଛି। ଟସ୍ ହାରି ବ୍ୟାଟି ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୪୬.୫ ଓଭରରେ ୨୩୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୪୫.୪ ଓଭରରେ ୧୮୭ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ଭାରତ ଏବେ ତା'ର ପରବର୍ତ୍ତୀ ମୁକାବିଲାରେ ୧୯ ତାରିଖ ବୁଧବାର ଆୟର୍ଲାଣ୍ଡକୁ ଭେଟିବ। ସେହିପରି ଶନିବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ୪୯ ରନରେ କାନାଡାକୁ, ଆୟର୍ଲାଣ୍ଡ ୩୯ ରନରେ ଉଗାଣ୍ଡାକୁ, ଜିମ୍ବାୱେ ୨୨୮ ରନରେ ପାପୁଆ ନ୍ୟୁ ଗିନିକୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

୨୩୩ ରନ ଟାର୍ଗେଟର ପିଛା କରି ଦକ୍ଷିଣ ଆଫ୍ରିକା ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ନିୟମିତ ଅନ୍ତରରେ ଉଇକେଟମାନ ହରାଇଥିଲା। ଦଳ ତରଫରୁ ଡେୱାଲ୍ଡ ବ୍ରେଭିସ୍ ସର୍ବାଧିକ ୬୫, ଅଧିନାୟକ ଜର୍ଜ ଭାନ ହିରଡେନ ୩୬, ଭାଲେଣ୍ଟାଇନ କିଟାଇମ ୨୫ ରନକରି ଆଉଟ ହୋଇଥିବା ବେଳେ ଲିଅମ ଏଡର ୧୭ ରନକରି ଅପରାଜିତ ରହିଥିଲେ। ଭାରତ ତରଫରୁ ସ୍ପିନର ଭିକି ଓଷ୍ଟୱାଲ ସର୍ବାଧିକ ୫, ଡାହାଣହାତୀ ମିଡିୟମ ପେସର ରାଜ ବାୱା ୪ ଓ ରାଜବର୍ଦ୍ଧନ ଏସ୍ ହଙ୍ଗରଗେକର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ୫ ଉଇକେଟ ଅକ୍ତିଆର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଭିକି ଓଷ୍ଟୱାଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ବର୍ଷା ଯୋଗୁ ୪୦ ମିନିଟ ବିଳମ୍ବରେ ମ୍ୟାଚ୍ ଆରମ୍ଭ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୧ ରନରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ଦୁଇ ଓପନର ଅଙ୍ଗକ୍ରିସ୍ ରଘୁବଂଶୀ ୫ ଓ ହରନୁର ସିଂ ୧ ରନ କରି ଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ଅଧିନାୟକ ତଥା ଦିଲ୍ଲୀ ବ୍ୟାଟର ୟଶ ଧୁଲ ଓ ଉପ- ଅଧିନାୟକ ଏସ୍‌କେ ରସିଦ ୮୭ ବଲର ସମ୍ମୁଖୀନ ହୋଇ ୭୧ ରନ କରି ସ୍ଥିତି ସମ୍ଭାଳିଥିଲେ। ରସିଦ ୩୧ ରନକରି ଆଉଟ ହୋଇଥିଲେ। ତେବେ ଧୁଲ ୧୦୦ ବଲର ସମ୍ମୁଖୀନ ହୋଇ ୧୧ ଚୌକା ସହ ୮୨ ରନକରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ ମଧ୍ୟ ଦଳର ସ୍କୋରକୁ ୨୦୦ରନ ପାଖରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଶାନ୍ତ ସିନ୍ଧୁ ୨୭, ରାଜ ବାୱା ୧୩, କୁଶଲ ତାମ୍ବେ ୩୫ ରନ କରି ଆଉଟ ହୋଇଥିଲେ। ତେବେ ଟେଲ ଏଣ୍ଡରମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଉଇକେଟକିପର ବ୍ୟାଟର ଦୀନେଶ ବନ ୭, ଓଷ୍ଟୱାଲ ୯ ରନକରି ଆଉଟ ହୋଇଥିବା ବେଳେ ହଙ୍ଗରଗେକର ଓ ରବି କୁମାର ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ମାଥ୍ୟୁ ବୋଷ୍ଟ ସର୍ବାଧିକ ୩, ଅଫିୱେ ଏମ୍‌ନ୍ୟାଣ୍ଡା ଓ ଡେୱାଲ୍ଡ ବ୍ରେଭିସ୍ ୨ଟି ଲେଖାଏ, ଲିଅମ ଏଡର ଓ ମାଇକେଲ କୋପଲାଣ୍ଡ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିବା ପରେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ।

**୧୯ ବର୍ଷରୁ କମ୍ ବିଶ୍ୱକପ୍**

**ସଂକ୍ଷିପ୍ତ ସ୍କୋର**

ଭାରତ ୪୬.୫ ଓଭରରେ ୨୩୨ ଅଲଆଉଟ (ୟଶ ଧୁଲ- ୮୨, କୁଶଲ ତାମ୍ବେ- ୩୫, ଏସ୍‌କେ ରସିଦ- ୩୧, ନିଶାନ୍ତ ସିନ୍ଧୁ- ୨୭, ମାଥ୍ୟୁ ବୋଷ୍ଟ- ୩/ ୪୦, ଅଫିୱେ ଏମ୍‌ନ୍ୟାଣ୍ଡା-୨/ ୨୯, ଡେୱାଲ୍ଡ ବ୍ରେଭିସ- ୨/ ୪୩)। ଦକ୍ଷିଣ ଆଫ୍ରିକା ୪୫.୪ ଓଭରରେ ୧୮୭ ଅଲଆଉଟ (ବ୍ରେଭିସ- ୬୫, ଜର୍ଜ ଭାନ ହିରଡେନ- ୩୬, ଭାଲେଣ୍ଟାଇନ କିଟାଇମ- ୨୫, ଲିୟମ ଏଡର- ୧୭*, ଭିକି ଓଷ୍ଟୱାଲ- ୫/୨୮, ରାଜ ବାୱା- ୪/୪୭)।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୪

ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୧୭/୨୦୨୨ (୮+୪=୧୨ ପୃଷ୍ଠା)

Sambalpur, Monday, January 17/2022



## ଲତା ମଙ୍ଗେସ୍କର ଗୁରୁତର

କରୋନାରେ ଆକ୍ରାନ୍ତ ହୋଇ ମୁମ୍ବାଇର ଏକ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି ହୋଇଥିବା ଭାରତର କୋକିଳକଣ୍ଠି ଗାୟିକା ଲତା ମଙ୍ଗେସ୍କରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ୦୪

୦୨

## ନବଦୀପଙ୍କୁ କଷ୍ଟ୍ୟୁମ୍ ଆୱାର୍ଡ

ଆମେରିକାର ଲାସ୍‌ଭେଗାସ୍ ରିସୋର୍ଟରେ ଅନୁଷ୍ଠିତ ମିସେସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ନବଦୀପ କୌର ବେଷ୍ଟ କଷ୍ଟ୍ୟୁମ୍ ଆୱାର୍ଡ ଜିତିଛନ୍ତି।



# ଓମିକ୍ରନ୍ ଏକ ବିଜାତୀୟ ଭୂତାଣୁ

**ନୂଆଦିଲ୍ଲୀ,୧୬।୧**

ବୈଜ୍ଞାନିକମାନେ ଓମିକ୍ରନ୍‌କୁ ସମ୍ପୂର୍ଣ୍ଣ ଭିନ୍ନ ମହାମାରୀ ଭାବେ ଦେଖୁଥିବାବେଳେ ଦୁଇଟି ମହାମାରୀ ପରସ୍ପର ସହ ଯୋଡ଼ିହୋଇ ଚାଲିଥିବା ଭଳି ଜଣାପଡୁଥିବା ଆଇସିଏମ୍ଆର୍‌ର ପୂର୍ବତନ ମୁଖ୍ୟ ତଥା ଭୂତାଣୁ ବିଜ୍ଞାନୀ ଡ. ଟି. ଜାକୋବ ଜନ୍ କହିଛନ୍ତି। ତାଙ୍କ କହିବା ଅନୁଯାୟୀ ଉହାନରେ ସୃଷ୍ଟ ଡି୬୧୪ଜି, ଆଲ୍‌ଫା, ବିଟା, ଗାମା, ଡେଲ୍ଟା, କାପ୍ପା କିମ୍ବା ମୁ ଭାରିଆଣ୍ଟଠାରୁ ଓମିକ୍ରନ୍ ସୃଷ୍ଟି ହୋଇନାହିଁ। ମହାମାରୀ ସୃଷ୍ଟି କରିଥିବା ଉହାନ ଭୂତାଣୁ ସହ ଓମିକ୍ରନ୍‌ର ଦୂର ସମ୍ପର୍କ ରହିଥିବା ସେ କହିଛନ୍ତି। କୋଭିଡ-୧୯ ମହାମାରୀର ବିବର୍ତ୍ତନରେ ଓମିକ୍ରନ୍ ଅବୈଧ ବା ବିଜାତୀୟ ଭଳି ଲାଗୁଥିବାବେଳେ ଡେଲ୍ଟା ଓ ଏହାର ଘନିଷ୍ଠ ସମ୍ପର୍କୀୟ ଏକସଙ୍ଗେ ବ୍ୟାପୁଥିବା କଥା ଚିନ୍ତା କରାଯାଇପାରେ।

ଓମିକ୍ରନ୍‌କୁ ବିଜାତୀୟ କୁହାଯିବାର କାରଣ ହେଲା ଏହି ଭାରିଆଣ୍ଟ ଦ୍ୱାରା ସଂକ୍ରମିତ ବ୍ୟକ୍ତିଙ୍କ ଜିନୋମ ସିକ୍ୱେନ୍ସିରୁ କୋଭିଡ୍ ଭିନ୍ନ ଲକ୍ଷଣମାନ ଦେଖାଯାଉଛି। ପାରମ୍ପରିକ କୋଭିଡ୍ ଶ୍ୱାସକ୍ରିୟା ପ୍ରଣାଳୀକୁ ସଂକ୍ରମିତ କରୁଥିବାବେଳେ ଓମିକ୍ରନ୍ ମୁଖ୍ୟତଃ ଗଳାକୁ ସଂକ୍ରମଣ କରୁଛି। ପୂର୍ବରୁ କୋଭିଡ୍ ଷ୍ଟ୍ରେନ୍‌ଗୁଡ଼ିକ ଯେଉଁଭଳି ଆକ୍ରାନ୍ତ କରୁଥିଲା ଓମିକ୍ରନ୍ ସେଭଳି କରୁ ନ ଥିବା ଓକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ମେଡିସିନ ପ୍ରଫେସର ଜନ୍ ବେଲ୍ କହିଛନ୍ତି। ନୂଆ ଭାରିଆଣ୍ଟ ଦ୍ରୁତ ସଂକ୍ରମଣ କରୁଥିବାବେଳେ ଟିକା ନେଇ ନ ଥିବା ପୃଷ୍ଠା-୨

## କୋଭିଡ୍ ଆର୍-ଭାଲ୍ୟୁ କମିଛି

**ନୂଆଦିଲ୍ଲୀ,୧୬।୧**

ଭାରତରେ କୋଭିଡ୍୧୯ର ଆର୍-ଭାଲ୍ୟୁ ଜାନୁୟାରୀ ୭ରୁ ୧୩ ମଧ୍ୟରେ ହ୍ରାସ ପାଇଥିବା ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନେ ଅନୁଧ୍ୟାନରୁ ଜାଣିବାକୁ ପାଇଛନ୍ତି। ଜାନୁୟାରୀ ପ୍ରଥମ ସପ୍ତାହରେ ଆର୍-ଭାଲ୍ୟୁ ୪ ରହିଥିଲା, ଅର୍ଥାତ ଜଣେ ସଂକ୍ରମିତ ଅନ୍ୟ ୪ ଜଣଙ୍କୁ ସଂକ୍ରମିତ କରିପାରୁଥିଲେ। ଦ୍ୱିତୀୟ ସପ୍ତାହରେ ଏହା ୨.୨କୁ ହ୍ରାସ ପାଇଛି। ଅର୍ଥାତ୍ ପ୍ରତି ୧୦୦ ଜଣ ଲୋକ ୨୨୦ ଜଣଙ୍କୁ ସଂକ୍ରମିତ କରିପାରୁଛନ୍ତି ଯାହାକି ଦୁଇଗୁଣରୁ ଅଧିକ। ଆର୍-ଭାଲ୍ୟୁ ଭୂତାଣୁର ସଂକ୍ରାମକତାର ସୂଚନା ଦେଇଥାଏ। ଏହା ୧ରୁ ଅଧିକ ରହିଲେ ଜଣେ ଆକ୍ରାନ୍ତ ଏକାଧିକ ଲୋକଙ୍କୁ ସଂକ୍ରମଣ କରିବାର କ୍ଷମତା ରଖିଥାନ୍ତି। ଆଇଆଇଟି ମାଡ୍ରାସ ଗବେଷକମାନଙ୍କ ଆକଳନ ଅନୁଯାୟୀ ଗତ ସପ୍ତାହରେ ମୁମ୍ବାଇରେ ଆର୍-ଭାଲ୍ୟୁ ୧.୩ ରହିଥିବାବେଳେ ଦିଲ୍ଲୀରେ ୨.୫, ଚେନ୍ନାଇରେ ୨.୪ ଏବଂ କୋଲକାତାରେ ୧.୬ ରହିଛି। ଡିସେମ୍ବର ଶେଷ ସପ୍ତାହରେ ଆର୍-ଭାଲ୍ୟୁ ପାଖାପାଖି ପୃଷ୍ଠା-୨



## ୧୧ହଜାର ଟପିଲା ଦୈନିକ ସଂକ୍ରମଣ

### ଆଉ ୩ ଆକ୍ରାନ୍ତଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୧୧ ହଜାର ଟପିଛି। ଗତ ୨୪ ଘଣ୍ଟାରେ ୭୭,୧୨୦ ନମୁନା ପରୀକ୍ଷା କରାଯାଇଥିବାବେଳେ ୧୧,୧୭୭ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୧୪.୪୯%ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩,୪୨୪ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୨,୧୩୬ଜଣ ରହିଛନ୍ତି। ସେହିଭଳି କଟକରୁ ୮୨୯, ସମ୍ବଲପୁର ୩୭୯, ବାଲେଶ୍ୱର ୩୪୨, ବଲାଙ୍ଗୀର ୩୧୨, ମୟୂରଭଞ୍ଜ ୨୭୬, ସୋନପୁର ୨୩୮, ଝାରସୁଗୁଡ଼ା ୧୯୩, ରାୟଗଡ଼ା ୧୮୪, ଯାଜପୁର ୧୭୯, କଳାହାଣ୍ଡି ୧୭୩, ଜଗତ୍‌ସିଂହପୁର ୧୬୪, ନୟାଗଡ଼ ୧୫୯, ନବରଙ୍ଗପୁର ୧୫୫, କୋରାପୁଟ ୧୫୨, ପୁରୀ ୧୪୧, ଅନୁଗୋଳ ୧୩୨, ବରଗଡ଼ ୧୨୩ ଓ ଗଞ୍ଜାମରୁ ୧୦୮ଜଣ ଚିହ୍ନଟ ହୋଇଛନ୍ତି। ୧୮ବର୍ଷରୁ କମ୍ ବୟସର ୧,୦୧୬ଜଣ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତ ସଂଖ୍ୟା ୧୧,୩୩,୯୧୨କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟରେ ଆଉ ୩ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଗଞ୍ଜାମ, ନୟାଗଡ଼ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଥିବାବେଳେ ଦୁଇଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି। ତେବେ ଗଞ୍ଜାମର ୭୫ ବର୍ଷୀୟ ମହିଳା ଜଣକ କେବଳ କରୋନାରେ ପୀଡିତ ଥିଲେ। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୮୧ରେ ପହଞ୍ଚିଛି। ଅପରପକ୍ଷେ ରବିବାର ଆଉ ୪,୪୫୨ଜଣ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୧୦,୬୦,୦୬୭କୁ ବୃଦ୍ଧି ପାଇଛି। ସେପଟେ ଖୋର୍ଦ୍ଧା ଜିଲାରେ ସକ୍ରିୟ ରୋଗୀ ସଂଖ୍ୟା ୨୦ ହଜାର ଟପିଯାଇଛି। ରାଜ୍ୟରେ ମୋଟ ସକ୍ରିୟ ରୋଗୀ ସଂଖ୍ୟା ୬୯,୭୬୩ ଜଣ ଥିବାବେଳେ କେବଳ ଖୋର୍ଦ୍ଧାରେ ସର୍ବାଧିକ ୨୨,୮୩୫ଜଣ ରହିଛନ୍ତି। ସେହିପରି ସୁନ୍ଦରଗଡ଼ରେ ୯,୭୪୬, କଟକ ୫,୧୪୫, ସମ୍ବଲପୁର ୪,୨୬୮, ବାଲେଶ୍ୱର ୨,୩୫୩, ମୟୂରଭଞ୍ଜ ୨,୧୧୫, ବଲାଙ୍ଗୀର ୧,୬୮୬, ପୁରୀ ୧,୬୦୬, ଝାରସୁଗୁଡ଼ା ୧,୨୯୦ ଓ କୋରାପୁଟରୁ ପୃଷ୍ଠା-୨



ମେଲବୋର୍ନ ବିମାନ ବନ୍ଦରରେ ନୋଭାକ ଜୋକୋଭିଚ୍ (ମଝି) ।

# ଅଷ୍ଟ୍ରେଲିଆ ଛାଡ଼ିଲେ ଜୋକୋଭିଚ୍

### ଅଦାଲତରେ ପରାଜୟ ପରେ ପ୍ରତ୍ୟର୍ପଣ

**ମେଲବୋର୍ନ,୧୬।୧**

ବିଶ୍ୱର ୧ ନମ୍ବର ଟେନିସ ଖେଳାଳି ତଥା ସର୍ବିୟା ସୁପରଷ୍ଟାର ନୋଭାକ ଜୋକୋଭିଚ୍ ରବିବାର ଫେଡେରାଲ କୋର୍ଟରେ ଭିଜା ରଦ୍ଦ ତଥା ପ୍ରତ୍ୟର୍ପଣ ନିର୍ଦ୍ଦେଶ ମାମଲାରେ ହାରିଯାଇଛନ୍ତି। ଫଳରେ ସେ ଅଷ୍ଟ୍ରେଲିଆନ ଓପନ ଆରମ୍ଭ ହେବାର ଦିନକୁ ପୂର୍ବରୁ ଏକ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ସୋମବାରଠାରୁ ବର୍ଷର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ ଓପନ ଆରମ୍ଭ ହେବାକୁ ଯାଉଥିବାବେଳେ ସେ ଏଥିରେ ଅଂଶଗ୍ରହଣ କରିବାର ସୁଯୋଗରୁ ବଞ୍ଚିତ ହେବା ସହିତ ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପିତ ହୋଇଛନ୍ତି। ସର୍ବିୟା ରାଷ୍ଟ୍ରପତି ଆଲେକଜାଣ୍ଡର ଭୁଚିଚ୍ ତାଙ୍କୁ ଘରକୁ ଫେରିଆସିବାକୁ କହିଛନ୍ତି। ସେ ମଧ୍ୟ ଇତିମଧ୍ୟରେ ଏମିରେଟ୍ସର ଏକ ବିମାନ ଯୋଗେ ଦୁବାଇ ବାଟ ଦେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ମେଲବୋର୍ନରୁ ଯାତ୍ରା ଆରମ୍ଭ କରିଛନ୍ତି। ଜୋକୋଭିଚ୍ କ୍ରମାଗତ ୩ଟି ସଂସ୍କରଣରେ ଓ ମୋଟ ଉପରେ ୯ଥର ଅଷ୍ଟ୍ରେଲିଆନ ଓପନ ଟାଇଟଲ ହାସଲ କରିଥିଲେ। ସେ ମଧ୍ୟ ମୋଟ୍ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ସ୍ପେନର ରାଫାଲ ନାଡାଲ ଓ ସୁଇଜରଲାଣ୍ଡର ରୋଜର ଫେଡରରଙ୍କ ସମକକ୍ଷ ହୋଇଛନ୍ତି। ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପିତ ହେବା ଦ୍ୱାରା ଅଷ୍ଟ୍ରେଲିଆନ୍ ଓପନରେ ତାଙ୍କ ସ୍ୱର୍ଣ୍ଣିମ ଯାତ୍ରାରେ ବ୍ରେକ୍ ଲାଗିଛି।

୩୪ ବର୍ଷୀୟ ଜୋକୋଭିଚ୍ ଭିଜା ରଦ୍ଦ ମାମଲା ବିରୋଧରେ ପୃଷ୍ଠା-୨

## ଭିଜିଲାନ୍ସ ଜାଲରେ ମୁଖ୍ୟ କିରାଣି

**ଜଗତ୍‌ସିଂହପୁର ଅଫିସ, ୧୬।୧**

ଜଗତ୍‌ସିଂହପୁର ଜିଲା ନାଉଗାଁ ତହସିଲ କାର୍ଯ୍ୟାଳୟର ମୁଖ୍ୟକିରାଣି ପ୍ରାଣକୃଷ୍ଣ ନାୟକ ରବିବାର କଟକ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ହାଇୱା ମାଲିକ ଶାଳଗାଁର ନଗେନ୍ଦ୍ର ଜେନାଙ୍କ ପାଖରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଗିରଫ କରାଯାଇଛି। କିଛି ଦିନ ପୂର୍ବରୁ ଜେନା ବାଲି ଚାଲାଣ ପ୍ରସଙ୍ଗରେ ନାୟକଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏବେ ପୁନର୍ବାର ନାୟକ ଅନ୍ୟ ଏକ ବାଲି ଚାଲଣ ଘଟଣାରେ ୨୦ ହଜାର ଟଙ୍କା ଦାବି କରିଥିଲେ। ଏତେ ଟଙ୍କା ଦେବା କଷ୍ଟକର ବୋଲି ଜେନା କହିଥିଲେ। ମାତ୍ର ନାୟକ ଏଥିରେ ରାଜି ନ ହେବାରୁ ଜେନା କଟକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏହାପରେ ପୂର୍ବ ପ୍ରସ୍ତୁତି ମୁତାବକ ଜେନା ରବିବାର ସନ୍ଧ୍ୟାରେ ଜଗତ୍‌ସିଂହପୁର ସହରରେ ଥିବା ଏକ ଲୁଗା ଦୋକାନ ସମ୍ମୁଖରେ ନାୟକଙ୍କୁ ଉକ୍ତ ଲାଞ୍ଚ ଟଙ୍କା ଦେବା ବେଳେ ଭିଜିଲାନ୍ସ ପୃଷ୍ଠା-୨



**ଆମ ସହର କେଡ଼େ ସୁନ୍ଦର:** ଭୁବନେଶ୍ୱର ସୌନ୍ଦର୍ଯ୍ୟକରଣ ଅଭିଯାନରେ ରବିବାର ସ୍ମାର୍ଟସିଟିର ଏଜି ଛକ ନିକଟ ପାଚେରିକୁ ଖଲ୍ଲିକୋଟ ଆର୍ଟ କଲେଜର ଛାତ୍ରମାନେ ଚିତ୍ରିତ କରୁଛନ୍ତି।

# ନିର୍ବାଚନ ଭଣ୍ଡୁର ଲାଗି ଆଇଏସ୍ଆଇ ଷଡ଼ଯନ୍ତ୍ର

### ପଞ୍ଜାବ, ୟୁପିରେ ଆତଙ୍କବାଦୀଙ୍କୁ ସକ୍ରିୟ କରାଉଛି

**ନୂଆଦିଲ୍ଲୀ,୧୬।୧(ଆଇଏଏନ୍ଏସ୍)**

ପଞ୍ଜାବ ଓ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବା ଲାଗି ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ଷଡ଼ଯନ୍ତ୍ର ଚଳାଇଥିବା ଜଣାପଡ଼ିଛି। ସେଥିପାଇଁ ପଞ୍ଜାବରେ ଖଲିସ୍ତାନୀ ସଂଗଠନର ଉପସ୍ଥିତି ବଢ଼ାଇବା ସହ ଏହାର ଆତଙ୍କବାଦୀମାନଙ୍କୁ ସକ୍ରିୟ କରାଉଛି। ପଞ୍ଜାବ ସମେତ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର କେତେକ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ଲାଗି ସେମାନେ ଯୋଜନା କରିଥିବା ଗୋଇନ୍ଦା ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଖଲିସ୍ତାନୀ ଆତଙ୍କବାଦୀମାନେ ନିର୍ବାଚନୀ ରାଲିବେଳେ ଉପରୋକ୍ତ ରାଜ୍ୟର କେତେଜଣ ଗୁରୁତ୍ୱପୂର୍ଣ୍ଣ ନେତା କିମ୍ବା ଭିଭିଆଇପିଙ୍କୁ ଟାର୍ଗେଟ କରିପାରନ୍ତି। ପଞ୍ଜାବରେ ଖଲିସ୍ତାନୀ ଆନ୍ଦୋଳନକୁ ପୁନଃ ସକ୍ରିୟ କରିବା ଲାଗି ନିର୍ବାଚନକୁ ସେମାନେ ଏକ ସୁଯୋଗ ବୋଲି ବିଚାର କରୁଛନ୍ତି। ଏଥିପାଇଁ ସମସ୍ତ ଛୋଟ ବଡ଼ ଆତଙ୍କବାଦୀ ସଂଗଠନକୁ ନିର୍ବାଚନ ପ୍ରକ୍ରିୟା ଭଣ୍ଡୁର କରିବା ଦିଗରେ କାର୍ଯ୍ୟ କରିବାକୁ ଆଇଏସ୍ଆଇ ନିର୍ଦ୍ଦେଶ ଦେଇଛି। ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପରେ କଡ଼ା ନଜର ରଖିବାକୁ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ରାଜ୍ୟରେ ଥିବା ଶିଖ୍ ଧର୍ମୀୟ ନେତା ଓ ଖ୍ୟାତନାମା ବ୍ୟକ୍ତିମାନଙ୍କ ସହ ସମ୍ପର୍କରେ ରହିବା ଲାଗି କୁହାଯାଇଛି।

# ଆଜି ଆସିବ ଓମିସିଓର କିଟ୍

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**



କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ଭୂତାଣୁ ସହଜରେ ଓ ଶୀଘ୍ର ଚିହ୍ନଟ କରିବ 'ଓମିସିଓର' କିଟ୍। ଟାଟା ମେଡିକାଲ ଆଣ୍ଡ୍ ଡାଇଗ୍ନୋଷ୍ଟିକ୍ସ ଲିମିଟେଡ୍ (ଟାଟା ଏମ୍‌ଡି) ଦ୍ୱାରା ପ୍ରସ୍ତୁତ ଏହି କିଟ୍‌ର ପ୍ରଥମ ଅର୍ଡର ସୋମବାର ଓଡ଼ିଶାରେ ପହଞ୍ଚିବ। କିଛିଦିନ ତଳେ 'ଓମିସିଓର'କୁ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍ଆର୍) ମଞ୍ଜୁରୀ ପ୍ରଦାନ କରିଥିଲା। ଆଉ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଓମିସିଓର କିଟ୍ କିଣିଛି। ଏଥିପାଇଁ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏସ୍ଏମ୍‌ସିଏଲ୍) ୫ଲକ୍ଷ ପରୀକ୍ଷା କିଟ୍ କିଣିବାକୁ ଟାଟା ଏମ୍‌ଡିକୁ ଅର୍ଡର ଦେଇଥିଲା। ଏହି କିଟ୍ ଆସିବା ପରେ ଓମିକ୍ରନ ଚିହ୍ନଟ ପାଇଁ ଆଉ ଆକ୍ରାନ୍ତଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଇବାକୁ ପଡ଼ିବ ନାହିଁ। ଏହି କିଟ୍ ଦ୍ୱାରା ଲୋକେ ଓମିକ୍ରନ ଆକ୍ରାନ୍ତ କି ନୁହେଁ ଜଣାପଡ଼ିଯିବ। ଏବେ ଭାରତରେ ଓମିକ୍ରନ୍ ଭାରିଆଣ୍ଟକୁ ଚିହ୍ନଟ କରିବା ପାଇଁ ବ୍ୟବହୃତ ହେଉଥିବା କିଟ୍ ଆମେରିକାର ଥର୍ମୋ ଫିସର କମ୍ପାନୀ ବିକଶିତ କରିଛି। ଭାରିଆଣ୍ଟକୁ ଚିହ୍ନିବା ପାଇଁ ଏହା ଏସ୍ ଜିନ୍ ଟାର୍ଗେଟ୍ ଫେଲିୟୋର ଷ୍ଟ୍ରାଟେଜି (ଏସ୍‌ଜିଟିଏଫ୍) ରଣନୀତି ବ୍ୟବହାର କରୁଛି। ତେବେ ଟାଟାର ଯେଉଁ ଓମିସିଓର କିଟ୍‌କୁ ଆଇସିଏମ୍ଆର୍ ମଞ୍ଜୁରୀ ପ୍ରଦାନ କରିଛି, ତାହାର ନାମ ଟାଟା ଏମ୍‌ଡି ଚେକ୍ ଆର୍‌ଟି-ପିସିଆର୍ ଓମିସିଓର ରହିଛି।

# ଜାହାଜ ଚଳାଚଳ ପାଇଁ ଉଚ୍ଚ ହେବ ବ୍ରାହ୍ମଣୀ ସେତୁ

### ରାଷ୍ଟ୍ରୀୟ ଜଳମାର୍ଗ ପ୍ରକଳ୍ପ

**ରତନ ନାୟାର**

**ଢେଙ୍କାନାଳ ଅଫିସ, ୧୬।୧**

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀରେ ହେବ ରାଷ୍ଟ୍ରୀୟ ଜଳମାର୍ଗ। ଶିଳ୍ପାୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ନଦୀରେ ଚଳାଚଳ କରିବ ପଣ୍ୟବାହୀ ଜାହାଜ। ଅନୁଗୋଳ-ଢେଙ୍କାନାଳ-ଯାଜପୁର ଭଳି ଶିଳ୍ପସମୃଦ୍ଧ ଜିଲାରୁ କୋଇଲା, ସାର ସମେତ କମ୍ପାନୀ ଉତ୍ପାଦିତ ସାମଗ୍ରୀ ପରିବହନ ସୁବିଧାରେ କରିହେବ। କୃଷି, ପର୍ଯ୍ୟଟନ, ଶିଳ୍ପାନୁଷ୍ଠାନଗୁଡ଼ିକର ବିକାଶ ସାଙ୍ଗକୁ ପରିବେଶଜନିତ କ୍ଷତିକୁ ବହୁ ପରିମାଣରେ କମାଯାଇପାରିବ। ହେଲେ ଏହା ଏତେ ସହଜ ନୁହେଁ। କାରଣ ଅଗଭୀର ନଦୀ ଏବଂ ପୂର୍ବରୁ କମ୍ ଉଚ୍ଚତାରେ ନିର୍ମିତ ସେତୁ ଜାହାଜ ଚଳାଚଳରେ ପ୍ରତିବନ୍ଧକ ସାଜିବ। ତେଣୁ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଜଳମାର୍ଗ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ସମସ୍ୟା ଦୂରୀକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରକଳ୍ପ ଲାଗି ଯେଉଁସବୁ ଆନୁଷଙ୍ଗିକ ଭିତ୍ତିଭୂମି ଆବଶ୍ୟକ, ସେସବୁର କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ବିଶେଷକରି ନିର୍ମାଣାଧୀନ, ପ୍ରସ୍ତାବିତ ଏବଂ ପୁରୁଣା ସମସ୍ତ ସେତୁଗୁଡ଼ିକୁ ଅଧିକ ଉଚ୍ଚତାବିଶିଷ୍ଟ କରାଯିବାକୁ ଅଗ୍ରାଧିକାର ଦିଆଯାଉଛି।



ନିର୍ମାଣାଧୀନ କାଲୁରିଆ-ଗୋରଡିଆ ସେତୁ।

ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ଜିଲା ସମଲ ବ୍ୟାରେଜଠାରୁ ଢେଙ୍କାନାଳ ଦେଇ ପାରାଦୀପ ଏବଂ ଧାମରା ଯାଏ ବ୍ରାହ୍ମଣୀ ନଦୀରେ ଜଳମାର୍ଗ କାର୍ଯ୍ୟକ୍ଷମ ହେବ। ପଣ୍ୟବାହୀ ଜାହାଜ ଯେପରି ବିନା ବାଧାରେ ଚଳପ୍ରଚଳ କରିପାରିବ, ସେଥିଲାଗି ନୂଆ ମାର୍ଗଦର୍ଶିକା ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଛି। ଏହିକ୍ରମରେ ଯୋରନ୍ଦା-କାଲୁରିଆ-ଗୋରଡ଼ିଆକୁ ସଂଯୋଗ କରୁଥିବା ନିର୍ମାଣାଧୀନ ବ୍ରିଜ୍‌ର ଉଚ୍ଚତା ୯ ମିଟର ଏବଂ ଚଉଡ଼ା ୬୨.୦୭ ମିଟର ବିଶିଷ୍ଟ କରାଯାଉଛି। ସେତୁର ଉଭୟ ପାର୍ଶ୍ୱରେ ୧୮୫ ମିଟର ବିଶିଷ୍ଟ ଦୁଇଟି ଆପ୍ରୋଚ ରୋଡ୍ ନିର୍ମାଣ କରାଯିବ। ଏସବୁ କାର୍ଯ୍ୟ ଲାଗି ୨୦୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ୧,୮୬୨.୧୦ ମିଟର ଦୀର୍ଘ ଏହି ସେତୁର ନିର୍ମାଣ କାର୍ଯ୍ୟ ୨୦୧୯ ମାର୍ଚ୍ଚ ୬ରୁ ଆରମ୍ଭ ହୋଇଛି। ୨୦୨୧ ସେପ୍ଟେମ୍ବର ୫ରେ ଏହା ସମ୍ପୂର୍ଣ୍ଣ ହେବା କଥା। ହେଲେ କରୋନା ସଂକ୍ରମଣ କାରଣରୁ ନିର୍ମାଣ କାର୍ଯ୍ୟ ପ୍ରଭାବିତ ହୋଇଛି। ଏହି ସେତୁ କାର୍ଯ୍ୟକ୍ଷମ ହେଲେ ଢେଙ୍କାନାଳରୁ ମହିମାଗାଦି ଯୋରନ୍ଦା ଏବଂ କାଲୁରିଆ ଦେଇ କାମାକ୍ଷାନଗର ଉପଖଣ୍ଡ ଅଧୀନ ଭୁବନ ସମେତ ଗୋରଡିଆ, ଦିଘି, ମଠକରଗୋଳାକୁ ଗମନାଗମନ ସୁଗମ ହେବ।

ପରଜଙ୍ଗ ବ୍ଲକର ବଡ଼କମର ଏବଂ ଓଡ଼ାପଡ଼ା ବ୍ଲକର ଖଡଗ୍‌ପ୍ରସାଦ ମଧ୍ୟରେ ଅନୁରୂପ ଅନ୍ୟ ଏକ ସେତୁ ନିର୍ମାଣ ହେବ। ଏଥିଲାଗି ଗତ ଡିସେମ୍ବର ୨୫ରେ ଶିଳାନ୍ୟାସ ହୋଇଛି। ଏଥିପାଇଁ ୧୧୪ କୋଟି ୯୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ୧,୧୭୯ ମିଟର ଦୀର୍ଘ ଏହି ସେତୁ ନିର୍ମାଣ କାର୍ଯ୍ୟ ଅଢ଼େଇ ବର୍ଷ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପରଜଙ୍ଗ ବ୍ଲକ ସରାଙ୍ଗ ଏବଂ ତାଳଚେର ବ୍ଲକର ବହ୍ଲର ମଧ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଅନ୍ୟ ଏକ ସେତୁ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଢେଙ୍କାନାଳ-କାମାକ୍ଷାନଗର ସାରଙ୍ଗଧର ସେତୁ ଏବଂ ଢେଙ୍କାନାଳ-ଭୁବନ ବାଜି ରାଉତ ସେତୁକୁ ମଧ୍ୟ ମାର୍ଗଦର୍ଶିକା ଅନୁଯାୟୀ ଅଧିକ ଉଚ୍ଚତା ବିଶିଷ୍ଟ କରାଯିବ। ବର୍ତ୍ତମାନ ଉଭୟ ସେତୁର ଉଚ୍ଚତା ୬ ମିଟର ଏବଂ ଚଉଡ଼ା ୩୫ ମିଟର ରହିଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ଏଣିକି ବ୍ରାହ୍ମଣୀ ନଦୀ ଉପରେ ସେତୁ ନିର୍ମାଣ ଲାଗି ରାଷ୍ଟ୍ରୀୟ ଜଳମାର୍ଗ ବିଭାଗର ଅନୁମୋଦନ ବାଧ୍ୟତାମୂଳକ। ମାର୍ଗଦର୍ଶିକା ପୃଷ୍ଠା-୨



## ଡା. ରଜତ ରାୟ ଆଇଏମ୍ଏ ସଭାପତି

**କଟକ ଅଫିସ:** ଇଣ୍ଡିଆନ ମେଡିକାଲ ଆସୋସିଏଶନ(ଆଇଏମ୍ଏ) ଓଡ଼ିଶା ଶାଖାର ସଭାପତି ଭାବେ ଡା. ରଜତ ରାୟ ରବିବାର ନିର୍ବାଚିତ ହୋଇଛନ୍ତି। ଆଇଏମ୍ଏର ମୁଖ୍ୟ ନିର୍ବାଚନ ଅଧିକାରୀ ଡା. ରାୟଙ୍କୁ ୨୦୨୨-୨୩ ବର୍ଷ ପାଇଁ ସଭାପତି ଭାବେ ନିର୍ବାଚିତ କରାଯାଇଥିବା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ରବିବାର ନିର୍ବାଚନ ଶେଷ ହେବା ପରେ ଭୋଟ ଗଣତି କରାଯାଇ ବିଧିବଦ୍ଧ ଭାବେ କରଙ୍କୁ ଆସୋସିଏଶନ ପକ୍ଷରୁ ସଭାପତି ଘୋଷଣା କରାଯାଇଛି।

## ସଂକ୍ଷେପରେ

### ନିର୍ବାଚନ ସୁପରିଚାଳନା କରିବ ଭାଜପାର ୭ ଜଣିଆ କମିଟି

ଭୁବନେଶ୍ୱର,୧୬।୧(ବ୍ୟୁରୋ): ଆସନ୍ତା ପଞ୍ଚାୟତ ନିର୍ବାଚନ ଲାଗି ସବୁ ଦଳର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜୋରଦାର ଚାଲିଛି। ଭାଜପା ଗତଥର ଅପେକ୍ଷା ଏଥର ଅଧିକ ଆସନରେ ବିଜୟ ହାସଲ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସୁପରିଚାଳନା ପରିପ୍ରେକ୍ଷୀରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଏକ ସାତ ଜଣିଆ ରାଜ୍ୟସ୍ତରୀୟ ନିର୍ବାଚନ ପରିଚାଳନା କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍ପି ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ତଥା ଏମ୍ପି ବସନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଏବଂ ଭାଜପା ପଞ୍ଚାୟତିରାଜ ବିଭାଗ ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡ଼ା ସଦସ୍ୟ ଅଛନ୍ତି। ଏହି କମିଟି ରାଜ୍ୟବ୍ୟାପୀ ନିର୍ବାଚନରେ ଯେଉଁ ସମସ୍ୟା ଦେଖାଦେବ ତାହାର ସମାଧାନ କରିବ ବୋଲି ଜଣାପଡିଛି। ଅନ୍ୟପଟେ ୨୦୧୭ ପଞ୍ଚାୟତ ନିର୍ବାଚନ ଓ ୨୦୧୯ ସାଧାରଣ ନିର୍ବାଚନ ସମୟରେ ନିଲମ୍ବିତ ହୋଇଥିବା ସମସ୍ତ ଭାଜପା କାର୍ଯ୍ୟକର୍ତ୍ତାଙ୍କ ନିଲମ୍ବନକୁ ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ପ୍ରତ୍ୟାହାର କରାଯାଇଛି।

### ଢିଙ୍କିଆ ଲାଠି ଚାଳନା ଘଟଣାର ଏସ୍ଆଇଟି ତଦନ୍ତ ହେଉ

ଭୁବନେଶ୍ୱର,୧୬।୧(ବ୍ୟୁରୋ): ଜଗତ୍ସିଂହପୁର ଜିଲା ଢିଙ୍କିଆରେ ଜିନ୍ଦଲ ପକ୍ଷରୁ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ ବିରୋଧରେ ଗ୍ରାମବାସୀଙ୍କ ଆନ୍ଦୋଳନକୁ ଆୟତ୍ତ କରିବା ପାଇଁ ପୋଲିସ ଲାଠି ଚାଳନା କରିଥିଲା। ଏହି ଘଟଣାକୁ ଓଡିଶା କୃଷକ ସଭା ପ୍ରାଦେଶିକ କିଷାନ କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହି ଅଭାବନୀୟ ଘଟଣା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ହିଁ ଉତ୍ତର ଦାୟୀ ବୋଲି ଏହାର ସମ୍ପାଦକ ସୁରେଶ ପାଣିଗ୍ରାହୀ କହିଛନ୍ତି। ରବିବାର ଏକ ପ୍ରେସ ବିଜ୍ଞପ୍ତି ଜାରି କରି ସେ କହିଛନ୍ତି, କମ୍ପାନୀର ସ୍ୱାର୍ଥ ପାଇଁ ସାଧାରଣ ଅଞ୍ଚଳବାସୀଙ୍କ ଜୀବନ-ଜୀବିକାକୁ ଦମନ କରିବା ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟବାସୀଙ୍କ ପାଖରେ ମୁଖ୍ୟମନ୍ତ୍ରୀ ଜବାବ ଦେବାକୁ ହେବ। ଉଚ୍ଚନ୍ୟାୟାଳୟ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ(ଏସ୍ଆଇଟି) ଦ୍ୱାରା ଏହାର ତଦନ୍ତ କରାଯାଉ। ଢିଙ୍କିଆରୁ ପୋଲିସ ବଳ ହଟାଯାଇ ଭଙ୍ଗା ଯାଇଥିବା ସମସ୍ତ ପାନ ବରଜର ଉପଯୁକ୍ତ କ୍ଷତି ପୂରଣ ରାଶି ଦିଆଯାଉ। ଗିରଫ ହୋଇଥିବା ନେତା ଓ ଜନସାଧାରଣଙ୍କୁ ନିଃସର୍ତ୍ତ ଖଲାସ କରାଯାଉ ବୋଲି କୃଷକ ସଭା ପକ୍ଷରୁ ପାଣିଗ୍ରାହୀ ଦାବି କରିଛନ୍ତି।

# ବାଟବଣା ରୁର୍ବାନ ମିଶନ

ଯାଜପୁର ଅଫିସ,୧୬।୧

ଦୀର୍ଘ ସ୍ଥାୟୀ ସୁରକ୍ଷିତ ଜୀବିକା, ଆୟ ବୃଦ୍ଧିକାରୀ ସମ୍ପତ୍ତି ସୃଷ୍ଟି, ମୁଣ୍ଡପିଛା ଆୟ ବୃଦ୍ଧି ଇତ୍ୟାଦି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମୂଳ ଲକ୍ଷ୍ୟ। ତାହା ପୂରଣ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ ହୋଇଆସୁଛି। କିନ୍ତୁ ଅଧିକାଂଶ ଯୋଜନା ଗ୍ରାମାଞ୍ଚଳରେ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଲୋକେ ସୁଫଳ ପାଇପାରୁନାହାନ୍ତି। ଏହାର ପ୍ରମୁଖ କାରଣ ହେଉଛି ସରକାରୀ ଅଧିକାରୀଙ୍କ ଅନାଗ୍ରହ, ଠିକାଦାରି ରାଜନୀତି, ନିଷ୍କ୍ରିୟ ଲୋକ ପ୍ରତିନିଧି ଏବଂ ଦୁର୍ନୀତି। ଏଠାରେ ଶ୍ୟାମାପ୍ରସାଦ ମୁଖାର୍ଜୀ ରୁର୍ବାନ ମିଶନ (ଏସ୍ପିଏମ୍ଆର୍ଏମ୍)କୁ ଉଦାହରଣ ଭାବେ ନିଆଯାଇପାରେ। ୫ ବର୍ଷ ମଧ୍ୟରେ ରାଜ୍ୟର ୧୪ ଜିଲାର ୬୩ ପଞ୍ଚାୟତରେ ଏହି ଯୋଜନା ପାଇଁ ୩୦୦ କୋଟି ଟଙ୍କା ଅନୁମୋଦିତ ହୋଇଛି। ସେଥିରୁ ୧୫୩ କୋଟି ଟଙ୍କା ମିଳିଥିବାବେଳେ ଖର୍ଚ୍ଚ ହୋଇଛି ୧୮.୪ କୋଟି ଟଙ୍କା। ଶତ ପ୍ରତିଶତ ଖର୍ଚ୍ଚ ହୋଇ ନ ଥିବା କାରଣରୁ ଅନୁମୋଦିତ ବଳକା ଟଙ୍କା ମିଳୁନାହିଁ। ଗତ ବିଧାନସଭାରେ ଏକ ପ୍ରଶ୍ନୋତ୍ତରରୁ ଏହି ତଥ୍ୟ ଜଣାପଡ଼ିଛି। ଏଥିରୁ ରୁର୍ବାନ ମିଶନ ବାଟବଣା ହେବା ସହ ଗ୍ରାମାଞ୍ଚଳରେ କେତେ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି ତାହା ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି।

ଗ୍ରାମାଞ୍ଚଳରେ ବାସ କରୁଥିବା ପରିବାରଙ୍କ ଜୀବନ ଧାରଣ ମାନରେ ବୃଦ୍ଧି କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଆବାସ ଯୋଜନା, ରାସ୍ତାଘାଟ ନିର୍ମାଣ, ଗାଁ ପୋଖରୀ ଖନନ, ସରକାରୀ ଗୃହ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆଲୋକୀକରଣ ଆଦି କାର୍ଯ୍ୟକ୍ରମ ଚାଲିଛି। ଏଥିପାଇଁ ହାରାହାରି ଗ୍ରାମ ପିଛା ୫୦ ଲକ୍ଷରୁ ସର୍ବାଧିକ ୨ କୋଟି ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ବ୍ୟୟ ହେଉଛି। ତେବେ ଏହିସବୁ ଯୋଜନାରେ ଯେଉଁ ପ୍ରକାର ଦୁର୍ନୀତି ହେଉଛି, ତାହା କାହାରି ପାଖରେ ଅଛପା ହୋଇ ରହିନାହିଁ। ଗ୍ରାମାଞ୍ଚଳରେ ଅର୍ଥନୈତିକ କାର୍ଯ୍ୟକଳାପ, ସାମାଜିକ ବିକାଶ ଓ କୃଷି ଭିତ୍ତିକ ଉନ୍ନତି ସହିତ ସର୍ବାଙ୍ଗୀନ ଉନ୍ନତୀକରଣ ପାଇଁ ଏସ୍ପିଏମ୍ଆର୍ଏମ୍ରେ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନାରେ କଟକ ଜିଲାର ତାଳବସ୍ତ ରୁର୍ବାନ କ୍ଲଷ୍ଟର ପାଇଁ ମଞ୍ଜୁର ୧୮ କୋଟି ଟଙ୍କାରୁ ୧୭.୯ କୋଟି ଟଙ୍କା, ଝାରସୁଗୁଡା ଜିଲାର ସାମସିଂଘା କ୍ଲଷ୍ଟରେ ମଞ୍ଜୁର ୧୮ କୋଟିରୁ ୧୫.୨୫ କୋଟି ଟଙ୍କା, ଖୋର୍ଦ୍ଧା ଜିଲାର ରାଣୀପଡ଼ା କ୍ଲଷ୍ଟରରେ ୧୮ କୋଟିରୁ ୧୪.୬ କୋଟି ଟଙ୍କା, କଳାହାଣ୍ଡି ଜିଲାର ଉତ୍କେଲା କ୍ଲଷ୍ଟରରେ ମଞ୍ଜୁର ୯ କୋଟିରୁ ୮.୬୫ କୋଟି, ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା କ୍ଲଷ୍ଟରରେ ୯ କୋଟିରୁ ୮.୯୨ କୋଟି, ବରଗଡ ଜିଲା ଦହିତା କ୍ଲଷ୍ଟରରେ ୧୮ କୋଟିରୁ ୧୦.୨ କୋଟି, ଗଞ୍ଜାମ ଜିଲାର କେଶପୁର କ୍ଲଷ୍ଟରରେ ୯ କୋଟିରୁ ୫.୮ କୋଟି, ବଲାଙ୍ଗୀର ଜିଲା ଶିବତଲା କ୍ଲଷ୍ଟରରେ ୪.୫ କୋଟିରୁ ୪.୫ କୋଟି, କନ୍ଧମାଳ ଜିଲାର କୋଟଗଡ଼ କ୍ଲଷ୍ଟରରେ ୯ କୋଟିରୁ ୬.୭୫ କୋଟି, ନବରଙ୍ଗପୁର ଜିଲାର ମୁରତମା କ୍ଲଷ୍ଟରରେ ୯ କୋଟିରୁ ୪.୫ କୋଟି, ବାଲେଶ୍ୱର ଜିଲା ରାଇବଣିଆ କ୍ଲଷ୍ଟରରେ ୧୩.୫ କୋଟିରୁ ୧୦.୨ କୋଟି, ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା କ୍ଲଷ୍ଟରରେ ୬.୭୫ କୋଟିରୁ ୪.୩୭ କୋଟି, ରାୟଗଡ଼ା ଜିଲା ପୁଟାସିଙ୍ଗ କ୍ଲଷ୍ଟରରେ ୬.୭୫ କୋଟିରୁ ୩.୫୧ କୋଟି ଏବଂ କୋରାପୁଟ ଜିଲା ମରିଚପାଳ କ୍ଲଷ୍ଟରରେ ମଞ୍ଜୁର ୪.୫ କୋଟିରୁ ୩.୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଯୋଜନାରେ ବିଭିନ୍ନ ପ୍ରକଳ୍ପରେ ମଞ୍ଜୁର ଆବଶ୍ୟକ ଅର୍ଥ ଖର୍ଚ୍ଚ ହୋଇପାରି ନଥିବାରୁ ଅନୁମୋଦିତ ଅର୍ଥର ପ୍ରାୟ ୫୦ ପ୍ରତିଶତ ପରବର୍ତ୍ତୀ କିସ୍ତି ପ୍ରଦାନ ହୋଇ ନ ଥିବା ଜଣାପଡ଼ିଛି।

ଯାଜପୁର ଡିଆର୍ଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରାଙ୍କୁ ପଚାରିବାରେ ସେ କହିଛନ୍ତି, ଏଯାଏ ଜିଲାରେ ରୁର୍ବାନ ମିଶନ କାର୍ଯ୍ୟକାରୀ ହୋଇନାହିଁ। ଆଦର୍ଶ ଗ୍ରାମ ଯୋଜନାରେ ବିକାଶ କାର୍ଯ୍ୟକ୍ରମ ଚାଲିଛି।

### ରୁର୍ବାନ ମିଶନ କ'ଣ

ଭାରତ ଜନସଂଖ୍ୟାର ପ୍ରାୟ ୬୮% ଲୋକ ଗ୍ରାମାଞ୍ଚଳରେ ରହୁଛନ୍ତି। ହେଲେ ଦେଶର ବିଭିନ୍ନ ଅଞ୍ଚଳରେ ଗାଁଗୁଡ଼ିକ ପ୍ରାୟତଃ ପାଖାପାଖି ରହିଛି ଏବଂ ସେହି ଗାଁଗୁଡ଼ିକର ବାସିନ୍ଦା ପରସ୍ପର ସହ ବିଭିନ୍ନ ଆବଶ୍ୟକତାକୁ ନେଇ ଯୋଡ଼ି ହୋଇରହୁଛନ୍ତି। ଗ୍ରାମାଞ୍ଚଳ ଜୀବନୀର ମୌଳିକତାକୁ ସଂରକ୍ଷଣ ରଖି ଗାଁଗୁଡ଼ିକରେ ସହରାଞ୍ଚଳ ଭଳି ସୁବିଧା ଯୋଗାଇଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୬ ଫେବୃୟାରୀରୁ ପ୍ରଣୀତ ହୋଇଛି ଶ୍ୟାମାପ୍ରସାଦ ମୁଖାର୍ଜୀ ରୁର୍ବାନ ମିଶନ (ଏସ୍ପିଏମ୍ଆର୍ଏମ୍)। ଗାଁଗୁଡ଼ିକର ସମୂହ ତଥା କ୍ଲଷ୍ଟର ସୃଷ୍ଟି କରି ସ୍ଥାନୀୟ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ମୌଳିକ ସେବାରେ ଉନ୍ନତି ଆଣିବା ହେଉଛି ଏହି ମିଶନର ଲକ୍ଷ୍ୟ, ଯଦ୍ଦ୍ୱାରା ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଏବଂ ବେକାରି ହ୍ରାସ ହୋଇପାରିବ। ଅନ୍ୟ ଅର୍ଥରେ କହିଲେ 'ଆତ୍ମା ଗାଁର, ସୁବିଧା ସହରର'। ଏହି ଉଦ୍ଦେଶ୍ୟରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି ରିର୍ବାନ ମିଶନ।

## କୁଟରେଙ୍ଗାପଡ଼ାରେ ବାଘ ଆତଙ୍କ

### ଗାଈକୁ ମାରି ଖାଇଲା

ନୂଆପଡ଼ା ଅଫିସ,୧୬।୧

ନୂଆପଡା ସଦର ବ୍ଲକ ଧରମବନ୍ଧା ଥାନା କୁଟରେଙ୍ଗାପଡା ଗାଁରେ ବାଘ ଆତଙ୍କ ଦେଖାଦେଇଛି। ରବିବାର ସକାଳେ ଏଭଳି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ବାଘ ବୁଲୁଥିବା ନେଇ କୋକୁଆ ଭୟ ଖେଳିଯାଇଛି। ପ୍ରାପ୍ତସୂଚନା ଅନୁସାରେ ସକାଳ ପ୍ରାୟ ୭ଟାରେ ଧରମବନ୍ଧା ଓ ତୋର୍ଗା ଗାଁ ମଧ୍ୟରେ କୁଟରେଙ୍ଗାପଡାର ଅଗିନ ମାଝିଙ୍କ ଗୁହାଳରୁ ଗାଈ ବାହାର କରି ଜଙ୍ଗଲ ପଟେ ଚରାଇବା ପାଇଁ ନେଉଥିଲେ। ଏହି ସମୟରେ ଗାଁ ମୁଣ୍ଡକୁ ଏକ ବାଘ ହଠାତ୍ ଚାଲି ଆସି ଗାଈର ବେକକୁ ଧରି ଜଙ୍ଗଲ ଭିତରକୁ ଟାଣି ନେଇଥିଲା। ଗାଁ ଲୋକେ ଠେଙ୍ଗାବାଡି ଧରି ଚିତ୍କାର କରିବାରୁ ବାଘ ଜଙ୍ଗଲ ଭିତରକୁ ଚାଲି ଯାଇଥିଲା। ଗାଈର ବେକକୁ ଧରି ରକ୍ତ ଶୋଷି ଦେବାରୁ ଗାଈର ମୃତ୍ୟୁ ହୋଇଛି। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାଘର ପାଦ ଚିହ୍ନକୁ ଠାବ କରିଛନ୍ତି। ଜଙ୍ଗଲ ଭିତରକୁ ନ ଯିବା ପାଇଁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି।




ଭାରତରେ କୋଭିଡ୍ ଟିକାକରଣର ଏକ ବର୍ଷ ପୂର୍ତ୍ତି ଅବସରରେ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ନବଦୀପ ଜିତିଲେ ବେଷ୍ଟ କଷ୍ଟ୍ୟୁମ ଆୱାର୍ଡ

### ଆମେରିକା ମିସେସ୍ ୱାର୍ଲ୍ଡ ପ୍ରତିଯୋଗିତା

ରାଜଗାଙ୍ଗପୁର, ୧୬।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କାଂଶବାହାଲ ବିଲେଇଗଡ଼ ଅଞ୍ଚଳର ମହିଳା ନବଦୀପ କୌର (୩୨) ଦେଶ ପାଇଁ ବେଷ୍ଟ କଷ୍ଟ୍ୟୁମ ଆୱାର୍ଡ ଜିତିଛନ୍ତି। ଚଳିତ ଜାନୁୟାରୀ ୯ ରୁ ୧୫ ତାରିଖ ପର୍ଯ୍ୟନ୍ତ ଆମେରିକାର ଲାସଭେଗାସ ରିସୋର୍ଟଠାରେ ଅନୁଷ୍ଠିତ ମିସେସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଭାରତ ପାଇଁ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ନବଦୀପ ମିସେସ ୱାର୍ଲ୍ଡ ମୁକୁଟ ଜିତିପାରି ନ ଥିଲେ ସୁଦ୍ଧା ଦେଶ ପାଇଁ 'ବେଷ୍ଟ କଷ୍ଟ୍ୟୁମ ଆୱାର୍ଡ' ଆଣିବାରେ ସଫଳ ହୋଇଛନ୍ତି। ପ୍ରତିଯୋଗିତାରେ ଚଳିତବର୍ଷ ମିସେସ୍ ୱାର୍ଲ୍ଡ ଟାଇଟଲ ବିଜେତା ହୋଇଥିଲେ ଆମେରିକାର ସୈଲିନ ଫର୍ଡ। ବିଲେଇଗଡ଼ ଅଞ୍ଚଳର ବ୍ୟବସାୟୀ କମଲଦୀପ ସିଂଙ୍କ ସ୍ତ୍ରୀ ନବଦୀପ ୨୦୨୧ରେ ମିସେସ୍ ଇଣ୍ଡିଆ ୱାର୍ଲ୍ଡ ମୁକୁଟ ପିନ୍ଧିବା ପରେ ମିସେସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



## ପ୍ରଥମ ପୃଷ୍ଠାରୁ...

**୧୧ହଜାର...**

୧,୦୧୨ଜଣ ସକ୍ରିୟ ରୋଗୀ ରହିଛନ୍ତି। ବାକିସବୁ ଜିଲାରେ ହଜାରେ ତଳକୁ ସକ୍ରିୟ ରୋଗୀ ଥିବାବେଳେ ମାଲକାନଗିରିରେ ସର୍ବନିମ୍ନ ୧୮ଜଣ ଅଛନ୍ତି।

**କୋଭିଡ୍...**

୨.୯ ରହିଥିଲା। ମୁମ୍ବାଇରେ ଦୈନିକ ସଂକ୍ରମଣ ୨୦,୦୦୦ ଅତିକ୍ରମ କରିବା ପରେ ଖସିବା ଆରମ୍ଭ ହୋଇଥିଲା। ରବିବାର ସେଠାରେ ଦୈନିକ ସଂକ୍ରମଣ ୧୦,୦୦୦ ତଳେ ରହିଛି। ଦିଲ୍ଲୀରେ ମଧ ସଂକ୍ରମଣରେ ସ୍ଥିରତା ଆସୁଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ କହିଛନ୍ତି।

**ଓମିକ୍ରନ୍...**

ଲୋକଙ୍କ ଉପରେ ଅଧିକ ପ୍ରଭାବ ପକାଉଛି। ତେଣୁ ଏହା ସାମାନ୍ୟ ନୁହେଁ ବରଂ ଟିକା ନେଇଥିବା ଲୋକଙ୍କୁ କମ୍ ଗୁରୁତର କରୁଛି। ଭବିଷ୍ୟତରେ ଏହାଠାରୁ ବିପଜ୍ଜନକ ଭାରିଆଣ୍ଟ କମ୍ବା ମିଶ୍ରିତ ଭାରିଆଣ୍ଟ ଆସିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା କରୁଛନ୍ତି।

**ଅଷ୍ଟ୍ରେଲିଆ...**

ଫେଡେରାଲ କୋର୍ଟରେ ଅପିଲ୍ କରିଥିଲେ। ହେଲେ ୩ ଜଜ୍ ବିଶିଷ୍ଟ ଫେଡେରାଲ କୋର୍ଟ ସର୍ବସମ୍ମତି କ୍ରମେ ତାଙ୍କ ଅପିଲକୁ ଖାରଜ କରିଛନ୍ତି। ତାଙ୍କ ଭିଜା ବାତିଲ କରିବାକୁ ଇମିଗ୍ରେଶନ ମିନିଷ୍ଟର ଅଲେକ୍ସ ହକ୍ ନେଇଥିବା ନିଷ୍ପତ୍ତିକୁ ବଜାୟ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଷ୍ଟ୍ରେଲିଆ ଏଣ୍ଟ୍ରିରେ ତାଙ୍କ ଉପରେ କୋର୍ଟ ୩ ବର୍ଷ ବ୍ୟାନ୍ ଲାଗୁ କରିଛନ୍ତି। ଅର୍ଥାତ୍ ସେ ଆଗାମୀ ୩ ବର୍ଷ ଅଷ୍ଟ୍ରେଲିଆ ଆସିପାରିବେ ନାହିଁ। ଫଳରେ ସେ ଆଗାମୀ ୩ଟି ଅଷ୍ଟ୍ରେଲିଆନ ଓପନ ସଂସ୍କରଣରେ ଅଂଶଗ୍ରହଣ ନ କରିବା ଆପାତତଃ ସ୍ପଷ୍ଟ ହୋଇଯାଇଛି। ଜୋକୋଭିଚ୍ ଟିକା ନେଇ ନ ଥିବାରୁ ଅଷ୍ଟ୍ରେଲିଆ ଜନସାଧାରଣଙ୍କ ପାଇଁ ସେ ବିପଦ ସୃଷ୍ଟି କରିଛନ୍ତି ବୋଲି କୋର୍ଟ ତରଫରୁ ସ୍ପଷ୍ଟ କରାଯାଇଛି।

କୋର୍ଟଙ୍କ ଏହି ନିଷ୍ପତ୍ତିରେ ଜୋକୋଭିଚ୍ ନୈରାଶ୍ୟ ପ୍ରକାଶ କରିଛନ୍ତି। ତେବେ କୋର୍ଟଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଉଛି ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ ହେବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବେ ଓ ଏବେ ଅଷ୍ଟ୍ରେଲିଆନ ଓପନ୍ ଖେଳିପାରିବେ ନାହିଁ ବୋଲି ସେ କହିଛନ୍ତି। ଗତ ଗୋଟିଏ ସପ୍ତାହ ହେବ ମୋ ଉପରେ ସମସ୍ତଙ୍କ ନଜର ରହିଥିଲା। ଏବେ କିନ୍ତୁ ଟେନିସ ଉପରେ ଫୋକସ କରିବାର ସମୟ ଆସିଛି ବୋଲି ସେ କହିଛନ୍ତି। ଶେଷରେ ମୋ ପରିବାର, ବନ୍ଧୁ, ଟିମ୍, ସମର୍ଥକ, ପ୍ରଶଂସକ ଓ ସର୍ବିୟବାସୀଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି। ଏମାନେ ସମସ୍ତେ ମୋତେ ସବୁ ସମୟରେ ସମର୍ଥନ ଜଣାଇ ଆସିଛନ୍ତି। ତେବେ କୋର୍ଟଙ୍କ ନିଷ୍ପତ୍ତିରେ ଅଷ୍ଟ୍ରେଲିଆନ ଓପନ ଟୁର୍ନାମେଣ୍ଟ ଆୟୋଜକଙ୍କ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ।

ଅଷ୍ଟ୍ରେଲିଆନ ଓପନ ତଥା ଗ୍ରାଣ୍ଡସ୍ଲାମ ଟେନିସରେ ଜୋକୋଭିଚ୍ ଗତ କେତେବର୍ଷ ଆଧିପତ୍ୟ ବିସ୍ତାର କରି ଖେଳି ଆସିଥିଲେ। ଗତ ୭ଟି ମେଜର ଟୁର୍ନାମେଣ୍ଟରେ ସେ ୪ଟିରେ ବିଜୟ ହାସଲ କରିଥିବା ବେଳେ ଦୁଇଟିରେ ରନର୍ସଅପ ହୋଇଥିଲେ। ୨୦୨୦ ୟୁଏସ୍ ଓପନରେ ଏକ ବିବାଦୀୟ ଘଟଣା ପାଇଁ ସେ ଚତୁର୍ଥ ରାଉଣ୍ଡରୁ ଡିସ୍କ୍ୱାଲିଫାଏ ହୋଇଥିଲେ ଓ ସେହିଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିପାରି ନ ଥିଲେ।

ସୋମବାର ସେ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍ରେ ନିଜ ଦେଶର ମିଓମୀର କେକମାନୋଭିକଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବାର କାର୍ଯ୍ୟକ୍ରମ ଥିଲା। କେକମାନୋଭିକ ଏବେ ଜୋକୋଭିଚ୍ଙ୍କ ବଦଳରେ କ୍ୱାଲିଫାଇଂ ରାଉଣ୍ଡରେ ଜଣେ ହାରିଥିବା ଖେଳାଳିଙ୍କୁ ପ୍ରଥମ ରାଉଣ୍ଡରେ ଭେଟିବେ। କୋର୍ଟ ରାୟ ଦେବାର ୯୦ ମିନିଟ ପରେ ଅଷ୍ଟ୍ରେଲିଆନ ଓପନ ତରଫରୁ ଏ ନେଇ ସ୍ପଷ୍ଟ କରାଯାଇଛି। ଜୋକୋଭିଚ୍ଙ୍କ ବଦଳରେ ଇଟାଲୀର ୧୫୦ ନମ୍ବର ଖେଳାଳି ସାଲଭାଟୋର କାରୁସୋ କେକ୍ମାନୋଭିକଙ୍କ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ। ଏହି ମ୍ୟାଚ୍କୁ ଏକ ଛୋଟିଆ କୋର୍ଟକୁ ସ୍ଥାନାନ୍ତର କରାଯାଇଛି। ଟିକା ନେଇ ନ ଥିବାରୁ ଜୋକୋଭିଚ୍ ଅଷ୍ଟ୍ରେଲୀୟଙ୍କ ପାଇଁ ବିପଦ ସୃଷ୍ଟି କରିଛନ୍ତି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଏଠାକୁ ଆସିବା ପୂର୍ବରୁ ସେ କରୋନା ସଂକ୍ରମିତ ଥିଲେ। ଏହା ସତ୍ତ୍ୱେ ସେ ୟୁରୋପର ବିଭିନ୍ନ ଦେଶରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପଜିଟିଭ ହେବା ସତ୍ତ୍ୱେ ବି ସେ ଜଣେ ଖବରଦାତାଙ୍କୁ ସାକ୍ଷାତ କରିବା କଥା ସ୍ୱୀକାର କରିଥିଲେ। ନିଜ ଟ୍ରାଭେଲ ହିଷ୍ଟ୍ରି ଲୁଚାଇ ଇମିଗ୍ରେଶନ ଫର୍ମରେ ଭୁଲ ତଥ୍ୟ ଦେଇଥିଲେ ଓ ସେ ଏ ନେଇ ନିଜର ଦୋଷ ସ୍ୱୀକାର କରିଥିଲେ। ଏଥିପାଇଁ ଅଷ୍ଟ୍ରେଲିଆରେ ପହଞ୍ଚିବା ମାତ୍ରେ ତାଙ୍କ ଭିଜା ରଦ୍ଦ କରାଯାଇଥିଲା। ଉଲ୍ଲେଖଥାଉ କି, ଜୋକୋଭିଚ୍ ମେଲବୋର୍ନରେ ପ୍ରଥମେ ପହଞ୍ଚିବା ପରେ ଜାନୁୟାରୀ ୫ ତାରିଖ ମଧରାତ୍ରରେ ତାଙ୍କ ଭିଜାକୁ ବାତିଲ କରାଯାଇଥିଲା। ଏ ନେଇ କୋର୍ଟର ପ୍ରଥମ ଶୁଣାଣି ହେବା ପର୍ଯ୍ୟନ୍ତ ତାଙ୍କୁ ଇମିଗ୍ରେଶନ ଡିଟେନସନ ସେଣ୍ଟରରେ ୪ ରାତି ବିତାଇବାକୁ ପଡିଥିଲା। ପ୍ରଥମଥର ଭିଜା ବାତିଲ ନେଇ କୋର୍ଟରେ କେସ୍ ଜିତିଥିଲେ।

**ଭିଜିଲାନ୍ସ ଜାଲରେ...**

ଟିମ୍ ତାଙ୍କୁ କାବୁ କରିଥିଲା। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ.୧/୨୨) ରୁଜୁ କରାଯାଇ ନାୟକଙ୍କ ଓହଳସ୍ଥିତ ବାସଭବନ ଓ ତହସିଲ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। ପୂର୍ବରୁ ମଧ ନାୟକ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେ ବାଲିକୁଦା ତହସିଲରେ କାର୍ଯ୍ୟରତ ଥିବାବେଳେ ଏକ ପଟ୍ଟା ପାଇଁ ୩୯୦୫ ଟଙ୍କା ଲାଞ୍ଚ ନେଉଥିବାବେଳେ ଗିରଫ ହୋଇଥିଲେ। ଏନେଇ ସେତେବେଳେ ଭିଜିଲାନ୍ସରେ ମାମଲା (ନଂ. ୬୫/୧୬) ରୁଜୁ କରାଯାଇଥିଲା।

**ଜାହାଜ ଚଳାଚଳ...**

ଅନୁଯାୟୀ ପ୍ରସ୍ତାବିତ ସେତୁ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ଏବଂ ଅଧିକ ଉଚ୍ଚତା ବିଶିଷ୍ଟ କରାଯାଉଥିବା ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜଳପଥରେ ସୁବିଧାରେ ମାଲ୍ ପରିବହନ ଲାଗି ଓଡ଼ିଶାରେ ୫୦୦୦ କୋଟିଟଙ୍କା ବ୍ୟୟରେ ଏହି ବୃହତ୍ ପ୍ରକଳ୍ପ କରାଯାଉଥିବା ୨୦୧୯ ଫେବୃୟାରୀ ୬ରେ ୫୩ନଂ. ଜାତୀୟ ରାଜପଥ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ କାମାକ୍ଷାନଗର ଆସିଥିବା ବେଳେ କେନ୍ଦ୍ରମନ୍ତ୍ରୀ ନିତୀନ ଗଡ଼କରୀ ସୂଚନା ଦେଇଥିଲେ। ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖାଯାଇଥିବା ରାଜ୍ୟ ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଗତବର୍ଷ ଜୁଲାଇରେ କହିଥିଲେ।

## ମୁମ୍ବାଇରେ ଖୋଲିବ ଚଏସ୍-କିସ୍ ଆବାସିକ ବିଦ୍ୟାଳୟ

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

ଦିଲ୍ଲୀ ଓ କୋଲକାତା ପରେ ମହାରାଷ୍ଟ୍ରର ମୁମ୍ବାଇରେ କିସ୍ ଆବାସିକ ବିଦ୍ୟାଳୟ ଖୋଲିବ। ଏନେଇ କିସ୍ ଓ ମୁମ୍ବାଇସ୍ଥିତ ଚଏସ୍ ୱେଲଫେୟାର ଫାଉଣ୍ଡେଶନ ମଧ୍ୟରେ ରବିବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ଫାଉଣ୍ଡେଶନ ପକ୍ଷରୁ ଏହାର ଅଧ୍ୟକ୍ଷ ସୁନୀଲ ପାଟୋଡିଆ ଏବଂ କିସ୍ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିଲେ। ମୁମ୍ବାଇ ସହର ନିକଟବର୍ତ୍ତୀ ଅଞ୍ଚଳରେ ପାଟୋଡିଆ ଚଏସ୍-କିସ୍ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୫ ଏକର ଜମି ବ୍ୟବସ୍ଥା ହୋଇଥିବାବେଳେ ବିଭିନ୍ନ ସୂତ୍ରରୁ ଅର୍ଥ ସଂଗ୍ରହ ହୋଇସାରିଛି। ଭିତ୍ତିଭୂମି ନିର୍ମାଣର ସମ୍ପୂର୍ଣ୍ଣ ଖର୍ଚ୍ଚ ଚଏସ୍ ୱେଲ୍ଫେୟାର ଫାଉଣ୍ଡେଶନ ବହନ କରିବ। ବର୍ଷକ ମଧ୍ୟରେ ଏହି ଆବାସିକ ବିଦ୍ୟାଳୟ କାର୍ଯ୍ୟ କରିବ। ତେବେ ଏଥିରେ ଗରିବ, ଅବହେଳିତ ଓ ଜନଜାତି ବର୍ଗର ପିଲାଙ୍କୁ ବିନାଦେୟରେ କିସ୍ ଢାଞ୍ଚାରେ ଶିକ୍ଷା ପ୍ରଦାନ କରାଯିବ।

ଏହି ଅବସରରେ ପାଟୋଡିଆ କହିଛନ୍ତି, ଅଚ୍ୟୁତ ସାମନ୍ତଙ୍କୁ ସେ ନିଜର ଆଦର୍ଶ ଭାବେ ମାନି ଆସୁଛନ୍ତି। ୫ବର୍ଷ ପୂର୍ବରୁ ମୁମ୍ବାଇରେ କିସ୍ ପ୍ରତିଷ୍ଠା ପାଇଁ ସେ ସ୍ୱପ୍ନ ଦେଖିଥିଲେ। ଆଜି ତାଙ୍କର ସ୍ୱପ୍ନ ସାକାର ହୋଇଛି। କିସ୍ ଓ ଚଏସ୍ ୱେଲଫେୟାର ଫାଉଣ୍ଡେଶନ ମିଳିତ ଭାବେ ସମାଜ ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଅଚ୍ୟୁତ କହିଛନ୍ତି, କିସ୍କୁ ଏବେ ସମସ୍ତେ ଏକ ସଫଳ ମଡେଲ ଭାବେ ଗ୍ରହଣ କରିଥିବାରୁ ମୁଁ ବହୁତ ଖୁସି। ୨୦୧୩ରୁ କିସ୍-ଦିଲ୍ଲୀ କାର୍ଯ୍ୟ କରୁଥିବାବେଳେ କୋଲକାତାରେ ହେଲ୍ପ ଅସ୍ ହେଲ୍ପ ଦେମ୍ ସଙ୍ଗଠନ ସହଯୋଗରେ କିସ୍ର ଏକ ଶାଖା ପ୍ରତିଷ୍ଠା ହୋଇଛି। ଏବେ ମୁମ୍ବାଇରେ ଚଏସ୍-କିସ୍ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହେବାକୁ ଯାଉଛି। ଦେଶର ତିନୋଟି ବୃହତ ମହାନଗରରେ କିସ୍ ପ୍ରତିଷ୍ଠା ହୋଇପାରିଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିସ୍ ମହାନିର୍ଦ୍ଦେଶକ କାହ୍ନୁଚରଣ ମାହାଲି ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### କିସ୍ ଓ ଚଏସ୍ ୱେଲ୍ଫେୟାର ଫାଉଣ୍ଡେଶନ ମଧ୍ୟରେ ବୁଝାମଣା

## ନୂଆପଡ଼ା, କଳାହାଣ୍ଡି ଗସ୍ତରେ ଡିଜିପି

### ପଞ୍ଚାୟତ ନିର୍ବାଚନ, ମାଓବାଦୀ କାର୍ଯ୍ୟକଳାପର ସମୀକ୍ଷା

ଭବାନୀପାଟଣା/ନୂଆପଡ଼ା ଅଫିସ,୧୬।୧(ସ୍ୱ.ପ୍ର.)



ଡିଜିପି ସୁନୀଲ ବଂଶଲ ଭବାନୀପାଟଣାରେ ସମୀକ୍ଷା କରୁଛନ୍ତି।

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲ ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଇଁ ରବିବାର ଦିନିକିଆ ନୂଆପଡ଼ା ଓ କଳାହାଣ୍ଡି ଗସ୍ତ କରିଛନ୍ତି। ଡିଜିପି ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୦ଟାରେ ନୂଆପଡ଼ା ଗୌତମା ହେଲିପ୍ୟାଡରେ ଓହ୍ଲାଇଥିଲେ। ସେଠାରେ ତାଙ୍କୁ ଜିଲା ପୋଲିସ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ନୂଆପଡା ଏସ୍ପି କାର୍ଯ୍ୟାଳୟକୁ ଯାଇ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ମାଓବାଦୀ ଅପରେଶନ ଓ ପଞ୍ଚାୟତ ନିର୍ବାଚନ ଉପରେ ଆଲୋଚନା କରିଥିଲେ। ଡିସେମ୍ବର ମାସରେ ଦୁଇଥର ଓ ଗତ ସପ୍ତାହରେ ସୁନାବେଡା ଅଭୟାରଣ୍ୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ମାଓବାଦୀ କ୍ୟାମ୍ପ ଠାବ କରି ବିପୁଳ ପରିମାରେ ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। କିଭଳି ଭାବେ ମାଓବାଦୀଙ୍କୁ ଦମନ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। ଅପରାହ୍ନରେ ବିଏସ୍ଏଫ୍ର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭବାନୀପାଟଣା ରିଜର୍ଭ ପୋଲିସ ପଡିଆଠାରେ ପହଞ୍ଚିଥିଲେ। ପରେ ଏକ ସ୍ୱତନ୍ତ୍ର ବୈଠକରେ ଯୋଗଦେଇ କଳାହାଣ୍ଡି ଜିଲାରେ ମାଓବାଦୀ କାର୍ଯ୍ୟକଳାପ ଉପରେ ସମୀକ୍ଷା କରିବା ସହ ଆଇନଶୃଙ୍ଖଳା ଉପରେ ଆଲୋଚନା କରିଥିଲେ। କଳାହାଣ୍ଡି ଏକ ମାଓବାଦୀପ୍ରବଣ ଜିଲା ହୋଇଥିବାବେଳେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ କିଭଳି ସୁରୁଖୁରୁରେ ପରିଚାଳନା କରାଯିବ ସେ ଉପରେ ଗୁରୁତ୍ୱ ଦେଇଥିଲେ। ଉଭୟ ବୈଠକରେ ଡିଜିପି ବଂଶଲଙ୍କ ସହ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଲଳିତ ଦାଶ, ଆଇଜି ଅପରେଶନ ଅମିତାଭ ଠାକୁର, କଳାହାଣ୍ଡି ଏସ୍ପି ଶ୍ରବଣ ବିବେକ ଏମ୍, ନୂଆପଡା ଏସ୍ପି ପ୍ରତ୍ୟୁଷ ଦିବାକର ପ୍ରମୁଖ ସାମିଲ ହୋଇଥିଲେ।

## ହାଇଟେକ୍ ଟେଲିସ୍କୋପ୍

ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ନୂତନ ତଥ୍ୟ ଜାଣିବାକୁ ବିଭିନ୍ନ ଦେଶରେ ବୈଜ୍ଞାନିକମାନେ ପ୍ରୟାସ ଜାରି ରଖିଛନ୍ତି। ଏ ସମ୍ପର୍କରେ ନୂତନ କଥା ଜାଣିବାକୁ ଏକ ହାଇଟେକ୍ ଟେଲିସ୍କୋପ୍‌କୁ ମହାକାଶରେ ସଂଯୋଗ କରାଯାଇଛି। ଆମେରିକାର କାଲିଫର୍ନିଆସ୍ଥିତ ଲରେନ୍ସ ବର୍କଲେ ନ୍ୟାଶନାଲ ଲାବରେଟୋରି ପକ୍ଷରୁ ଏପରି ଟେଲିସ୍କୋପ ପ୍ରସ୍ତୁତ କରାଯାଇଥିଲା। ଚଳିତବର୍ଷଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଏହି ଟେଲିସ୍କୋପ୍ ମିଶନ କାମ କରିବ। ଏହାଦ୍ୱାରା ସଂଗୃହୀତ ତଥ୍ୟକୁ ଆଧାର କରି ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ଅନେକ ରୋଚକ ତଥ୍ୟ ଜାଣିହେବ ବୋଲି ଉକ୍ତ ଲାବରେଟୋରିର



ବୈଜ୍ଞାନିକ ଜୁଲିୟନ ଗୋ' ପ୍ରକାଶ କରିଛନ୍ତି। ଅନ୍ଧକାର ମଧ୍ୟରେ ଥିବା କଣିକାକୁ ଉକ୍ତ ଟେଲିସ୍କୋପ ତନ୍ନ ତନ୍ନ କରି ଅନୁଧ୍ୟାନ କରିବ। କେବଳ ସେତିକି ନୁହେଁ, ଗାଲାକ୍ସି ମଧ୍ୟରେ ଥିବା ଦୂରତା ବିଷୟରେ ମଧ୍ୟ ଏହି ଟେଲିସ୍କୋପ୍‌ରୁ ସୂଚନା ମିଳିପାରିବ।

## ସୋସିଆଲ ମିଡିଆ ଓ ଅବସାଦ



ସୋସିଆଲ ମିଡିଆ ସହ ଜଡ଼ିତ ରହିବା କେବଳ ଯୁବପିଢ଼ି ନୁହନ୍ତି, ଅନେକ ବୟସ୍କ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ତେବେ ଆବଶ୍ୟକତାଠାରୁ ଅଧିକ ସମୟ ସୋସିଆଲ ମିଡିଆ ସହ ଜଡ଼ିତ ରହିଲେ ତାହା ଅବସାଦର କାରଣ ସାଜିପାରେ। ଏକ ସଦ୍ୟତମ ସର୍ଭେରୁ ଏପରି ବିଷୟରେ ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଜାଣିପାରିଛନ୍ତି। ଏହି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସୋସିଆଲ ମିଡିଆରେ ଘୂରୁଥିବା ବିଭିନ୍ନ ପ୍ରକାର ଖବର ଆମ ମାନସିକତାକୁ ପ୍ରଭାବିତ କରିଥାଏ। କେତେକ ଏପରି ଖବରକୁ ନେଇ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି। ସମୟକ୍ରମେ ଏହା ଅବସାଦଜନିତ ସମସ୍ୟାର କାରଣ ସାଜିଥାଏ। କେତେକ ବ୍ୟକ୍ତି ସୋସିଆଲ ମିଡିଆରେ ନକାରାତ୍ମକ ଖବର ପଢ଼ିବାକୁ ପସନ୍ଦ କରିଥାଆନ୍ତି। ପରବର୍ତ୍ତୀ ସମୟରେ ଏହା ସେମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଏ। ଏହାଦ୍ୱାରା ସେମାନଙ୍କଠାରେ ହରମୋନରେ ଅସନ୍ତୁଳନ, ଅନିଦ୍ରା ସମସ୍ୟା ଦେଖାଦେଇଥାଏ। ତେଣୁ ସେମାନେ ଏପରି ମାନସିକତାର ପରିବର୍ତ୍ତନ କରିବା ଦରକାର। ନ ହେଲେ ଏହାଦ୍ୱାରା ସେମାନଙ୍କର ଜୀବନଶୈଳୀ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିର ନୂଆ ଉପାୟ

କେତେକ ରୋଗରୁ ଆମକୁ ସୁରକ୍ଷା ଦେବା ଲାଗି ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ରହିଛି। ଏହି ଶକ୍ତି ସବୁବେଳେ ଦୃଢ଼ ରହିଲେ ଆମେ ଅନେକାଂଶରେ ସୁସ୍ଥ ରହିପାରିବା। ବର୍ତ୍ତମାନ କରୋନା ମହାମାରୀ ପରିପ୍ରେକ୍ଷୀରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ତେବେ ଏହାର ଏକ ସରଳ ତଥା ସହଜ ଉପାୟ ହାତପାହାନ୍ତାରେ ରହିଛି। ତାହା କ'ଣ ଜାଣନ୍ତି ? ଯୋଗ। ଅର୍ଥାତ୍, ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହେବ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ପ୍ରତିଦିନ ଯୋଗ କରୁଥିବା କିଛି ବ୍ୟକ୍ତିଙ୍କର ଏହି ଶକ୍ତିକୁ ଜଣେ ସାଧାରଣ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ସହ ତୁଳନା କରି ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। କେବଳ ସେତିକି ନୁହେଁ, ମାନସିକତାକୁ ସକାରାତ୍ମକ ରଖିବାରେ ଯୋଗ ଅନେକାଂଶରେ ସାହାଯ୍ୟ କରିଥାଏ।



# ସୁସ୍ଥ ପରିବେଶ ଓ ସ୍ୱାସ୍ଥ୍ୟ



ଡା. ବସନ୍ତ କୁମାର ଷଡ଼ଙ୍ଗୀ



ସାରା ବିଶ୍ୱରେ ବୈଜ୍ଞାନିକମାନଙ୍କ ସିଦ୍ଧାନ୍ତ ତଥା ଭୌଗୋଳିକ ବିଜ୍ଞାନସମ୍ମତ ତଥ୍ୟ ଅନୁଯାୟୀ ସାରା ବିଶ୍ୱରେ ଋତୁଚକ୍ରରେ ପରିବର୍ତ୍ତନ ହୋଇ ଭିନ୍ନ ଭିନ୍ନ ପ୍ରକାରର ଜଳବାୟୁ ମଧ୍ୟ ପରିବର୍ତ୍ତନ ହେବାର ଦେଖାଯାଇଥାଏ। ଏପରି ସ୍ଥଳେ ଆମ ଦେଶରେ ଋତୁ ଅନୁଯାୟୀ ମନୁଷ୍ୟ ଶରୀରରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ। ଯେପରି ବର୍ଷା ଋତୁରେ ଦୂଷିତ ପାଣି ତଥା ପ୍ରକୃତି ଓ ପରିବେଶର ପାଣିପାଗ ପରିବର୍ତ୍ତନ ହେତୁ ମନୁଷ୍ୟ ଶରୀରରେ ବିଭିନ୍ନ ରୋଗ ଦେଖାଦେଉଥିବା ବେଳେ, ଗ୍ରୀଷ୍ମଋତୁରେ ମଧ୍ୟ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୌଦ୍ର ତାପ ତଥା ଜଳବାୟୁରେ ଆର୍ଦ୍ରତା ହ୍ରାସ ପାଇବା ହେତୁ ବେଳେବେଳେ ମନୁଷ୍ୟ ଅଂଶୁଘାତର ଶିକାର ହେବା ସହ ନଦୀ, ନାଳ, ପୁଷ୍କରିଣୀ, କୂପମାନଙ୍କରେ ପାଣି ଦୂଷିତ ହୋଇଥାଏ। ଏପରି ଜଳକୁ ମନୁଷ୍ୟ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଦେଖାଯାଇଥାଏ। ସେହିପରି ଶୀତ ଋତୁରେ ଆଜ୍‌ମା, କଫ, ଶ୍ୱାସ, ମୁଣ୍ଡବିନ୍ଧା, ଉଚ୍ଚ ରକ୍ତଚାପ, ରକ୍ତହୀନତା ତଥା ବିଭିନ୍ନ ପ୍ରକାର ଚର୍ମ ରୋଗ ମନୁଷ୍ୟ ଶରୀରରେ ଦେଖାଦେଇଥାଏ।

ସାମ୍ପ୍ରତିକ ପରିସ୍ଥିତିରେ ଆମ ରାଜ୍ୟ ଓଡ଼ିଶାର ଜଳବାୟୁକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଋତୁଚକ୍ରରେ କିଛି ତାରତମ୍ୟ ହେବାର ପରିଲକ୍ଷିତ ହୋଇଥାଏ। ଏହାର ମୂଳ କାରଣ ଜଙ୍ଗଲ କାଟି ନଷ୍ଟ କରିବା ଓ ଆବଶ୍ୟକ ମୁତାବକ ବୃକ୍ଷରୋପଣ ନ କରିବା। ଫଳରେ ଜଳବାୟୁରେ ଅମ୍ଳଜାନ ପରିମାଣ ହ୍ରାସ ପାଇ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଇଥାଏ। ଫଳରେ ବର୍ଷା ଓ ଶୀତର ପ୍ରକୋପ ନିୟମ ଅନୁଯାୟୀ ନ ହୋଇ ହ୍ରାସ ପାଇଥାଏ। ଗ୍ରୀଷ୍ମର ପ୍ରକୋପ ଅଧିକ ଅନୁଭୂତ ହୋଇଥାଏ, ଯାହାର କୁପ୍ରଭାବ ସିଧାସଳଖ ମନୁଷ୍ୟ ସମାଜ ଉପରେ ପଡ଼ିଥାଏ।

> "ଆଜିର ମନୁଷ୍ୟ ନିଜର କ୍ଷଣସ୍ଥାୟୀ ଉପଯୋଗିତାକୁ ଗୁରୁତ୍ୱ ଦେଇ ବିଶାଳକାୟ ବୃକ୍ଷଗୁଡ଼ିକୁ କାଟି ସଫା କରିଦେଉଛି। ନିଜର ସୁବିଧା ପାଇଁ ଜଙ୍ଗଲରେ ଅଗ୍ନି ସଂଯୋଗ କରିବା ହେତୁ ବହୁମୂଲ୍ୟ ପ୍ରାକୃତିକ ସମ୍ପଦ ଅଳ୍ପ ସମୟ ମଧ୍ୟରେ ଜଳିପୋଡ଼ି ପାଉଁଶ ହୋଇଯାଉଛି। ଏହାଦ୍ୱାରା ବଣଜଙ୍ଗଲରେ ବାସ କରୁଥିବା ବାଘ, ଭାଲୁ, ବାର୍‌ହା, ହାତୀ, ସର୍ପ ଆଦି ବିଭିନ୍ନ ସରୀସୃପ ଜାତୀୟ ବନ୍ୟଜନ୍ତୁଙ୍କ ଜୀବନ ପ୍ରଭାବିତ ହେଉଛି। ଏପରି ପ୍ରକୃତିଦତ୍ତ ପ୍ରାକୃତିକ ସମ୍ପଦକୁ ମନୁଷ୍ୟ ହେୟ ମନେକରି ନଷ୍ଟ କରି ନିଜର ଓ ସମାଜର ସ୍ୱାସ୍ଥ୍ୟ ସୁରକ୍ଷାରେ ବାଧକ ସାଜୁଛି।"

ଆଜିର ମନୁଷ୍ୟ ନିଜର କ୍ଷଣସ୍ଥାୟୀ ଉପଯୋଗିତାକୁ ଗୁରୁତ୍ୱ ଦେଇ ବିଶାଳକାୟ ବୃକ୍ଷଗୁଡ଼ିକୁ କାଟି ସଫା କରିଦେଉଛି। ନିଜର ସୁବିଧା ପାଇଁ ଜଙ୍ଗଲରେ ଅଗ୍ନି ସଂଯୋଗ କରିବା ହେତୁ ବହୁମୂଲ୍ୟ ପ୍ରାକୃତିକ ସମ୍ପଦ ଅଳ୍ପ ସମୟ ମଧ୍ୟରେ ଜଳିପୋଡି ପାଉଁଶ ହେଇଯାଉଛି। ଏହାଦ୍ୱାରା ବଣଜଙ୍ଗଲରେ ବାସ କରୁଥିବା ବାଘ, ଭାଲୁ, ବାର୍‌ହା, ହାତୀ, ସର୍ପ ଆଦି ବିଭିନ୍ନ ସରୀସୃପ ଜାତୀୟ ବନ୍ୟଜନ୍ତୁଙ୍କ ଜୀବନ ପ୍ରଭାବିତ ହେଉଛି। ଏପରି ପ୍ରକୃତିଦତ୍ତ ପ୍ରାକୃତିକ ସମ୍ପଦକୁ ମନୁଷ୍ୟ ହେୟ ମନେକରି ନଷ୍ଟ କରି ନିଜର ଓ ମନୁଷ୍ୟସମାଜର ସ୍ୱାସ୍ଥ୍ୟ ସୁରକ୍ଷାରେ ବାଧକ ସାଜୁଛି। ଏହାର ପ୍ରତିକାର ଓ ପ୍ରତିରୋଧ ପାଇଁ ନିଜେ ସଚେତନ ହେବା ସହ ଜନସଚେତନତାର ଆଶ୍ୟକତା ରହିଛି।

ବହୁ ବର୍ଷ ଧରି ତିଷ୍ଠି ରହିଥିବା ବିଶାଳକାୟ ବୃକ୍ଷସମୂହ ପ୍ରଚୁର ପରିମାଣରେ ଅମ୍ଳଜାନ ସୃଷ୍ଟି କରି ବାୟୁମଣ୍ଡଳକୁ ଛାଡ଼ିଥା'ନ୍ତି, ଯଦ୍ୱାରା ମନୁଷ୍ୟ ସୁସ୍ଥ ଅମ୍ଳଜାନ ପାଇବା ହେତୁ ଶରୀରରେ 'ରୋଗ ପ୍ରତିରୋଧକ ଶକ୍ତି' ବୃଦ୍ଧିରେ ସହାୟକ ହୋଇଥାଏ। ଫଳରେ ଜଣେ ବ୍ୟକ୍ତି ସୁସ୍ଥ ଓ ଦୀର୍ଘାୟୁ ଜୀବନ ଯାପନରେ ସହାୟକ ହୋଇଥାଏ। ଯଦି ମନୁଷ୍ୟ ଏପରି ବନ୍ୟ ସମ୍ପଦକୁ ନଷ୍ଟ କରିଚାଲିବ, ଭବିଷ୍ୟତ ପିଢ଼ିମାନଙ୍କ ପାଇଁ ଅମ୍ଳଜାନ ଅଭାବଜନିତ ସମସ୍ୟା ତଥା ବିଭିନ୍ନ ପ୍ରକୃତି ଓ ପରିବେଶ ଅସନ୍ତୁଳିତ ହେତୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଏହାର ପରିଣାମ ସ୍ୱରୂପ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ହେତୁ ଅତ୍ୟଧିକ ଗ୍ରୀଷ୍ମପ୍ରବାହ, ଅତ୍ୟଧିକ ଘୂର୍ଣ୍ଣିଝଡ଼, ବନ୍ୟା, ବାତ୍ୟା, ଘଡ଼ଘଡ଼ି, ବିଜୁଳି ଆଦି କାରଣରୁ ବହୁ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ପରିସଂଖ୍ୟାନରୁ ଜଣାଯାଇଛି ଯେ, ପ୍ରତିବର୍ଷ ବିଶ୍ୱରେ ୨,୪୦,୦୦୦ ବଜ୍ରପାତଜନିତ ଘଟଣା ଘଟୁଥିବାବେଳେ ହାରାହାରି ୨୦୦୦ ଜଣ ମୃତ୍ୟୁବରଣ କରିଥା'ନ୍ତି। ଭାରତରେ ମଧ୍ୟ ପ୍ରତିବର୍ଷ ପ୍ରାୟ ହାରାହାରି ୨୦୦୦ରୁ ୨୫୦୦ ଜଣଙ୍କ ବଜ୍ରପାତଜନିତ ମୃତ୍ୟୁ ହୋଇଥାଏ। ସେହିପରି ଓଡ଼ିଶାରେ ୨୦୧୫-୨୦୨୦ ସାଲ ମଧ୍ୟରେ ପ୍ରତିବର୍ଷ ୩୪୩ ଜଣ ଙ୍କ 'ବଜ୍ରପାତ ଜନିତ ମୃତ୍ୟୁ' ଘଟୁଥିବା ବେଳେ କେବଳ ୨୦୧୭ରେ ୪୬୩ ଓ ୨୦୨୦ ସାଲ ରେ ୧୭୬ ଜଣଙ୍କ ବଜ୍ରପାତଜନିତ ମୃତ୍ୟୁ ଘଟିଛି, ଯାହାକି ଚିନ୍ତାଜନକ ଘଟଣା। ସେହିପରି ଓଡ଼ିଶାରେ ଗତ ୧୨ ବର୍ଷ ମଧ୍ୟରେ ପ୍ରାୟତଃ ୨,୭୩୪ ଜଣ ଅଂଶୁଘାତ ହେତୁ ମୃତ୍ୟୁମୁଖରେ ପଡ଼ନ୍ତି। ଉକ୍ତ ସମସ୍ତ ବିଷୟକୁ ଗଭୀର ଭାବେ ଚିନ୍ତାକଲେ ଜଣାଯାଏ ଯେ, ପ୍ରକୃତି ଓ ପରିବେଶ ଅସନ୍ତୁଳିତ ହେତୁ ଏପରି ପ୍ରାକୃତିକ ବିପର୍ଯ୍ୟୟ ଦେଖାଯାଇଥାଏ। ତେଣୁ ସୁସ୍ଥ ଓ ଦୀର୍ଘାୟୁ ଭାବେ ବଞ୍ଚି ରହିବା ପାଇଁ ଉତ୍ତମ ପରିବେଶ ନିହାତି ଜରୁରୀ। ଏହାର ଆଶୁ ପ୍ରତିକାର ନିମନ୍ତେ ଆମର ବାସଗୃହ ତଥା ପାରିପାର୍ଶ୍ୱିକ ସ୍ଥାନମାନଙ୍କରେ ବିଭିନ୍ନ ବୃକ୍ଷ ଲଗାଇବା ସହ ସବୁଜ ବନ ସୃଷ୍ଟି କରିବା, ବଣଜଙ୍ଗଲର ବୃକ୍ଷକୁ ନ କାଟିବା ଦ୍ୱାରା ଆମେ ପର୍ଯ୍ୟାପ୍ତ ଶୁଦ୍ଧ ଅମ୍ଳଜାନ ପାଇବାରେ ପ୍ରତିବନ୍ଧକ ଦୂର ହେବା ସହ ପରିବେଶ ସୁସ୍ଥ ରହିବା ହେତୁ ଆମେ ସ୍ୱାସ୍ଥ୍ୟବାନ୍ ଓ ଦୀର୍ଘାୟୁ ହୋଇ ବଞ୍ଚିପାରିବା।



– ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ନୂତନ କରୋନା ଭୂତାଣୁ

# ଆଇଏଚ୍‌ୟୁ



ନିକୁଞ୍ଜ ବିହାରୀ ସାହୁ

ଦୁନିଆରେ କରୋନା ଭୂତାଣୁ ଓମିକ୍ରନ ଆତଙ୍କର କଳାବାଦଲ ହଟି ନ ଥିଲାବେଳେ ଏବେ ଆଉ ଏକ ନୂତନ ଭୂତାଣୁର ଆବିର୍ଭାବ ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଫ୍ରାନ୍ସରୁ ମିଳିଥିବା ଏହି ନୂଆ ପ୍ରକାର କରୋନା ଭୂତାଣୁର ନାମ 'ଆଇଏଚ୍‌ୟୁ' (IHU) ଦିଆଯାଇଛି। ଏହା ଭବିଷ୍ୟତରେ ଆଉ ଏକ ଲହରର ସୂତ୍ରପାତ କରିପାରେ ବୋଲି ଆଶଙ୍କା ପ୍ରକାଶ କରାଯାଉଛି। ଏହି ନୂଆ ରୂପର ଜିନୋମରେ ପୂର୍ବ ସଂରଚନା ତୁଳନାରେ ଯଥେଷ୍ଟ ଅଧିକ ପ୍ରକାରର ଆକସ୍ମିକ ପରିବର୍ତ୍ତନ ଘଟିଥିବାରୁ ଏହା ଏକ ସମ୍ପୂର୍ଣ୍ଣ ନୂଆ ଭୂତାଣୁ ରୂପେ ମୁଣ୍ଡ ଟେକିଛି।

**ନୂଆ ରୂପର ଚିହ୍ନଟ:** ଫ୍ରାନ୍ସର ଗବେଷକମାନେ ଏହି IHU ପରିବର୍ତ୍ତିତ ରୂପକୁ B.୧.୬୪୦.୨ ପ୍ରକାର ରୂପେ ଶ୍ରେଣୀଭୁକ୍ତ କରିଛନ୍ତି। ଏହାକୁ ଏବେ ପୂର୍ବରୁ ଜଣାଥିବା କରୋନା ଭୂତାଣୁର ଗୋଟିଏ ପରିବର୍ତ୍ତିତ ବଂଶ B.୧.୬୪୦ର ଏକ ଉପବଂଶ ରୂପେ ବିବେଚନା କରାଯାଉଛି। B.୧.୬୪୦ ବଂଶ କରୋନାର ଏକ ନୂଆ ରୂପ ନୁହେଁ, ବରଂ ଏହି ବଂଶର ଚିହ୍ନଟ ସର୍ବପ୍ରଥମେ ୨୦୨୧ ମସିହା ଜାନୁୟାରୀ ମାସରେ କରାଯାଇଥିଲା। ଏହି ବଂଶର ଭୂତାଣୁ ଦ୍ୱାରା ଅନେକ ଦେଶରେ ମାମଲା ନଜରକୁ ଆସିଲାଣି। ଆମ ଦେଶରେ ମଧ୍ୟ ଏହି ବଂଶର ଗୋଟିଏ ମାମଲା ଚିହ୍ନଟ କରାଯାଇଛି। ଏହି ବଂଶର ସର୍ବାଧିକ ମାମଲା ଫ୍ରାନ୍ସ, କଙ୍ଗୋ, ଜର୍ମାନୀ ଏବଂ ବ୍ରିଟେନ୍ ଗଣରାଜ୍ୟରେ ମିଳିଥିଲାବେଳେ ସର୍ବାଧିକ ପ୍ରସାର ହାର କଙ୍ଗୋରେ ପରିଲକ୍ଷିତ ହୋଇଛି, ଯେଉଁଠାରେ ୪୫୪ ଥର ଜିନୋମ୍ ବର୍ଗୀକରଣ ମାମଲା ନଜରକୁ ଆସିଛି।

**ଆଇଏଚ୍‌ୟୁ ଚିନ୍ତାଜନକ କାହିଁକି:** ଏହି ନୂତନ ରୂପର ଜିନୋମ୍‌ରେ ମୂଳ ସଂରଚନା ତୁଳନାରେ ପ୍ରାୟ ୪୬ ପ୍ରକାରର ଆକସ୍ମିକ ପରିବର୍ତ୍ତନ ଏବଂ ଜିନ୍ ଗଠନର ମୁଖ୍ୟ ଉପାଦାନ ନ୍ୟୁକ୍ଲୀୟ ଏସିଡ୍‌ରେ ୩୭ଟି ଏକକର ସମ୍ପୂର୍ଣ୍ଣ ଅପସାରଣ ଘଟିଛି, ଯେଉଁଥିରୁ ଅଧିକାଂଶ ପରିବର୍ତ୍ତନ କେବଳ ସ୍ପାଇକ୍ ପ୍ରୋଟିନ୍‌ରେ ହିଁ ଦେଖିବାକୁ ମିଳିଛି। ଏହାର ଏମିନୋ ଅମ୍ଳରେ ୩୦ଟି ପ୍ରତିସ୍ଥାପନ ଏବଂ ୧୨ଟି ଅପସାରଣ ପ୍ରକ୍ରିୟା ଯୋଗୁ ଭୂତାଣୁର ଜିନୀୟ ସଙ୍କେତରେ ଏଭଳି ଆକସ୍ମିକ ପରିବର୍ତ୍ତନ ମାନ ଘଟିଛି। 'ଆଇଏଚ୍‌ୟୁ'ର ଜିନୀୟ ସଙ୍କେତରେ ଏହି ପରିବର୍ତ୍ତନ ସଂଖ୍ୟା ସାରା ବିଶ୍ୱରେ ଆତଙ୍କ ରଚିଥିବା ଓମିକ୍ରନଠାରୁ ମଧ୍ୟ ଅଧିକ। ଉଲ୍ଲେଖଯୋଗ୍ୟ, ଏହି ସ୍ପାଇକ୍ ପ୍ରୋଟିନ୍ ଅଙ୍ଗ ଜରିଆରେ ଭୂତାଣୁ ବ୍ୟକ୍ତି ଶରୀରର ଫୁସ୍‌ଫୁସ୍ କୋଷିକା ସହିତ ସଂଯୁକ୍ତ ହୋଇ ଶରୀର ମଧ୍ୟରେ ସହଜରେ ପ୍ରବେଶ କରିଥାଏ ଏବଂ ଅଧିକାଂଶ ପ୍ରଚଳିତ ଟିକା ମୂଳ ଚାଇନା ଭୂତାଣୁର ଏହି ସ୍ପାଇକ୍ ପ୍ରୋଟିନ୍‌କୁ ହିଁ ଟାର୍ଗେଟ୍ କରିଥା'ନ୍ତି। ଭୂତାଣୁର ଏହି ନୂତନ ରୂପରେ ସ୍ପାଇକ୍ ପ୍ରୋଟିନ୍‌ର ଅନେକ ପରିବର୍ତ୍ତନ ଘଟିସାରି ଥିବାରୁ ଏବେକାର ଅଧିକାଂଶ ଟିକା ଦ୍ୱାରା ସୃଷ୍ଟି ହେଉଥିବା ଶରୀରର ପ୍ରତିରୋଧକ ବ୍ୟବସ୍ଥା ଭୂତାଣୁକୁ ମୁକାବିଲା କରିବାରେ ସକ୍ଷମ ହେବେ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଏହି ନୂଆ ରୂପର ସ୍ପାଇକ୍ ପ୍ରୋଟିନରେ 'N୫୦୧Y' ଏବଂ 'E୪୮୪K' ସମେତ ୧୪ଟି ଏମିନୋ ଅମ୍ଳ ପ୍ରତିସ୍ଥାପନ ଏବଂ ୯ଟି ଅପସାରଣ ଘଟଣା ଦେଖିବାକୁ ମିଳିଛି। ସ୍ପାଇକ୍ ପ୍ରୋଟିନରେ N୫୦୧Y ପ୍ରତିସ୍ଥାପନ ପ୍ରକ୍ରିୟା ଯୋଗୁ ଭୂତାଣୁ ସହଜରେ ଫୁସ୍‌ଫୁସ୍ ସହିତ ସଂଯୋଗ ହୋଇ ଶରୀରରେ ପ୍ରବେଶ କରିପାରିବ ; ଫଳରେ ଏହି ନୂତନ ରୂପର ସଂକ୍ରମଣ ହାର ଯଥେଷ୍ଟ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ସ୍ପାଇକ୍ ପ୍ରୋଟିନ୍‌ରେ E୪୮୪K ପ୍ରତିସ୍ଥାପନ ଘଟଣା ଯୋଗୁ ଭୂତାଣୁ ସହଜରେ ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ପ୍ରତିହତ କରିପାରିବ, ଯାହାଫଳରେ ଏହା ବିରୋଧରେ ଏବେକାର ଅଧିକାଂଶ ଟିକା କାର୍ଯ୍ୟ କରିବ ନାହିଁ ବୋଲି ମଧ୍ୟ ଆଶଙ୍କା କରାଯାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭୂତାଣୁର ଏଇ ନୂତନ ରୂପ 'ଆଇଏଚ୍‌ୟୁ'କୁ ଏପର୍ଯ୍ୟନ୍ତ କୌଣସି ଶ୍ରେଣୀ ଯଥା ଚିନ୍ତାଜନକ କିମ୍ବା ଆଗ୍ରହଜନକ ରୂପେ ଘୋଷଣା କରିନାହିଁ, ବରଂ ଏହାକୁ ଗମ୍ଭୀରତା ପୂର୍ବକ ଅନୁଧ୍ୟାନ କରୁଛି। ମାତ୍ର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଗତ ନଭେମ୍ବର ମାସରେ ଏହି ଭୂତାଣୁର ମୂଳ ବଂଶ 'B.୧.୬୪୦'କୁ ତଦାରଖରେ ରଖାଯାଇଥିବା ପରିବର୍ତ୍ତିତ ରୂପ ରୂପେ ଘୋଷଣା କରିଛି।

**ନୂତନ ପରିବର୍ତ୍ତିତ ରୂପ ଯୋଗୁ ବିପଦ:** ଭୂତାଣୁର ଜିନୀୟ ସ୍ତରରେ ହେଉଥିବା ଆକସ୍ମିକ ପରିବର୍ତ୍ତନକୁ ମ୍ୟୁଟେସନ୍ କହନ୍ତି। ଭୂତାଣୁ ମନୁଷ୍ୟ ଶରୀର ମଧ୍ୟରେ ପ୍ରବେଶ କରି ଯେତେ ଥର ବହୁଗୁଣିତ ହେଉଥିବ, ମ୍ୟୁଟେସନ୍ ପ୍ରକ୍ରିୟା ଜରିଆରେ ନୂଆ ନୂଆ ରୂପ ସୃଷ୍ଟି ହେବାର ସମ୍ଭାବନା ସେତେ ଅଧିକ ରହିଥାଏ। ଏହି ପ୍ରକ୍ରିୟା ଯୋଗୁ ଭୂତାଣୁର ନୂଆ ନୂଆ ପରିବର୍ତ୍ତିତ ରୂପମାନ କ୍ରମାଗତ ସୃଷ୍ଟି ହେଉଛନ୍ତି। ସେଥିମଧ୍ୟରୁ ଅଧିକାଂଶ ରୂପ ମଣିଷ ପାଇଁ ବିପଦର ସଙ୍କେତ ବହନ କରୁ ନ ଥିଲାବେଳେ ଡେଲ୍ଟା ଓ ଓମିକ୍ରନ୍ ଭଳି କିଛି ଅବତାର ଘୋର ଘାତକ ସାବ୍ୟସ୍ତ ହେଉଛନ୍ତି। ସୌଭାଗ୍ୟକ୍ରମେ, 'ଆଇଏଚ୍‌ୟୁ'ର ଉପସ୍ଥିତି ସାରା ବିଶ୍ୱରେ ପ୍ରସାର ହୋଇପାରି ନାହିଁ। ଏବେ ଏହି ନୂତନ ପ୍ରକାର ଭୂତାଣୁ ଉପରେ ଗବେଷଣା ଜାରି ରହିଛି ଏବଂ ଏହା ଆଗାମୀ ଦିନରେ ମଣିଷ ସମାଜ ପାଇଁ କେଉଁ ରୂପରେଖ ନେବ ତାହା କେବଳ ସମୟ ହିଁ କହିପାରିବ।



– ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮

## ଅଧିକ ଲେମ୍ବୁପାଣି ପିଉଥିଲେ...

ଲେମ୍ବୁପାଣି ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ମେଦବହୁଳତାକୁ କମାଇବାରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ। ତା'ସହ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ। କିନ୍ତୁ ଏହି ପାଣି ଆବଶ୍ୟକତାଠାରୁ ଅଧିକ ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଓଜନ କମ୍ କରିବା ପାଇଁ କିଛି ଲୋକ ଲେମ୍ବୁପାଣି ପିଇଥା'ନ୍ତି। କିନ୍ତୁ ଅଧିକ ପିଇବା ଦ୍ୱାରା ଆଣ୍ଠୁ ରସ ପ୍ରଭାବିତ ହେବାର ଆଶଙ୍କା ରହିଛି। ଫଳରେ ଭବିଷ୍ୟତରେ ସଂପୃକ୍ତ ବ୍ୟକ୍ତି ଆଣ୍ଠୁଗଣ୍ଠିଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଲେମ୍ବୁରେ ଅଧିକ ମାତ୍ରାରେ ଅମ୍ଳ ରହିଛି। ତେଣୁ ଏହି ପାଣି ଆବଶ୍ୟକତାଠାରୁ ଅଧିକ ପରିମାଣରେ ପିଇବା ଦ୍ୱାରା ଦାନ୍ତଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଲେମ୍ବୁରେ ଭିଟାମିନ୍ 'ସି' ଏବଂ ଫାଇବର ଭରି ରହିଛି, ଯାହା ଆମର ପାଚନକ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ହେଲେ ଏପରି ପାଣିର ମାତ୍ରା ଅଧିକ ହେଲେ ପେଟଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଏପରି କି ଅଧିକ ପରିମାଣର ଲେମ୍ବୁପାଣି ପିଇଲେ ଅର୍ଶ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

## ସ୍ୱା ସ୍ଥ୍ୟ ସୂ ଚ ନା

- ଅଧିକ ଲୁଣ ଏବଂ ମିଠାଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ, ଏହା ଖାଇବା ଦ୍ୱାରା ଶରୀରରେ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ହାର୍ଟ ଆଟାକ୍ ଭଳି ଅନେକ ମାରାତ୍ମକ ରୋଗ ସୃଷ୍ଟି ହୁଏ।
- ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ଚାହୁଁଥିଲେ ପ୍ରତିଦିନ ୭ ରୁ ୮ ଘଣ୍ଟା ନିହାତି ଶୁଅନ୍ତୁ। ଶରୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତି ଏବଂ ସୁନିଦ୍ରା ପରସ୍ପରର ପରିପୂରକ।
- ପ୍ରତିଦିନ ସୂର୍ଯ୍ୟକିରଣରେ କିଛି କିଛି ସମୟ ଛିଡ଼ା ହେବା ସ୍ୱାସ୍ଥ୍ୟପକ୍ଷେ ଭଲ। କାରଣ ସୂର୍ଯ୍ୟକିରଣ ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ପ୍ରମୁଖ ଉତ୍ସ।
- ଖାଦ୍ୟ ଖାଇବା ସମୟରେ ତରବର ନ ହୋଇ ଧୀରେ ଧୀରେ ଚୋବାଇ ଖାଆନ୍ତୁ। ଫଳରେ ଖାଦ୍ୟ ହଜମ ହେବାରେ ସହଜ ହୁଏ।



- ଘରେ ଯଦି କୌଣସି ଔଷଧ ରଖିଛନ୍ତି, ତେବେ ତାହାର ଏକ୍ସପାଏରି ଡେଟ୍‌କୁ ଡାଏରୀରେ ଟିପି ରଖନ୍ତୁ। ପରବର୍ତ୍ତୀ ସମୟରେ ଏଗୁଡିକୁ ବ୍ୟବହାର କରିବା ପୂର୍ବରୁ ଏହି ଡେଟ ବିଷୟରେ ସଚେତନ ରୁହନ୍ତୁ।
- ଯଦି ଆପଣଙ୍କ ବୟସ ୪୦ ଟପିଯାଇଛି, ତେବେ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ, ରକ୍ତରେ ସୁଗାର ପରିମାରଣ ମାପି ନିଅନ୍ତୁ। ତା' ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

## ଉପକାରୀ ଗଙ୍ଗଶିଉଳି ପତ୍ର

- ଏହାକୁ ଥଣ୍ଡା, ଜ୍ୱର ଓ କଫ ହେଲେ ଘରୋଇ ଉପଚାର ଭାବରେ ବ୍ୟବହାର କରିପାରିବେ।
- ଏହି ପତ୍ରରୁ ପ୍ରସ୍ତୁତ ରସକୁ ପାନ କଲେ ଏହା ଦ୍ୱାରା ଆଣ୍ଠୁ ଗଣ୍ଠିଜନିତ ରୋଗ ମଧ୍ୟ ଭଲ ହୋଇଥାଏ।
- ଦୁଇ ଠୋପା ଗଙ୍ଗଶିଉଳି ପତ୍ରର ରସ ନାକରେ ପକାଇବା ଦ୍ୱାରା ମୁଣ୍ଡବିନ୍ଧାରୁ ଆରାମ ମିଳିଥାଏ।
- କାଶ ଓ କଫଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ? ଯଦି ହଁ, ତେବେ କିଛି ଦିନ ଦୁଇ ଚାମଚ ଗଙ୍ଗଶିଉଳି ପତ୍ର ରସରେ ଚାରି ଠୋପା ମହୁ ମିଶାଇ ସେବନ କରନ୍ତୁ। ଏହାଦ୍ୱାରା କାଶ ଏବଂ କଫ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ।
- ପାଇଲ୍‌ସ ବା ମଳକଷ୍ଟକ ପାଇଁ ଏହାର ମଞ୍ଜି ବେଶ୍ ଉପକାରୀ। ଗଙ୍ଗଶିଉଳି ମଞ୍ଜିରୁ ୧୦ ଗ୍ରାମ ଓ ଗୋଲମରିଚ ୩ ଗ୍ରାମ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଛୋଟ ଛୋଟ ଗୋଲି କରି ଉଷୁମ ପାଣିରେ ମିଶାଇ ସକାଳେ ଓ ସନ୍ଧ୍ୟାରେ ଖାଆନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜାନୁୟାରୀ ୧୭/୨୦୨୨ Sambalpur, Monday, January 17/ 2022

# ବିଦ୍ୟୁତ୍ ବିଲ୍ ଦିଅ, ନଚେତ୍ ମର

**ନାପିତାଓ, ୧୬।୧**




### ■ମ୍ୟାନମାର ସେନାର ଧମକ
### ■ଟଙ୍କା ଆଦାୟ କରୁଛି ଆର୍ମି

ଗତବର୍ଷ ଫେବୃୟାରୀ ୧ରେ ମ୍ୟାନ୍ମାର ସେନା ଦେଶର ଶାସନ କବ୍ଜା କରିବା ପରଠାରୁ ଅର୍ଥବ୍ୟବସ୍ଥା ଘୋର ପ୍ରଭାବିତ ହୋଇଛି। ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ଦେଶର ସର୍ବୋଚ୍ଚ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କୁ ଶାସନରୁ ହଟାଯିବା ବିରୋଧରେ ଏବଂ ଦେଶରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ଦାବି କରି ଲକ୍ଷ ଲକ୍ଷ ଲୋକ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେନା କାର୍ଯ୍ୟାନୁଷ୍ଠାନର ଶିକାର ହୋଇ ଅନେକେ ସେମାନଙ୍କ ଜୀବନ ହରାଇଥିବାବେଳେ ଅନେକଙ୍କ ଚାକିରି ଯାଇଛି। ଏବେ ଲକ୍ଷାଧିକ ଲୋକ ସେମାନଙ୍କ ବିଦ୍ୟୁତ୍ ବିଲ୍ ପଇଠ କରିବାକୁ ଖୋଲାଖୋଲି ମନା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଉତ୍ସ ଭାବେ ବିଦ୍ୟୁତ୍ ବିଲ୍ ସଂଗ୍ରହରୁ ସେନାକୁ ବଞ୍ଚିତ କରିବା ପାଇଁ ଜନସାଧାରଣ ଏଭଳି ଅଭିନବ ଉପାୟ ଆପଣାଇଥିବାବେଳେ ମ୍ୟାନ୍ମାର ମିଲିଟାରୀ କିନ୍ତୁ ଏଥିପାଇଁ କଠୋର ପନ୍ଥା ଅବଲମ୍ବନ କରିଛି। ବିଲ୍ ପଇଠ କର ନଚେତ ମରିବାକୁ ପ୍ରସ୍ତୁତ ହୋଇଯାଅ ବୋଲି ସେନା ଚେତାବନୀ ଦେଇଛି।

ଦୀର୍ଘ ୧୧ ମାସ ହେଲା ଲୋକଙ୍କ ଇଚ୍ଛାକୁ ଦମନ କରି ଚାଲିଥିବା ସେନା ଏବେ ସେମାନଙ୍କଠାରୁ ବିଭିନ୍ନ ବିଲ୍ ଏବଂ ଋଣ ବାବଦ ଅର୍ଥ ସଂଗ୍ରହରେ ଲାଗିଛି। ଏପରି କି ସେନା ଅଧିକାରୀମାନେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହ ଘରକୁ ଘର ବୁଲି ବିଲ୍ ଆଦାୟ କରୁଥିବା ଦେଖାଯାଇଛି। କିଛି ସପ୍ତାହ ହେଲା ଦେଶର ଦୁଇ ବଡ଼ ସହର ୟାଙ୍ଗୁନ୍ ଏବଂ ମାଣ୍ଡଲେ ସମେତ ବିଭିନ୍ନ ଅଞ୍ଚଳରେ ସେନା ଅଧିକାରୀ ଏଥି ନିମନ୍ତେ ଲୋକଙ୍କ ଘର କବାଟ ବାଡ଼ଉଛନ୍ତି। ବିଲ୍ ନ ଦେଲେ ବଦଳରେ ଜୀବନ ଦେବାକୁ ପଡ଼ିବ ବୋଲି ଧମକ ଦିଆଯାଉଛି। ମ୍ୟାନମାର ମୁଦ୍ରା କ୍ୟାତ୍ର ମୂଲ୍ୟ ହ୍ରାସ ପାଇଛି। ବ୍ୟାଙ୍କଗୁଡ଼ିକରେ ଅର୍ଥାଭାବ ଦେଖାଦେଇଛି। କେତେକ ଆକଳନ ଅନୁସାରେ, ପୂର୍ବ ସରକାରକୁ ମିଳୁଥିବା ବିଦ୍ୟୁତ୍ ଦେୟ, ଟିକସ, ରାଜସ୍ୱ, ଅନ୍ତର୍ଜାତୀୟ ସ୍ତରରେ ବିକାଶ ସହାୟତାରେ ଅନୁଦାନ ହ୍ରାସ ପାଇଛି ଯାହା କି ଦେଶର ମୋଟ ରାଜସ୍ୱର ଏକ-ତୃତୀୟାଂଶ। ରିପୋର୍ଟ ଅନୁସାରେ, ମାଣ୍ଡଲେ ସହରର ୯୭ ପ୍ରତିଶତ ଏବଂ ୟାଙ୍ଗୁନ୍ର ୯୮ ପ୍ରତିଶତ ଲୋକ ସେମାନଙ୍କ ବିଦ୍ୟୁତ୍ ବିଲ୍ ପଇଠ କରିନାହାନ୍ତି। ଏହା ଦ୍ୱାରା ଦେଶକୁ ୧ ବିଲିୟନ ଡଲାରର କ୍ଷତି ହୋଇଛି।

ସୂଚନାଯୋଗ୍ୟ, ଗତବର୍ଷ ସେନା ବିଦ୍ରୋହ କରି ଗଣତନ୍ତ୍ର ନେତ୍ରୀ ସୁ ଚୀଙ୍କୁ ବନ୍ଦୀ କରିଥିଲା। ଏହାକୁ ବିରୋଧ କରି ମ୍ୟାନ୍ମାର ସୈନ୍ୟ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ପ୍ରାୟ ଦେଢ଼ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୨୦୦ ଜଣଙ୍କୁ ବନ୍ଦୀ ଅବସ୍ଥାରେ ଅତ୍ୟାଚାର କରାଯାଇ ହତ୍ୟା କରାଯାଇଥିଲା। ୮୫ ଯୁବ ଆନ୍ଦୋଳନକାରୀଙ୍କୁ ସିଧାସଳଖ ଗୁଳି କରିଦିଆଯାଇଥିଲା। ଦୀର୍ଘଦିନ ଧରି ବିକ୍ଷୋଭ ଜାରି ରହିବାରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକେ ସେମାନଙ୍କ ଜୀବିକା ହରାଇଛନ୍ତି। ଅନେକ ଭୟରେ ଦେଶ ଛାଡ଼ି ପଳାୟନ କରିଛନ୍ତି।

## ସଂକ୍ଷେପରେ

### ଲତା ମଙ୍ଗେସ୍କର ଗୁରୁତର



### ଦେଖା କରିବାକୁ ମନାକଲେ ଡାକ୍ତର

**ମୁମ୍ବାଇ, ୧୬।୧:** କରୋନାରେ ଆକ୍ରାନ୍ତ ହୋଇ ମୁମ୍ବାଇର ଏକ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି ହୋଇଥିବା ଭାରତର କୋକିଳକଣ୍ଠି ଗାୟିକା ଲତା ମଙ୍ଗେସ୍କରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଭାରତ ରତ୍ନପ୍ରାପ୍ତ ଏହି ୯୨ ବର୍ଷୀୟା ଗାୟିକା ନିମୋନିଆର ଶିକାର ହୋଇଥିବାରୁ ତାଙ୍କ ଆରୋଗ୍ୟ କାମନା କରି ପ୍ରାର୍ଥନା କରିବାକୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଏଥିସହ ତାଙ୍କୁ ଦେଖାକରିବା ପାଇଁ କାହାରିକୁ ଅନୁମତି ଦିଆଯାଉନାହିଁ। ଲତା ମଙ୍ଗେସକରଙ୍କୁ ଆଉ କିଛି ଦିନ ଆଇସିୟୁରେ ରଖାଯିବ ବୋଲି ଚିକିତ୍ସା କରୁଥିବା ଡାକ୍ତର ପ୍ରତିତ ସାମଦାନୀ ଶନିବାର କହିଥିଲେ। ତାଙ୍କ ଆଶୁ ଆରୋଗ୍ୟ କାମନା କରି ଘରେ ପୂଜାର୍ଚ୍ଚନା ଚାଲିଥିବା ଭଉଣୀ ଆଶା ଭୋଁସ୍ଲେ କହିଛନ୍ତି।

### ୧୨୫ କୋଟି ଠକିଥିବା ବିଏସ୍ଏଫ୍ ଅଧିକାରୀ ଗିରଫ

**ନୂଆଦିଲ୍ଲୀ, ୧୬।୧ (ଆଇଏଏନ୍ଏସ୍):** ନିର୍ମାଣ କାର୍ଯ୍ୟ ଠିକା ଦେବାର ପ୍ରଲୋଭନ ଦେଖାଇ ଅନେକ ଲୋକଙ୍କଠାରୁ ୧୨୫ କୋଟି ଟଙ୍କା ଠକିନେଇଥିବା ବିଏସ୍ଏଫ୍ ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଯାଦବଙ୍କୁ ଗୁରୁଗ୍ରାମ ପୋଲିସ ଗିରଫ କରିଛି। ହରିୟାଣାର ଏହି ଅଫିସରଙ୍କ ଘରୁ ନଗଦ ୧୪ କୋଟି ଟଙ୍କା, ୧ କୋଟି ଟଙ୍କା ମୂଲ୍ୟର ଅଳଙ୍କାର ଓ ୭ଟି ଲକ୍ଜୁରୀ କାର ମିଳିଛି। ପ୍ରବୀଣ ଗୁରୁଗ୍ରାମ ଜିଲାର ମାନେସାରଠାରେ ଏନ୍ଏସ୍ଜି ମୁଖ୍ୟାଳୟରେ ପୋଷ୍ଟିଂ ହୋଇଥିଲେ। ସେ ନିଜକୁ ଆଇପିଏସ୍ ଅଫିସର ଦର୍ଶାଇ ଲୋକଙ୍କୁ ଠକିଛନ୍ତି। ତାଙ୍କ ସ୍ତ୍ରୀ, ଭଉଣୀ ଓ ଜଣେ ସହଯୋଗୀଙ୍କୁ ମଧ ପୋଲିସ ଗିରଫ କରିଛି। ଏନ୍ଏସ୍ଜି ନାମରେ ଏକ ଜାଲ୍ ଆକାଉଣ୍ଟ ଖୋଲି ସେ ଏହି ଅର୍ଥକୁ ଉକ୍ତ ଆକାଉଣ୍ଟକୁ ଟ୍ରାନ୍ସଫର କରାଉଥିଲେ।

### ଜେଲ ଗଲେ ଯତି ନରସିଂହାନନ୍ଦ

**ଡେରାଡୁନ୍, ୧୬।୧:** ଗତ ଡିସେମ୍ବରରେ ହରିଦ୍ୱାରଠାରେ ଆୟୋଜିତ ଧର୍ମ ସଂସଦରେ ମୁସଲମାନଙ୍କୁ ଗଣହତ୍ୟା ପାଇଁ ଆହ୍ୱାନ ଦେଇଥିବା ଧର୍ମୀୟ ନେତା ଯତି ନରସିଂହାନନ୍ଦଙ୍କୁ ହରିଦ୍ୱାରର ଏକ ଅଦାଲତ ରବିବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ତାଙ୍କ ବିରୋଧରେ ଆଇପିସିର ଧାରା ୨୯୫(ଏ) ଏବଂ ୫୦୯ରେ ମାମଲା ରୁଜୁ ହୋଇଛି। ଗାଜିଆବାଦ ଦସନା ମନ୍ଦିରର ମୁଖ୍ୟ ପୂଜକ ନରସିଂହାନନ୍ଦ ଏବେ ରୋଶନାବାଦ ଜେଲ୍ରେ ରହିବେ। ଶନିବାର ରାତିରେ ପୋଲିସ ତାଙ୍କୁ ଗଙ୍ଗାର ସର୍ବାନନ୍ଦ ଘାଟରୁ ଗିରଫ କରିଥିଲା। ଘୃଣିତ ମନ୍ତବ୍ୟ ପାଇଁ ପୂର୍ବରୁ ଜିତେନ୍ଦ୍ର ନାରାୟଣ ତ୍ୟାଗୀ ଓରଫ ୱାସିମ ରିଜ୍ଭିଙ୍କୁ ଗିରଫ କରାଯାଇଥିଲା।



## ଆଜିଠୁ ଡବ୍ଲ୍ୟୁଇଏଫ୍ ସମିଟ୍

# ମୋଦି, ଜିନ୍ପିଙ୍ଗ ଉଦ୍ବୋଧନ ଦେବେ

**ନୂଆଦିଲ୍ଲୀ, ୧୬।୧**

ବିଶ୍ୱ ଅର୍ଥନୀତି ଫୋରମ୍ (ଡବ୍ଲ୍ୟୁଇଏଫ୍)ର ୫ ଦିନିଆ ଅନ୍ଲାଇନ ସମିଟ୍ ସୋମବାରଠାରୁ ସୁଇଜରଲାଣ୍ଡର ଡାଭୋସ୍ ସହରରେ ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍ପିଙ୍ଗ 'ବିଶ୍ୱ ସ୍ଥିତି' ସମ୍ପର୍କରେ ସ୍ୱତନ୍ତ୍ର ଉଦ୍ବୋଧନ ଦେବେ। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅନ୍ଲାଇନ ସମ୍ମିଳନୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍, ଜାପାନ ପ୍ରଧାନମନ୍ତ୍ରୀ କିଶିଡ଼ା ଫୁମିଓ, ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଆ ଭନ୍ ଡେର୍ ଲେୟେନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ, ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନାଫଟାଲି ବେନେଟଙ୍କ ପ୍ରମୁଖ ଉଦ୍ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଉଦ୍ୟୋଗ ନେତୃବୃନ୍ଦ, ଅନ୍ତର୍ଜାତୀୟ ସଂଗଠନ ଓ ସିଭିଲ୍ ସୋସାଇଟି ଯୋଗଦେଇ ବିଶ୍ୱ ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜ ଓ ଏଥିରୁ କିପରି ମୁକ୍ତି ମିଳିବ, ତାହା ଉପରେ ଆଲୋଚନା କରିବେ।

# ଅଲଓ୍ୱର ବଳାତ୍କାର ମାମଲାର ତଦନ୍ତ କରିବ ସିବିଆଇ

**ଜୟପୁର, ୧୬।୧**

ବହୁଚର୍ଚ୍ଚିତ ଅଲଓ୍ୱର ବଳାତ୍କାର ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବା ଲାଗି ରାଜସ୍ଥାନ ସରକାର ରବିବାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସି ଏହି ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ରାଜସ୍ଥାନର ଅଲଓ୍ୱର ଅନ୍ତର୍ଗତ ତିଜାରା ଫ୍ଲାଏଓଭର ତଳେ ମଙ୍ଗଳବାର ରାତିରେ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଦୁର୍ବୃତ୍ତମାନେ ତାଙ୍କୁ ବଳାତ୍କାର କରି ଓଭରବ୍ରିଜ୍ରୁ ତଳକୁ ଫିଙ୍ଗିଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଜୟପୁରର ଜେକେ ଲୋନ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପୀଡ଼ିତାଙ୍କ ଗୁପ୍ତାଙ୍ଗରେ କୌଣସି ଧାରୁଆ ବସ୍ତୁ ଭର୍ତ୍ତି କରାଯାଇଥିବାରୁ ସେ ଗୁରୁତର ହୋଇଥିବା ଡାକ୍ତର କହିଛନ୍ତି।

# ପାକିସ୍ତାନୀ ବନ୍ଦୀଙ୍କ ମୁକ୍ତି ପାଇଁ ୪ ପଣବନ୍ଦୀ

**ୱାଶିଂଟନ୍, ୧୬।୧**

ଜଣେ ପାକିସ୍ତାନୀ ଆତଙ୍କବାଦୀଙ୍କୁ ମୁକ୍ତ କରାଯିବା ଦାବିରେ ଆମେରିକାର ଟେକ୍ସାସ୍ ସ୍ଥିତ କୋଲେଭିଲ୍ଲେରେ ଇହୁଦୀମାନଙ୍କ ପ୍ରାର୍ଥନା ସ୍ଥଳୀ(ସିନେଗଗ୍)ରେ ଜଣେ ବ୍ୟକ୍ତି ଶନିବାର ୪ ଜଣଙ୍କ ମୁଣ୍ଡ ଜାମିନ ରଖିଥିଲେ। ପ୍ରାୟ ୧୦ ଘଣ୍ଟାର ଅପରେଶନ ପରେ ବନ୍ଧକ ଥିବା ସମ୍ପୃକ୍ତ ୪ ଜଣଙ୍କୁ ସୁରକ୍ଷିତ ଭାବେ ମୁକ୍ତ କରାଯାଇଛି। ଏଥିସହ ସୁରକ୍ଷାକର୍ମୀଙ୍କ ଗୁଳିରେ ବନ୍ଧୁକଧାରୀ ନିହତ ହୋଇଛନ୍ତି।

ପାକିସ୍ତାନୀ ବୈଜ୍ଞାନିକ ଆଫିୟା ସିଦ୍ଦିକିଙ୍କୁ ଆମେରିକାର ଜଣେ ସେନା ଅଧିକାରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଟେକ୍ସାସ୍ ଜେଲରେ ରଖାଯାଇଛି। ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ସହ ସିଦ୍ଦିକିଙ୍କ ସମ୍ପର୍କ ରହିଛି। ଆଫିୟା ମାସାଚୁସେଟ୍ସ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ସ୍ନାୟୁ ବିଜ୍ଞାନରେ ପିଏଚ୍ଡି କରିଛନ୍ତି। ୨୦୦୩ରେ ଜଣେ ଆତଙ୍କବାଦୀ ଖଲିଦ୍ ଶେଖ୍ ମହମ୍ମଦ ଆଫିୟାଙ୍କ ବିଷୟରେ ଆମେରିକାର ତଦନ୍ତକାରୀ ସଂସ୍ଥା ଏଫ୍ବିଆଇକୁ ସୂଚନା ଦେଇଥିଲେ। ଏହା ଆଧାରରେ ଆଫିୟାଙ୍କୁ ଆଫଗାନିସ୍ତାନରୁ ଗିରଫ କରାଯାଇଥିଲା। ସେଠାରେ ବଗ୍ରାମ୍ ଜେଲରେ ଜଣେ ଏଫ୍ବିଆଇ ଅଧିକାରୀଙ୍କୁ ସେ ହତ୍ୟା ଉଦ୍ୟମ କରିଥିଲେ। ଫଳରେ ତାଙ୍କୁ ସେଠାରୁ ଆମେରିକା ଅଣାଯାଇଥିଲା।


ଆଫିୟା ସିଦ୍ଦିକି

### ସୁରକ୍ଷାକର୍ମୀଙ୍କ ଗୁଳିରେ ବନ୍ଧୁକଧାରୀ ନିହତ

## ଭାଜପା ସହ ମେଣ୍ଟ ଚୂଡ଼ାନ୍ତ

# ୧୫ ଆସନରେ ଲଢ଼ିବ ନିଶାଦ ପାର୍ଟି

**ଲକ୍ଷ୍ନୌ, ୧୬।୧ (ପି.ଟି.)**

ଉତ୍ତରପ୍ରଦେଶରେ ଭାଜପା ସହ ନିଶାଦ ପାର୍ଟିର ନିର୍ବାଚନୀ ମେଣ୍ଟ ଚୂଡ଼ାନ୍ତ ହୋଇଛି। ସହଯୋଗୀ ଦଳ ୧୫ଟି ଆସନରେ ଲଢ଼ିବ ବୋଲି ଏହାର ଅଧ୍ୟକ୍ଷ ସଞ୍ଜୟ ନିଶାଦ ରବିବାର ସୂଚନା ଦେଇଛନ୍ତି। ସୋମବାର ନିଶାଦ ଦିଲ୍ଲୀରେ ଅମିତ୍ ଶାହାଙ୍କ ସମେତ ଅନ୍ୟ ବରିଷ୍ଠ ଭାଜପା ନେତାମାନଙ୍କୁ ଭେଟି ନିର୍ବାଚନ ମଣ୍ଡଳୀ ତାଲିକା ଚୂଡ଼ାନ୍ତ କରିବେ ବୋଲି କହିଛନ୍ତି। ନିଶାଦ ପାର୍ଟିକୁ ମୁଖ୍ୟତଃ ୟୁପିର ପୂର୍ବାଞ୍ଚଳରେ ଅଧିକ ଆସନ ମିଳିବାକୁ ଥିବାବେଳେ ଓ ପଶ୍ଚିମାଞ୍ଚଳରୁ କିଛି ଆସନ ମିଳିପାରେ ବୋଲି ଏହାର ନେତା ସୂଚନା ଦେଇଛନ୍ତି। ସମୀକରଣ ବଦଳିଥିବାରୁ ସେମାନେ କେତେକ ଆସନ ବଦଳାଇବାକୁ ଚାହୁଁଛନ୍ତି। ଆସନ ନୁହେଁ ଜିତିବା ଉପରେ ଆମେ ଅଧିକ ଗୁରୁତ୍ୱ ଦେଉଛୁ ବୋଲି ନିଶାଦ କହିଛନ୍ତି।

# ଆଖି ବୁଜିଲା 'ସୁପର ମମ୍'

**ଭୋପାଳ, ୧୬।୧**



କୋଲାରଓ୍ୱାଲି ଭାବେ ଜଣାଶୁଣା ଏକ ବାଘୁଣୀର ମଧ୍ୟପ୍ରଦେଶ ପେଞ୍ଚ ବ୍ୟାଘ୍ର ସଂରକ୍ଷଣ(ପିଟିଆର୍) ରେ ଶନିବାର ମୃତ୍ୟୁ ହୋଇଛି। ଏହାର ବୟସ ପ୍ରାୟ ୧୬ ବର୍ଷରୁ ଊର୍ଦ୍ଧ୍ୱ ହେବ। ବୟସାଧିକ୍ୟ ଯୋଗୁ ଏହାର ମୃତ୍ୟୁ ଘଟିଥିବା ଜଣାଯାଇଛି। ବାଘୁଣୀଟି ମୋଟ ୨୯ ଛୁଆଙ୍କୁ ଜନ୍ମ ଦେଇଥିଲା। ଏ ନେଇ ମଧ୍ୟପ୍ରଦେଶ ମନ୍ତ୍ରୀ ଡ. ନରୋତ୍ତମ ମିଶ୍ର ଟୁଇଟ୍ କରିଛନ୍ତି। ମଧ୍ୟପ୍ରଦେଶକୁ ବ୍ୟାଘ୍ର ସଂରକ୍ଷଣରେ ଏକ ସ୍ୱତନ୍ତ୍ର ପରିଚୟ ମିଳିବା ପଛରେ ଏହି 'ସୁପର ମମ୍'ର ବେଶ୍ ଅବଦାନ ରହିଛି। ଏହାର ମୃତ୍ୟୁ ଦୁଃଖଦାୟକ ବୋଲି ସେ ଲେଖିଛନ୍ତି। ଏହି ବାଘୁଣୀର ଅଫିସିଆଲ ନାମ ଟି-୧୫ ରହିଥିବାବେଳେ ତାକୁ କୋଲାରଓ୍ୱାଲି ବୋଲି ଡକାଯାଉଥିଲା।

# ପଞ୍ଜାବ ନିର୍ବାଚନ ଘୁଞ୍ଚାଇବା ପାଇଁ ଇସିଙ୍କୁ ନିବେଦନ

**ଚଣ୍ଡିଗଡ଼, ୧୬।୧:** ଗୁରୁ ରବିଦାସଙ୍କ ଜୟନ୍ତୀ ଫେବୃୟାରୀ ୧୬ରେ ପଡ଼ୁଥିବାରୁ ପଞ୍ଜାବରେ ଥିବା ତାଙ୍କର ଲକ୍ଷାଧିକ ଭକ୍ତ ଉତ୍ସବ ପାଳନ ଲାଗି ବାରାଣସୀ ଯିବେ। ଫଳରେ ଫେବୃୟାରୀ ୧୪ରେ ହେବାକୁ ଥିବା ନିର୍ବାଚନରେ ସେମାନେ ମତଦାନ କରିବାରୁ ବଞ୍ଚିତ ହୋଇପାରନ୍ତି। ସେଥିପାଇଁ ନିର୍ବାଚନକୁ କିଛିଦିନ ଘୁଞ୍ଚାଇବା ଲାଗି ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଭାରତର ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଏବେ ପଞ୍ଜାବ ଭାଜପା ପକ୍ଷରୁ ନିର୍ବାଚନ ସ୍ଥଗିତ ରଖିବା ଲାଗି ଇସିଙ୍କୁ ପତ୍ର ଲେଖାଯାଇଛି। ଫେବୃୟାରୀ ୧୮ ପରେ ନିର୍ବାଚନ କରାଇବାକୁ ଭାଜପା ପକ୍ଷରୁ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସୋମ୍ ପ୍ରକାଶ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କୁ ପତ୍ର ଲେଖିଛନ୍ତି। ପଞ୍ଜାବ ଲୋକ କଂଗ୍ରେସ ମଧ ନିର୍ବାଚନ ଘୁଞ୍ଚାଇବା ପ୍ରସ୍ତାବକୁ ସମର୍ଥନ ଜଣାଇଛି। ଗୁରୁ ରବିଦାସଙ୍କର ପଞ୍ଜାବରେ ୨୦ ଲକ୍ଷ ଅନୁସୂଚିତ ଜାତି ଭକ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଫେବୃୟାରୀ ୧୦ରୁ ୧୬ ମଧ୍ୟରେ ବାରାଣସୀ ଯିବେ। ତେଣୁ ନିର୍ବାଚନକୁ ଅନ୍ତତଃ ୬ ଦିନ ଘୁଞ୍ଚାଇବା ଲାଗି ଶନିବାର ଚନ୍ନି ସିଇସିଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଇତିମଧ୍ୟରେ ଭାଜପାର ସହଯୋଗୀ ଶିରୋମଣି ଅକାଳୀ ଦଳ (ସଂଯୁକ୍ତ)ର ଅଧ୍ୟକ୍ଷ ସୁଖଦେବ ସିଂ ଧିଣ୍ଡସା ମଧ ନିର୍ବାଚନ ସ୍ଥଗିତ ରଖିବାକୁ ଇସିଙ୍କୁ ପତ୍ର ଲେଖିଛନ୍ତି।

### ଚନ୍ନିଙ୍କ ପରେ ଭାଜପା ପତ୍ର ଲେଖିଲା

# ବର୍ଷକରେ ୧୫୬.୭୬ କୋଟି ଡୋଜ୍

**ନୂଆଦିଲ୍ଲୀ, ୧୬।୧ (ପି.ଟି.)**

ଦେଶବ୍ୟାପୀ କୋଭିଡ୍-୧୯ ଟିକାକରଣ ରବିବାର ବର୍ଷେ ପୂରଣ କରିଛି। ଏହି ସମୟ ମଧ୍ୟରେ ମୋଟ ୧୫୬.୭୬ କୋଟି ଡୋଜ୍ ଟିକା ଦିଆଯାଇଛି। ଦେଶର ସାବାଳକ ଜନସଂଖ୍ୟାରୁ ୯୩ ପ୍ରତିଶତରୁ ଊର୍ଦ୍ଧ୍ୱ ଟିକାର ପ୍ରଥମ ଡୋଜ୍ ନେଇଥିବାବେଳେ ୬୯.୮ ପ୍ରତିଶତ ଉଭୟ ଡୋଜ୍ ନେଇଛନ୍ତି। ଏହି ଅବସରରେ ଏକ ସ୍ମାରକୀ ଡାକ ଟିକେଟ ଉନ୍ମୋଚନ କରାଯାଇଛି। ମହାମାରୀ ବିରୋଧୀ ଲଢ଼େଇରେ ଟିକା ବହୁତ ବଳ ଯୋଗାଇଛି। ଏହା ଜୀବନ ବଞ୍ଚାଇବା ସହ ଜୀବିକା ସୁରକ୍ଷିତ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଭାରତରେ ୨୦୨୧ ଜାନୁୟାରୀ ୧୬ରେ କୋଭିଡ୍ ମହାମାରୀ ବିରୋଧରେ ଟିକାକରଣ ଆରମ୍ଭ ହୋଇଥିଲା। ଏପ୍ରିଲ ୧ ସୁଦ୍ଧା ୧୦ କୋଟି ଡୋଜ୍ ଟିକା ଦିଆଯାଇଥିଲା। ଜୁନ୍ ୨୫ରେ ଏହି ସଂଖ୍ୟା ୨୫ କୋଟିରେ ପହଞ୍ଚିଥିବା ବେଳେ ଅଗଷ୍ଟ ୬ରେ ୫୦ କୋଟି ଏବଂ ସେପ୍ଟେମ୍ବର ୧୩ରେ ୭୫ କୋଟି ଡୋଜ୍ ଅତିକ୍ରମ କରିଥିଲା। ୨୭୫ ଦିନରେ ଅକ୍ଟୋବର ୨୧ରେ ଦେଶରେ କୋଭିଡ୍ ଟିକାକରଣ ୧୦୦ କୋଟି ଡୋଜ୍ ପାର୍ କରି ରେକର୍ଡ ସୃଷ୍ଟି କରିଥିଲା। ୨୦୨୨ ଜାନୁୟାରୀ ୭ରେ ଟିକାକରଣ ୧୫୦ କୋଟି ଡୋଜ୍ ଅତିକ୍ରମ କରିଛି। ଚଳିତ ମାସ ୩ ତାରିଖରୁ ୧୫ରୁ ୧୮ ବର୍ଷ ବୟସ ବର୍ଗର ପିଲାମାନଙ୍କୁ ଟିକାକରଣ ଆରମ୍ଭ ହୋଇଛି।



### କୋଭିଡ୍ ଟିକାକରଣକୁ ବର୍ଷେ

## ଦିନକରେ ୧,୭୦୨ ଓମିକ୍ରନ୍ ମାମଲା

ଭାରତରେ ଗୋଟିଏ ଦିନରେ ୨,୭୧,୧୦୧ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଓମିକ୍ରନ୍ ମାମଲା ସଂଖ୍ୟା ୭,୭୪୩ ରହିଛି। ଗୋଟିଏ ଦିନରେ ୧,୭୦୨ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ଯାହାକି ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଦୈନିକ ସଂକ୍ରମଣ। ଦେଶରେ ସକ୍ରିୟ ମାମଲା ସଂଖ୍ୟା ୧୫,୫୦,୩୭୭ରେ ପହଞ୍ଚିଛି, ଯାହା ଗତ ୨୨୫ ଦିନ ମଧ୍ୟରେ ସର୍ବାଧିକ। ୨୪ ଘଣ୍ଟା ମଧ୍ୟରେ ୩୧୪ ଜଣଙ୍କ ମୃତ୍ୟୁକୁ ମିଶାଇ ଦେଶରେ ମହାମାରୀଜନିତ ମୋଟ ମୃତ୍ୟୁସଂଖ୍ୟା ୪,୮୬,୦୬୬ରେ ପହଞ୍ଚିଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୭୪,୮୬,୦୮୪ | ୫୫,୫୫,୮୨୮ | ୨୬,୬୮,୯୨,୩୬୫ |
| ଭାରତ | ୩,୭୧,୨୨,୧୬୪ | ୪,୮୬,୦୯୪ | ୩,୫୦,୮୫,୭୨୧ |
| ଓଡ଼ିଶା | ୧୧,୩୩,୯୧୨ | ୮୪୮୧(+୫୩) | ୧୦,୬୦,୦୬୭ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୨୨ପଞ୍ଚାୟତରେ ଆଦିବାସୀ ସଂଘର ବିକ୍ଷୋଭ

**ମୁରିବାହାଲ,୧୬।୧(ଡି.ଏନ.ଏ):** ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବ୍ଲକ ଅଧକ୍ଷ, ସରପଞ୍ଚ ପଦବୀ ପାଇଁ ଆଦିବାସୀ ସଂରକ୍ଷଣ ନ ମିଳିବାର ପ୍ରତିବାଦ କରିଛି ଆଦିବାସୀ କଲ୍ୟାଣ ସଂଘ। ମୁରିବାହାଲ ବ୍ଲକର ୨୨ପଞ୍ଚାୟତ ଅଫିସରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ ଆଦିବାସୀ କଲ୍ୟାଣ ସଂଘ କର୍ମକର୍ତ୍ତାମାନେ ପଞ୍ଚାୟତ ଅଫିସ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ରବିବାର ବ୍ଲକର ୧୭ ପଞ୍ଚାୟତ ଅଫିସ ସମ୍ମୁଖରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ବିକ୍ଷୋଭ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ଚେତାବନୀ ଦେଇଛି। ସଂଘ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର, ବ୍ଲକ ସମ୍ପାଦକ ଭୁବନ ମାଝୀ, ପୂର୍ଣ୍ଣ ମଝି, ପଥରଙ୍ଗୀ ମାଝି, ମିନିକେତନ ପ୍ରଧାନୀ, ପ୍ରଥରାମ ଭୋଇ, ତେଯେରୀ ମାଝୀ, ହରି ମାଝ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

### ଅରବିନ୍ଦ ଲାଲ ଓକିଲ ସଂଘ ସଭାପତି ମନୋନୀତ

**ଟିଟିଲାଗଡ଼,୧୬।୧(ଡି.ଏନ୍.ଏ.):** ଟିଟିଲାଗଡ଼ ଓକିଲ ସଂଘ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଅରବିନ୍ଦ ଲାଲ ମହୋତୋ ମନୋନୀତ ହୋଇଛନ୍ତି। ପ୍ରଭାସ ଚନ୍ଦ୍ର ବହିଦାରଙ୍କ ମୃତ୍ୟୁ ପରେ ଏହି ପଦ ଖାଲି ପଡ଼ିଥିଲା। ସଂଘର ସମସ୍ତ ସଭ୍ୟାସଭ୍ୟଙ୍କ ସହମତିରେ ମହୋତୋଙ୍କୁ ମନୋନୀତ କରାଯାଇଥିବା ସାଧାରଣ ସମ୍ପାଦକ ମହେଶ ମହାନ୍ତି ସୂଚନା ଦେଇଛନ୍ତି।

### ଓଡ଼ିଶା ମୋଟର ଚାଳକ ସଂଘ ଜୁନାଗଡ ଶାଖାର ବୈଠକ

**ଜୁନାଗଡ,୧୬।୧(ଡି.ଏନ.ଏ.):** ଜୁନାଗଡ ସହର ନିକଟ ଇନ୍ଦ୍ରାବତୀ କଲୋନୀଠାରେ ରବିବାର ଓଡିଶା ମୋଟର ଚାଳକ ସଂଘ ଜୁନାଗଡ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସମସ୍ତ ସଦସ୍ୟ ପଞ୍ଜୀକରଣ କରିବା ସହ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଥିଲା। ପରେ ସଂଘ ପରିଚାଳନା ପାଇଁ ଜୁନାଗଡ ଶାଖାର ଏକ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ସତ୍ୟ ନାରାୟଣ ବିଶି, ଉପସଭାପତି ଦେବେନ୍ଦ୍ର ଗହୀର, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଗହୀର, ଯୁଗ୍ମ ସମ୍ପାଦକ ଧରଣୀଧର ବିଶି, ସୁରେଶ ନାଏକ, କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ବିଶି ପ୍ରମୁଖ ମନୋନୀତ ହୋଇଥିଲେ।

### ଭାଜପାର ମଣ୍ଡଳସ୍ତରୀୟ କର୍ମୀ ଚୟନ ବୈଠକ

**ବୋଡେନ,୧୬।୧(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବ୍ଲକ ବିନପୁର ଗ୍ରାମ ଗୋଷ୍ଠୀ ଗୃହଠାରେ ଭାଜପା ପକ୍ଷରୁ ପାତଲଗଙ୍ଗା ମଣ୍ଡଳସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ପାଇଁ କର୍ମୀ ଚୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଗୌରିଶଙ୍କର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ଖଡିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାଳଖମ ନାଗ, ଅନ୍ତରାମ ନାଏକ, ଘନଶ୍ୟାମ ମାଝି, ଅନୁର ମାଝି, ଦିନେଶ ମାଝି ପ୍ରମୁଖ ଯୋଗଦେଇ ପଞ୍ଚାୟତ ନିର୍ବାଚନରେ ଭାଜପାର କର୍ମୀ ସଙ୍ଗଠନକୁ ମଜଭୁତ କରିବା ଓ ଆଗାମୀ ନିର୍ବାଚନରେ ୧୧ ନଂ. ଜୋନରେ ସଂରକ୍ଷଣ ମହିଳା ପ୍ରାର୍ଥୀ ହୋଇଥିବା ବେଳେ ଦକ୍ଷତା ଏବଂ ଯୋଗ୍ୟତା ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ମତପ୍ରକାଶ ପାଇଛି। ଆଗାମୀ ଦିନରେ ଅଞ୍ଚଳର ସମସ୍ୟ ସାଧାନ ପାଇଁ ଆଲୋଚନା କରାଯାଇଥିଲା।

### ସଂଘ ମାଧମରେ ସରକାରଙ୍କୁ ଦାବି ଉପସ୍ଥାପନ କରାଯିବ

**ଦେଓଗାଁ,୧୬।୧(ଡି.ଏନ.ଏ.):** ଦେଓଗାଁ ବ୍ଲକ ସାମ୍ବାଦିକ ସଂଘର ବାର୍ଷିକ ବୈଠକ ପର୍ଯ୍ୟଟନସ୍ଥଳୀ ଭୀମପାହାଡରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଖବରକାଗଜ ବିତରକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସଂଘ ମାଧମରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଏମ୍‌ପି ପ୍ରତିନିଧି ଅମିତ ସିଂନିନା, ବ୍ଲକ ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ବୁଦ୍ଧଦେବା ପରୁଆ, ରାମଚନ୍ଦ୍ର ଶତପଥୀ, କୃଷ୍ଣପ୍ରସାଦ ପାଣିଗ୍ରାହୀ, ଶରତ କୁମାର ପୁଟେଲ ପ୍ରମୁଖ ଯୋଗଦେଇଥିଲେ।

# ସପ୍ତାହ ହେଲା ମଣ୍ଡିରୁ ଉଠୁନି ଧାନ

**ଜୁନାଗଡ,୧୬।୧(ଡି.ଏନ.ଏ.)**

**ନୂଆଗୁଡା ମଣ୍ଡି**

■ପ୍ରକୃତି ପରେ ଏବେ ଦାଉସାଧୁଛି ମିଲର୍ସ

■ଶୀତ କାକରରେ ପଡ଼ିରହିଛନ୍ତି ଚାଷୀ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଗତ ୪ଦିନ ଧରି ଲଗାଣ ବର୍ଷା ଯୋଗୁ ମଣ୍ଡିଗୁଡିକର ଅବସ୍ଥା ବେହାଲ ହୋଇଥିବା ଦେଖିବାକୁ ମିଳୁଛି। ଧାନ ବିକ୍ରି ଆଶାରେ ମଣ୍ଡିରେ ପଡିରହିଥିବା ଚାଷୀମାନେ ବର୍ଷାରେ ପ୍ରଭାବିତ ହୋଇଛନ୍ତି। ରବିବାର ସାମାନ୍ୟ ଖରା ହେବା ପରେ ଚାଷୀମାନେ ଧାନ ଉଠିବ ବୋଲି ଆଶା କରିଥିବାବେଳେ ମିଲର୍ସ ଆସି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରଥମେ ପ୍ରକୃତି ଓ ପରେ ମିଲର୍ସ ଚାଷୀଙ୍କ ପାଇଁ ଦାଉସାଧୁଥିବାରୁ ଧାନ ଉଠାଣ ହେଇ ପାରୁ ନ ଥିବା ଚାଷୀମାନେ କ୍ଷୋଭର ସହ ପ୍ରକାଶ କରନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପ୍ୟାକ୍ସ ଅନ୍ତର୍ଗତ ନୂଆଗୁଡା ମଣ୍ଡିରେ। ଏଠାରେ


ନୂଆଗୁଡା ମଣ୍ଡିରେ ଚାଷୀମାନେ ଧାନ ବିକ୍ରି ଅପେକ୍ଷାରେ ଅଛନ୍ତି।

ଗତ ସପ୍ତାହରୁ ଊର୍ଦ୍ଧ୍ୱ ହେଲା ଚାଷୀମାନେ ଧାନ ବିକ୍ରି କରି ନ ପାରି ହାଡଭଙ୍ଗା ଶୀତ କାକର, ବର୍ଷାରେ ପଡିରହିଛନ୍ତି। ଏପରିକି ବର୍ଷା ସମୟରେ ଧାନ ଘୋଡାଇବା ପାଇଁ ଚାଷୀଙ୍କୁ ସ୍ଥାନୀୟ ପ୍ୟାକ୍ସ କିମ୍ବା ଆର୍‌ଏମ୍‌ସି ପକ୍ଷରୁ ତାରପୋଲିନ ମଧ ଦିଆଯାଇ ନ ଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ସପ୍ତାହର ଶନିବାର ଓ ରବିବାର ୨ ଦିନ ନୂଆଗୁଡାରେ ମଣ୍ଡି ଚାଲୁଥିବା ବେଳେ ଏହି ୨ଦିନ ଯାକ ମିଲର୍ସ ଆସି ନ ଥିବାରୁ ଧାନ ଉଠି ପାରିନାହିଁ। ବର୍ତ୍ତମାନ ଏଠାରେ ୮ ଓ ୯ ତାରିଖ ଟୋକନର ୧୩ଜଣ ଚାଷୀଙ୍କ ପ୍ରାୟ ୮ଶହ କୁଇଣ୍ଟାଲ ଧାନ ମଣ୍ଡିରେ ପଡିଥିବା ଜଣାପଡିଛି। ଶୀଘ୍ର ମଣ୍ଡିରେ ପଡିଥିବା ଧାନକୁ ଉଠାଣ କରିବା ପାଇଁ ସ୍ଥାନୀୟ ଚାଷୀମାନେ ପ୍ରଶାସନଠାରେ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ଧାନ କ୍ରୟ ଅଧିକାରୀ ବସନ୍ତ ମେହେରଙ୍କୁ ପଚାରିବାରୁ ମିଲର୍ସ ଆସୁ ନ ଥିବାରୁ ଧାନ ଉଠାଣ ହୋଇ ପାରୁ ନ ଥିବା ପ୍ରକାଶ କରିଥିଲେ। ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକ ଦେବଧର ଧରୁଆଙ୍କୁ ପଚାରିବାରୁ ମିଲର୍ସ ସହିତ ଯୋଗାଯୋଗ କରୁଛି ବୋଲି କହିଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନାର ଦ୍ୱାରସ୍ଥ


ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନାକୁ ଆସିଥିବା ମୃତକଙ୍କ ପରିବାର ଓ ଗ୍ରାମବାସୀ।

**ଲୋଇସିଂହା,୧୬।୧(ଡି.ଏନ.ଏ)**

**ଦିଲୀପ ପାଣ୍ଡେ ହତ୍ୟା ଘଟଣା**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରମୁଣ୍ଡା ଗାଁର ଦିଲୀପ ପାଣ୍ଡେ(୨୯)ଙ୍କୁ ପୂର୍ବଶତ୍ରୁତାରୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ସୁକାନ୍ତି ପାଣ୍ଡେ ଅଭିଯୋଗ କରିଛନ୍ତି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ରବିବାର ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୁକାନ୍ତିଙ୍କ ଅଭିଯୋଗ ମୁତାବକ, ଗତ ଗୁରୁବାର ଅପରାହ୍ନ ୧ଟାରେ ଦିଲୀପ ଘରେ ଥିବାବେଳେ ଗ୍ରାମର ଦୁର୍ଯ୍ୟୋଧନ ବାରିକ ଓ ଟୁନା ଉଟି ତାଙ୍କୁ ଡାକି କୁଆଡେ ନେଇ ଯାଇଥିଲେ। ହେଲେ ସନ୍ଧ୍ୟାରେ ଟୁନା ଘରକୁ ଆସି ଦୁର୍ଘଟଣାରେ ଦିଲୀପ ଗୁରୁତର ହୋଇଥିବା କହିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଲା ପରେ ଦିଲୀପ ରକ୍ତବାନ୍ତି କରୁଥିବା ଦେଖିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଲୋଇସିଂହା ଡାକ୍ତରଖାନ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଇତିମଧ୍ୟରେ ଘଟଣାକୁ ୩ ଦିନ ବିତି ଯାଇଥିଲେ ବି ପୋଲିସ ଏହା ଉପରୁ ପରଦା ହଟାଉ ନାହିଁ। ସେ ଅଭିଯୋଗ କରିଛନ୍ତି ଯେ, ମାସକ ପୂର୍ବରୁ ଦୁର୍ଯ୍ୟୋଧନ ବାରିକଙ୍କ ସହ ଦିଲୀପଙ୍କର କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଏହି କାରଣରୁ ଦୁର୍ଯ୍ୟୋଧନ ଓ ଟୁନା ମିଶି ଏହି ହତ୍ୟାକାଣ୍ଡ ଭିଆଇଥିବା ସୁକାନ୍ତି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଅନୁଯାଇ ପୋଲିସ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତଙ୍କ ଗିରଫ ଦାବିରେ ମୃତକଙ୍କ ପରିବାର ଏବଂ ଗ୍ରାମବାସୀ ଆଇଆଇସି ସଂଗ୍ରାମ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ହେଲେ ସନ୍ତୋଷଜନକ ଉତ୍ତର ନ ପାଇ ସେମାନେ ଏସ୍‌ପିଙ୍କୁ ସାକ୍ଷାତ ପାଇଁ ଯାଇଥିଲେ। ହେଲେ ଏସ୍‌ପିଙ୍କ ଭେଟ ନ ପାଇ ସେମାନେ ନିରାଶ ହୋଇ ଫେରିଥିବା କହିଛନ୍ତି।

# ମମିତା ହତ୍ୟାକାଣ୍ଡ, ଚାଷୀ ସମସ୍ୟା ହେବ ମୁଖ୍ୟ ପ୍ରସଙ୍ଗ

**କଂଗ୍ରେସର ପଞ୍ଚାୟତ ନିର୍ବାଚନୀ ପ୍ରସ୍ତୁତି**


କଂଗ୍ରେସ ପ୍ରସ୍ତୁତି ବୈଠକରେ ବଧାୟକ ନରସିଂହ ମିଶ୍ର ଓ ଅନ୍ୟମାନେ।

**ବଲାଙ୍ଗୀର ଅଫିସ,୧୬।୧**

କଂଗ୍ରେସ ପକ୍ଷରୁ ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ସଜବାଜ ଆରମ୍ଭ ହୋଇଯାଇଛି। ଛତାମଖନାଠାରେ ରବିବାର ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଯୋଗଦେଇ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଦଳୀୟ କର୍ମୀମାନଙ୍କୁ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ରଣନୀତି ଓ ପ୍ରତିପକ୍ଷଙ୍କୁ ଉଚିତ୍ ଜବାବ ଦେବାର ମନ୍ତ୍ର ଦେଇଥିଲେ। ମମିତା ମେହେର ହତ୍ୟାକାଣ୍ଡ, ନାରୀ ନିର୍ଯାତନା, ବ୍ଲକ୍ ସ୍ତରରେ ଦୁର୍ନୀତି ଏବଂ ଚାଷୀ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରି ସରକାରଙ୍କୁ ଘେରିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ଦୋଷ ଦୁର୍ବଳତାକୁ ନେଇ ଗାଁକୁ ଗାଁ, ଘରକୁ ଘର ପହଞ୍ଚାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମୁଖା ଖୋଲି ଦେବାକୁ କହିଥିଲେ। ସଦର ବ୍ଲକ କଂଗ୍ରେସ କମିଟି ସଭାପତି ରାମପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ଗାଁକୁ କାମ ଦେବା ନାଁରେ ଏହି ସରକାର ଓ ତାଙ୍କ ଦଳର କର୍ମୀମାନେ ଦୁର୍ନୀତିରେ ଲିପ୍ତ ରହିଛନ୍ତି। ମାକୁ ସମ୍ମାନ ଦେବା କଥା କହୁଥିବା ସରକାର ମମିତା ହତ୍ୟାକାଣ୍ଡରେ ସମ୍ପୃକ୍ତ ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛି। ଚାଷୀ ନିଜସ୍ୱ ଅମଳ ଫସଲର ଠିକ୍ ମୂଲ୍ୟ ପାଉନାହିଁ। ପଛୁଆ ବର୍ଗ ତଥା ଆଦିବାସୀଙ୍କୁ ନିର୍ବାଚନୀ ସଂରକ୍ଷଣରୁ ବାଦ ଦେଇ ତାଙ୍କର ସମ୍ବିଧାନିକ ଅଧିକାରକୁ ହନନ କରିଛି। ଏହି ସବୁ ଚିତ୍ର ଓ ପ୍ରସଙ୍ଗକୁ ଦଳର କର୍ମୀମାନେ ଲୋକଙ୍କ ପାଖରେ ଉପସ୍ଥାପନ କରି ସମର୍ଥନ ଲୋଡିଲେ କଂଗ୍ରେସ ଦଳ ନିଶ୍ଚିତ ଭାବେ ବିଜୟୀ ହେବ ବୋଲି କହିଥିଲେ। ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର ନେତା ଓ କର୍ମୀମାନଙ୍କ ମଧ୍ୟରେ ଏକତା ରଖି ନିର୍ବାଚନୀ ଯୋଜନାକୁ ଠିକ ଭାବରେ କାର୍ଯ୍ୟକାରୀ କରିପାରିଲେ ନିଶ୍ଚୟ ସଫଳତା ଲାଭ କରିବା ବୋଲି କହିଥିଲେ। ବୈଠକରେ ସରପଞ୍ଚ, ସମିତି ସଭ୍ୟ ତଥା ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ଉଭୟ ଜୋନର ଜିଲା ପରିଷଦ ପ୍ରାର୍ଥୀ ଚୟନକୁ ନେଇ ବିଭିନ୍ନ ପ୍ରସ୍ତାବ ଆସିଥିଲା। ଜୋନ ୨୨ରେ ଜିଲା ପରିଷଦ ପ୍ରାର୍ଥୀ ଭାବେ ଯୋଶବନ୍ତୀ ବଘାର ଓ ଜୋନ ୨୩ର ନୀଳାଦ୍ରୀ ସେଠଙ୍କ ନାମକୁ ନେଇ ଉପସ୍ଥିତ ନେତା ତଥା କର୍ମୀମାନେ ସମ୍ମତି ପ୍ରକାଶ କରିଥିବା ଜଣାପଡିଛି। ଏହି ବୈଠକରେ ଡିସିସି ସଭ୍ୟ ରାଧାକାନ୍ତ ଭୋଇ, ବିଧାୟକ ବ୍ଲକ ପ୍ରତିନିଧି କିଶୋର ସିଂ ନିନା, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ପ୍ରଧାନ, ସଦର ବ୍ଲକ ଉପାଧକ୍ଷା ଯୋଶବନ୍ତୀ ବଘାର, ଲୋକନାଥ କୁମୁରା, ଶ୍ରୀଧର ବାରିକ, ବିଜ୍ଞାନେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ।

# ବିଜୟୱାଡା ଷ୍ଟେଶନରେ ଟଳି ପଡ଼ିଲେ ଦାଦନ ଶ୍ରମିକ


ଘାସୀରାମଙ୍କ ଫାଇଲ ଫଟୋ ।

**ଲୋଇସିଂହା,୧୬।୧(ଡି.ଏନ.ଏ)**

ସରୁନି ଦାଦନ ଦୁଃଖ। ଘରକୁ ଫେରୁଥିବାବେଳେ ବିଜୟୱାଡା ଷ୍ଟେଶନରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଙ୍ଗରିପାଲି ଗ୍ରାମର ଦାଦନ ଶ୍ରମିକ ଘାସୀରାମ ବାଗ(୫୨)ଙ୍କ ମୃତ୍ୟୁ ଘଟିଛି। ଶନିବାର ଗାଁରେ ମୃତଦେହ ପହଞ୍ଚିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। କୁଟାସିଂହା ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗରିପାଲି ଗାଁ ହରିଜନ ବସ୍ତିର ଘାସୀରାମ ଏବଂ ତାଙ୍କ ପୁଅ ସରୋଜ(୨୩) ୬ମାସ ତଳେ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଉଭୟେ କାମ କରୁଥିଲେ। ସେଠାରେ ସରୋଜ ଅସୁସ୍ଥ ହୋଇ ପଡିବା ପରେ ସେମାନେ ଗାଁକୁ ଫେରୁଥିଲେ। ଜାନୁୟାରୀ ୧୪ରେ ବିଜୟୱାଡା ଷ୍ଟେଶନରେ ସେମାନେ ଟ୍ରେନ ଅପେକ୍ଷାରେ ଥିଲେ। ଏହି ସମୟରେ ଘାସୀରାମ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଡାକ୍ତରଖାନା ଯିବା ପୂର୍ବରୁ ସେହିଠାରେ ହିଁ ସେ ଆଖିବୁଜି ଦେଇଥିଲେ। ପାଖରେ ଟଙ୍କା ନ ଥିବାରୁ ବାପାଙ୍କ ମୃତଦେହ କିପରି ଗାଁକୁ ଆଣିବେ ଚିନ୍ତିତ ହୋଇ ପଡିଥିଲେ ସରୋଜ। ଘଟଣା ସଂକ୍ରାନ୍ତରେ ଗାଁକୁ ଫୋନ କରି ଜଣାଇଥିଲେ। ପରେ ଏକ ଆମ୍ବୁଲାନ୍ସ ଭଡା କରି ମୃତଦେହକୁ ଗାଁକୁ ଆଣିଥିଲେ। ଗ୍ରାମବାସୀ ଚାନ୍ଦା କରି ଆମ୍ବୁଲାନ୍ସ ଭଡା ଦେଇଥିଲେ। ଘାସୀରାମଙ୍କ ମୃତ୍ୟୁ ପରେ ସ୍ତ୍ରୀ ଏବଂ ୪ ଝିଅପୁଅ ଅସହାୟ ହୋଇପଡିଛନ୍ତି। ପ୍ରଶାସନ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଦ୍ୟୁତ୍ ଟାୱାରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ


ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଯୁବକଙ୍କୁ ଟାୱାରରୁ ତଳକୁ ଓହ୍ଲାଉଛନ୍ତି।

**ନୂଆପଡ଼ା ଅଫିସ,୧୬।୧**

**୫ ଘଣ୍ଟା ପରେ ଉଦ୍ଧାର କଲେ ଅଗ୍ନିଶମ ବାହିନୀ**

ନୂଆପଡା ଜିଲା କୋମନା ବ୍ଲକ ଜଟଗଡ ପଞ୍ଚାୟତର ସାହଜଟ ଗାଁରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଯୁବକ ବିଦ୍ୟୁତ୍ ଟାୱାର ଉପରେ ଚଢି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଦୀର୍ଘ ୫ ଘଣ୍ଟା ପରେ ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରିଛନ୍ତି। ଯୁବକ କିଛି କହୁ ନ ଥିବାରୁ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ବର୍ତ୍ତମାନ ସେ ସୁସ୍ଥ ଥିବା ଜଣାପଡିଛି। ରବିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଉକ୍ତ ଗାଁର ସନ୍ତୋଷ ଅହିର (୩୨) ଖଡିଆଳ-ଭେରାକୁ ଯାଇଥିବା ୧୩୨ କେଭି ବିଦ୍ୟୁତ୍ ଟାୱାର ଉପରକୁ ଚଢି ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିଲେ। ଗାଁର କେତେଜଣ ଲୋକ ଦେଖି ତାଙ୍କୁ ତଳକୁ ଓହ୍ଲାଇବା ପାଇଁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। କୋମନା ବିଦ୍ୟୁତ୍ ବିଭାଗକୁ ଫୋନ କରି ବିଦ୍ୟୁତ୍ କାଟିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ତରବୋଡ ପୋଲିସ କର୍ମଚାରୀ ଓ କୋମନା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଟାୱାର ଉପରକୁ ଚଢି ସମ୍ପୃକ୍ତ ଯୁବକଙ୍କୁ ୧୫୦ ଫୁଟ ଉପରୁ ତଳକୁ ଓହ୍ଲାଇଥିଲେ। ଦୀର୍ଘ ୫ ଘଣ୍ଟା ପରେ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ସମୟରେ ଅଗ୍ନିଶମ ବିଭାଗ ରାମାନନ୍ଦ ନାଏକ, ସୁରେନ୍ଦ୍ର ଭୋଇ, ସୌମ୍ୟରଞ୍ଜନ ଭୋଇ, ଗୌତମ କିଷାନ, ରବୀନ୍ଦ୍ର ବାଗ, ଡାକ୍ତର ନାଗ ପ୍ରମୁଖ ଅକ୍ଳାନ୍ତ ପରିଶ୍ରମ କରି ତଳକୁ ଓହ୍ଲାଇଥିଲେ।

# ବର୍ଷା ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

**ପଲମ,୧୬।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ସରିଆଁ ପଞ୍ଚାୟତସ୍ଥିତ ସରିଆଁ ଗ୍ରାମରେ ଭାରତ ସରକାରଙ୍କ କ୍ରିଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନର ମିଳିତ ସହଯୋଗରେ ବର୍ଷା ଜଳ ସଂରକ୍ଷଣ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତି ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ ଓ ମୁଖ୍ୟବକ୍ତା ଭାବେ ନର୍ଲା ଜୟଦୁର୍ଗା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ଏବଂ ସମ୍ମାନିତ ଅତିଥି ଭାବେ ୱାର୍ଡଭିଜନ ଇଣ୍ଡିଆର କର୍ମଚାରୀ ପ୍ରତିମା ତାଣ୍ଡି, ଜଗୁଲାଲ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଭୋଇ, କୈଳାସଚନ୍ଦ୍ର ଭୋଇ, ଶରତ ଚନ୍ଦ୍ର ଭୋଇ, ପ୍ରମୋଦ ଚନ୍ଦ୍ର ଭୋଇ, ଅନୁଷ୍ଠାନର ସଭାପତି ଦୁର୍ବାଦଳ ଭୋଇ ଯୋଗଦାନ ଦେଇଥିଲେ। ବର୍ଷା ଜଳକୁ କିପରି ସଂରକ୍ଷଣ କରାଯିବ ସେ ନେଇ ଯୁବକଯୁବତୀମାନଙ୍କୁ ଅତିଥିମାନେ ବୁଝାଇଥିଲେ। ପର୍ବତାରୋହୀ ଭୋଇ ଓ କରଙ୍କୁ ଭବାନିଶଙ୍କର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦକ ମିଳନ କୁମାର ଭୋଇ, ନର୍ଲା ବ୍ଲକ ସଦସ୍ୟ ସ୍ୱାଧୀନ କୁମାର ଭୋଇ, ସୌରଭ କୁମାର ଭୋଇ, ସାହିଲ ଭୋଇ, ମୋହିତ କୁମାର ଭୋଇ, ସଲିଲ ଡାକୁଆ, ପ୍ରବିଣ ସେଠି, ମଲ୍ଲିକା ସେଠି, ସସ୍ମିତା ଭୋଇ ପ୍ରମୁଖ ହଯୋଗ କରିଥିଲେ। କାର୍ଯ୍ୟକ୍ରମ ଗଙ୍ଗାନାରାୟଣ ଦାସ ପରିଚାଳନା କରିଥିଲେ।

# ପଥରରେ ଛେଚି ହତ୍ୟା କରିଥିଲେ ଯବାନ

**ବଲାଙ୍ଗୀର ଅଫିସ/ ଟିଟିଲାଗଡ, ୧୬।୧ (ଡି.ଏନ୍.ଏ.)**

**ଯୁବତୀ ମୃତଦେହ ଜବତ ଘଟଣାରୁ ପରଦା ହଟିଲା**

■ଯବାନ ଗିରଫ

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଶୁଣ୍ଠିମୁଣ୍ଡା ୟୁପି ସ୍କୁଲ ପରିସରରୁ ଯୁବତୀଙ୍କ ମୃତଦେହ ଜବତ ଘଟଣାର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ଯୁବତୀଙ୍କୁ ହତ୍ୟା କରିବା ପରେ ଫେରାର ହୋଇଥିବା ସୈନ୍ୟ ବାହିନୀର ଯବାନ ସନ୍ତୋଷ କୁମାର ସାହୁଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସନ୍ତୋଷଙ୍କ ଘର ଗଞ୍ଜାମ ଜିଲା ବ୍ରହ୍ମପୁରରେ।

ଗତ ଡିସେମ୍ବର ୧୦ରେ ଶୁଣ୍ଠିମୁଣ୍ଡା ୟୁପି ସ୍କୁଲର ପରିତ୍ୟକ୍ତ କୋଠରିରୁ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ହସ୍ପିଟାଲ ପଠାଇଥିଲା। ତଦନ୍ତରୁ ମୃତ ଯୁବତୀ ଜଣକ କଳାହାଣ୍ଡି ଜିଲା ଭବାନୀପାଟଣା ଶକ୍ତିନଗର ଅଞ୍ଚଳର ଦୁର୍ଗା ସାହୁଙ୍କ


ଗିରଫ ଯବାନ ସନ୍ତୋଷ କୁମାର ସାହୁ।


ମୃତ ସୋନୁଲତା ସାହୁଙ୍କ ଫାଇଲ ଫଟୋ।

ଝିଅ ସୋନୁଲତା (୨୫) ବୋଲି ଚିହ୍ନଟ କରାଯାଇଥିଲା। ପରିବାର ଲୋକେ ସୋନୁଲତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ। ସନ୍ତୋଷଙ୍କ ସହ ତାଙ୍କର ବିବାହ ଠିକ୍ ହେବା ଓ ପରବର୍ତ୍ତୀ ସମୟରେ ଏହା ଭାଙ୍ଗି ଯାଇଥିବା ଦିଗକୁ ସେମାନେ ଇସାରା କରିଥିଲେ। ଏଦିଗକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ପ୍ରେମ, ପ୍ରତାରଣା ଏବଂ ହତ୍ୟା ଘଟିଥିବା ସ୍ପଷ୍ଟ ହୋଇଥିଲା।

ମାଟ୍ରିମନିରୁ ଉଭୟ ସୋନୁଲତା ଓ ସନ୍ତୋଷ ପରସ୍ପରକୁ ଜାଣିଥିଲେ। ସେଠାରୁ ଉଭୟଙ୍କ ପରିବାର ଲୋକେ ସେମାନଙ୍କ ବିବାହ ପ୍ରସ୍ତାବରେ ରାଜିହୋଇ ଆଗକୁ ବଢ଼ିଥିଲେ। ତେବେ କିଛିଦିନ ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟି ଉକ୍ତ ବିବାହ ପ୍ରସ୍ତାବ ଭାଙ୍ଗି ଯାଇଥିଲା। ଏହି ଘଟଣା ପରେ ପରିବାର ଲୋକ ଅନ୍ୟତ୍ର ଝିଅ ଦେଖି ସନ୍ତୋଷଙ୍କ ବିବାହ କରିଦେବାକୁ ଉଦ୍ୟମ କରିଥିଲେ। ଏନେଇ ସୋନୁଲତା ଜାଣିବା ପରେ ସମ୍ପୃକ୍ତ ଝିଅ ଘରକୁ କୁଆଡେ ଫୋନ କରି ଓ ଫଟୋ ପଠାଇ ସେମାନଙ୍କ ସମ୍ପର୍କ ଓ ବିବାହ ପ୍ରସ୍ତାବ ବିଷୟରେ ଜଣାଇଥିଲେ। ଏହି ଘଟଣା ପରେ ସନ୍ତୋଷଙ୍କ ଉକ୍ତ ଝିଅ ସହ ବିବାହ ପ୍ରସ୍ତାବ ଭାଙ୍ଗିଯାଇଥିଲା। ଏହି ଘଟଣାକୁ ନେଇ ସନ୍ତୋଷ ରାଗି ଯାଇ ସୋନୁଲତାଙ୍କୁ ପାନେ ଦେବାକୁ ସ୍ଥିର କରିଥିଲେ। ତେଣୁ ଯୋଜନା କରି ସୋନୁଲତାଙ୍କ ସହ ପୁଣି ଥରେ ସମ୍ପର୍କ ଯୋଡି ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସନ୍ତୋଷଙ୍କ ଭିତିରି ଯୋଜନା ସମ୍ପର୍କରେ ସେ କିଛି ଜାଣିପାରି ନ ଥିଲେ। ଗତ ଡିସେମ୍ବର ପ୍ରଥମ ସପ୍ତାହରେ ସନ୍ତୋଷ ଭବାନୀପାଟଣା ଆସି ସୋନୁଲତାଙ୍କୁ ଭେଟିଥିଲେ। ଉଭୟେ ସିନ୍ଧେକେଲା ପଟକୁ ବୁଲିବାକୁ ଯାଇଥିଲେ। ବାଟରେ ବର୍ଷା ହେବାରୁ ସେମାନେ ଶୁଣ୍ଠିମୁଣ୍ଡା ୟୁପି ସ୍କୁଲ ପରିସରସ୍ଥ ପରିତ୍ୟକ୍ତ ଘରେ କିଛି ସମୟ ରହିଥିଲେ। ସେଠାରେ ବିଭିନ୍ନ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଉତ୍ତ୍ୟକ୍ତ ସନ୍ତୋଷ ଏକ ପଥରରେ ସୋନୁଲତାଙ୍କ ମୁଣ୍ଡକୁ ଛେଚି ହତ୍ୟାକରି ସେଠାରୁ ଫେରାର୍ ହୋଇଯାଇଥିଲେ। ସିନ୍ଧେକେଲା ପୋଲିସ ଘଟଣାର ତଦନ୍ତ କରି ପ୍ରାୟ ୧ ମାସ ପରେ ରାଜ୍ୟ ବାହାରୁ ସନ୍ତୋଷଙ୍କୁ ଗିରଫ କରିଥିଲା। ରବିବାର ଅଭିଯୁକ୍ତଙ୍କୁ ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସିକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସନ୍ତୋଷଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ ସୂଚନା ଦେଇଛନ୍ତି।

# ଗିରିଗୋବର୍ଦ୍ଧନ ଫୁଟବଲ: ଫାଇନାଲରେ ଜୁରାବନ୍ଧ

**ମୁରିବାହାଲ, ୧୬।୧(ଡ.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଝିକିଡୁଙ୍ଗରି ଖେଳ ପଡ଼ିଆରେ ଚାଲିଥିବା ଗିରିଗୋବର୍ଦ୍ଧନ ଫୁଟବଲ ଟୁର୍ନାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ ଜୁରାବନ୍ଧ ଓ କୁରସୁଡ଼ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ଫଳରେ ଟାଇବ୍ରେକରରେ ଜୁରାବନ୍ଧ ଦଳ ୩-୨ ଗୋଲରେ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଛି। ଆଜିର ଖେଳରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ଶ୍ରୀବତ୍ସ ବେହେରା, ସମ୍ମାନୀତ ଅତିଥି କ୍ରୀଡ଼ାବିତ କେଦାର ବଡ଼ଜେନା, ଗୋଇମୁଣ୍ଡ ପଞ୍ଚାୟତର ପୂବତନ ସରପଞ୍ଚ ତପି ସାହୁ, ହରେକୃଷ୍ଣ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୋମବାର ୨ୟ ସେମିଫାଇନାଲ ଖୋଲାନ ଓ ମଣିଗା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୭୪,୮୬,୦୮୪ | ୫୫,୫୫,୮୨୮ | ୨୬,୬୮,୯୨,୩୬୫ |
| ଭାରତ | ୩,୭୧,୨୨,୧୬୪ | ୪,୮୬,୦୯୪ | ୩,୫୦,୮୫,୭୨୧ |
| ଓଡ଼ିଶା | ୧୧,୩୩,୯୧୨ | ୮୪୮୧(+୫୩) | ୧୦,୬୦,୦୬୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଦୁଇ କଂଗ୍ରେସ ନେତା ଦଳରୁ ବହିଷ୍କୃତ

**ବୌଦ୍ଧ,୧୬।୧(ସ୍ୱ.ପ୍ର.):** ବୌଦ୍ଧ ଜିଲା କଂଗ୍ରେସ କମିଟିର ପୂର୍ବତନ ଜିଲା ସଭାପତି ସୁଧୀର ମହାକୁଡ ଓ କଣ୍ଟାମାଳ ବ୍ଲକ କଂଗ୍ରେସ ସଭାପତି ଧ୍ରୁବ ଚରଣ ପ୍ରଧାନଙ୍କୁ ଦଳରୁ ବହିଷ୍କାର କରାଯାଇଛି । ଏ ନେଇ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ପୂର୍ବତନ ଜିଲା ସଭାପତି ମହାକୁଡ ଓ କଣ୍ଟାମାଳ ବ୍ଲକ ସଭାପତି ପ୍ରଧାନ ଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଜିଲା କଂଗ୍ରେସ କମିଟି ତରଫରୁ ବିଭିନ୍ନ ସମୟରେ କରାଯାଇଥିବା କାର୍ଯ୍ୟକ୍ରମରେ ଯୋଗ ଦେଉ ନ ଥିଲେ କିମ୍ବା ସହଯୋଗ କରୁ ନ ଥିଲେ। ଉଭୟେ କଂଗ୍ରେସ ଦଳର ସାଙ୍ଗଠନିକ କ୍ଷତି ସାଧନ କରି ଆସୁଥିବା ଅଭିଯୋଗକୁ ଭିତ୍ତି କରି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ମହାକୁଡ ଓ ପ୍ରଧାନ ରବିବାର ଭୁବନେଶ୍ୱର ଠାରେ ବିଜୁ ଜନତା ଦଳରେ ସାମିଲ ହୋଇଥିବା ଜଣାପଡିଛି । ଏ ନେଇ ମହାକୁଡଙ୍କୁ ପଚାରିବାରେ ଦଳ ଆମକୁ ଅଣଦେଖା କରି ଆସୁଥିଲା । ଦଳରେ କାମ କରିବାର ସୁଯୋଗ ମିଳିଲା ନାହିଁ । ଲୋକଙ୍କ କାମ ପାଇଁ ଶାସଦ ଦଳରେ ଯୋଗ ଦେଇଛି। ଶାସକ ଦଳରେ ସାମିଲ ପୂର୍ବରୁ ମୋଇ ଇସ୍ତଫାପତ୍ର ରାଜ୍ୟ କଂଗ୍ରେସ କମିଟିର ସଭାପତିଙ୍କୁ ପଠାଇ ଦେଇଥିବା କହିଥିଲେ ।

### ବିଜେଡ଼ିରେ ଯୋଗଦେଲେ ଭାଜପାର ପୂର୍ବତନ ବିଧାୟକ ଲକ୍ଷ୍ମଣ ସୋରେନ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ସୋମବାର ଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ପ୍ରାର୍ଥୀ ଚୟନ ପ୍ରକ୍ରିୟା ଏଯାଏ ସବୁ ଦଳ ଶେଷ କରିପାରିନାହାନ୍ତି। ଏହାରି ଭିତରେ ଅନ୍ୟ ଦଳର ନେତାଙ୍କୁ ଆଣି ସାମିଲ କରିବା ପାଇଁ ସବୁ ରାଜନୈତିକ ଦଳ ଜୋରଦାର କରିଛନ୍ତି। ରବିବାର ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀର କଂଗ୍ରେସ ଜିଲା ସଭାପତି ସୁଧୀର ମହାକୁଡ ବିଜେଡିରେ ଯୋଗଦେଇଛନ୍ତି। ସେହିପରି ମୟୁରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ଲକ୍ଷ୍ମଣ ସୋରେନ ବିଜେଡିରେ ଯୋଗଦେଇଛନ୍ତି। ବିଧାୟକ ତଥା ବିଜେଡି ସାଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ଦୁଇ ନେତା ନିଜ ସମର୍ଥକମାନଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ପ୍ରଣବ ପ୍ରକାଶ ଉତ୍ତରୀୟ ଦେଇ ସମସ୍ତଙ୍କୁ ବିଜେଡିକୁ ସ୍ୱାଗତ କରିଛନ୍ତି।

### ଦୁର୍ଘଟଣାରେ ଯୁବତୀ ମୃତ

**ସୋହେଲା,୧୬।୧(ଡି.ଏନ.ଏ):** ବରଗଡ଼ ଜିଲା ସୋହେଲା ମସ୍‌ଜିଦ ନିକଟସ୍ଥ ରୋଡ୍ ଡିଭାଇଡରରେ ପିଟି ହୋଇଯିବାରୁ ରବିବାର ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ ଜଣକ ହେଲେ ଭବାନୀପାଟଣା ଜଗନ୍ନାଥପୁର ଗ୍ରାମର ସଂଯୁକ୍ତା ନାଗ। ସେ ଏକ ସ୍କୁଟିରେ ଆସୁଥିବାବେଳେ ରୋଡ୍ ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ପଛରେ ପୋଲିସ ଭ୍ୟାନ୍‌ରେ ଆସୁଥିବା ବରଗଡ଼ ଡିଏସ୍‌ପି ନିବେଦିତା ସୋରେନ, ସୋହେଲା ଥାନାଧିକାରୀ ହରିବନ୍ଧୁ ଗଡ଼ତିଆ ପ୍ରମୁଖ ଘଟଣାସ୍ଥଳରେ ଅଟକି ଆହତ ଯୁବତୀଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ପଞ୍ଚାୟତ ନିର୍ବାଚନ: ଗାଁରେ ନିର୍ବାଚନୀ ହାୱା

**ବୌଦ୍ଧ,୧୬।୧(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ବର୍ତ୍ତମାନ ଗାଁ ଗୁଡିକରେ ନିର୍ବାଚନୀ ବାତାବରଣ ସରଗରମ ରହିଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ବୌଦ୍ଧ ଜିଲାର ୩ ଗୋଟି ବ୍ଲକର ୬୯ ଗୋଟି ପଞ୍ଚାୟତରେ ନିର୍ବାଚନ ହେବ। ପଞ୍ଚାୟତ ନିର୍ବାଚନ ନେଇ ସୋମବାର ଠାରୁ ଆରମ୍ଭ ହେବାକୁ ଯାଉଛି ନାମାଙ୍କନ ପତ୍ର ଦାଖଲ। ବୌଦ୍ଧ ଜିଲାରେ ଆସନ୍ତା ଫେବୃୟାରୀ ୧୬, ୧୮ ଓ ୨୦ ତାରିଖରେ ତିନୋଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ହେବ। ଏହି ନିର୍ବାଚନରେ ଜିଲାରେ ୯ଟି ଜିଲା ପରିଷଦ ଜୋନ, ୬୯ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ୯୫୫ ୱାର୍ଡ ମେମ୍ବର ପାଇଁ ନିର୍ବାଚନ ହେବ । ଏଥିରେ ୩୧୦୫୧୭ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏଥିପାଇଁ ଗାଁଗୁଡିକରେ ପ୍ରାର୍ଥୀ ଖୋଜା ଆରମ୍ଭ ହୋଇଯାଇଛି। ଖାଲି ଯେ ସରପଞ୍ଚ ପ୍ରାର୍ଥୀ ନେଇ ଛକାପଞ୍ଝା ଆରମ୍ଭ ହୋଇଛି ତାହା ନୁହେଁ ସମିତି ସଭ୍ୟ ପ୍ରାର୍ଥୀ ନେଇ ବିଭିନ୍ନ ଦଳର ନେତାମାନେ ଲାଗି ପଡିଛନ୍ତି। ଜିଲାର ଦୁଇଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି । ଏଠାରେ ଶାସକ ଦଳର ବିଧାୟକ ଥିବା ବେଳେ ପଞ୍ଚାୟତ ନିର୍ବାଚନ ସେମାନଙ୍କ ପାଇଁ ଚାଲେଞ୍ଜ ହୋଇପଡିଛି। ଜିଲାରେ ୩ ଗୋଟି ବ୍ଲକର ଅଧ୍ୟକ୍ଷ ପଦ ଶାସକ ଦଳ ହାତରେ ଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷ ପଦ ଶାସକ ଦଳ ହାତରେ ରହିଅଛି। ଏବେ ଶାସକ ଦଳର ବିଧାୟକମାନେ ଯେପରି ସମସ୍ତ ଆସନ ନିଜ ଅକ୍ତିଆରରେ ରହିବ ସେ ନେଇ ଗୋଟିଚାଳନା ଆରମ୍ଭ କରି ଦେଇଛନ୍ତି। ଯେଉଁ ପଞ୍ଚାୟତରେ ବହୁ ଆଶାୟୀ ପ୍ରାର୍ଥୀ ଅଛନ୍ତି ସେଠାରେ ଘନ ଘନ ବୈଠକ କରି ସମାଧନ କରିବାରେ ଲାଗି ପଡିଛନ୍ତି। ସୋମବାର ଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେବାକୁ ଥିବା ବେଳେ ଏପର୍ଯ୍ୟନ୍ତ ଜିଲାର ୯ ଗୋଟି ଜିଲା ପରିଷଦ ଜୋନ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ନାମ ଘୋଷଣା କରିନାହାନ୍ତି । ବିଗତ ପାଞ୍ଚଟି ଜିଲା ପରିଷଦ ନିର୍ବାଚନରେ କେବଳ ବିଜୁ ଜନତା ଦଳ ଏକାକୀ ୪ ଥର ଅଧ୍ୟକ୍ଷ ଆସନ ହାତେଇବାରେ ସଫଳ ହୋଇଥିବା ବେଳେ ଥରେ ଜନତା ଦଳ ପ୍ରାର୍ଥୀ ଅଧ୍ୟକ୍ଷ ଆସନ ହାତେଇଛନ୍ତି । ଏଥର ମଧ୍ୟ ଶାସକ ଦଳ ଅଧ୍ୟକ୍ଷ ପଦ ହାତେଇବା ପାଇଁ ଲାଗି ପଡିଛନ୍ତି । ଜିଲାରେ ବିରୋଧୀ ଦଳଗୁଡିକ ନିଜର ରଣ କୌଶଳ ଆରମ୍ଭ କରିଥିବା ଦେଖିବାକୁ ମିଳିଛି।



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

# ଫୁଟବଲ: ସୋହେଲା ଚାମ୍ପିୟନ

**ସୋହେଲା,୧୬।୧(ଡି.ଏନ.ଏ)**

ବରଗଡ଼ ଜିଲା କେଣ୍ଡମୁଣ୍ଡି ୟୁନାଇଟେଡ୍ ଫୁଟବଲ କ୍ଲବ ଆନୁକୂଲ୍ୟରେ ୪୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ଖେଳାଳିଙ୍କୁ ନେଇ ରବିବାର ଏକ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେଣ୍ଡମୁଣ୍ଡି, କନଗାଁ, ସୋହେଲା, ଗର୍ଭନା ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲରେ ସୋହେଲା ଦଳ ପ୍ରତିପକ୍ଷ କେଣ୍ଡମୁଣ୍ଡିକୁ ୩–୦ଗୋଲରେ ହରାଇ ଚାମ୍ପିୟନ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା, ଯୁବନେତା ସତ୍ୟନାରାୟଣ ଦେବତା, ଅନିଲ ପ୍ରଧାନ ଅତିଥି ଭାବେ ଯୋଗଦାନ କରିଥିଲେ । ଚଉବର୍ଗ ପ୍ରଧାନ, ମହେଶ ଏବଂ ରୋଶନ ମ୍ୟାଚ୍ ପରିଚାଳନା କରିଥିଲେ। କେଣ୍ଡମୁଣ୍ଡି ୟୁନାଇଟେଡ ଫୁଟବଲ କ୍ଲବର ଛାଲ ଜୁଆଡ଼ି, କୃଷ୍ଣଚନ୍ଦ୍ର ଦେବତା, ବିରେନ୍ଦ୍ର ନାଏକ, ରାଷ୍ଟ୍ରପତି ପ୍ରଧାନ, ପ୍ରମୋଦ ବାଗ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଘଟଣାର ରହସ୍ୟ ଉନ୍ମୋଚନ ହୋଇନି

## ଗୌତମ ନିଖୋଜର ୧୩ ଦିନ ବିତିଲା

**ସୋନପୁର,୧୬।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ଭୋଇପାଲି ଗ୍ରାମର ଗୌତମ ଭୋଇ ଗତ ୧୩ ଦିନ ହେବ ନିଖୋଜ ଅଛନ୍ତି। ୩ତାରିଖରେ ନନ୍ଦନମାଲ ଜଙ୍ଗଲକୁ ଯାଇ ସେ ଆଉ ଘରକୁ ଫେରି ନାହାନ୍ତି। ଗୌତମଙ୍କ ଜ୍ୱାଇଁ ମୟୁରଉଡାନ ପଞ୍ଚାୟତ କଇଁଫୁଲ ଗ୍ରାମର ଚୈତନ୍ୟ ମହାକୁର ସୋନପୁର ଥାନାରେ ଗୌତମ ନିଖୋଜ ଥିବା ସମ୍ପର୍କରେ ରିପୋର୍ଟ କରିଛନ୍ତି। ତେବେ ନିଖୋଜର ପ୍ରକୃତ ରହସ୍ୟ ଉନ୍ମୋଚନ କରିବାରେ ପୋଲିସ ଏ ଯାଏ ସଫଳ ହୋଇନି।

ବାର୍‌ହା ଶିକାର ପାଇଁ କଳାପଥର ପଞ୍ଚାୟତ ଭୋଇପାଲି ଗ୍ରାମର ବୀର ଭୋଇ ଓ ଗୌତମ ଭୋଇଙ୍କ ସମେତ କେତେକ ନିକଟସ୍ଥ ମହାନଦୀ କୂଳ ନନ୍ଦନମାଲ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ତାର ଟାଣି ବାର୍‌ହା ଶିକାର ପାଇଁ ବୀର ଓ ଗୌତମଙ୍କ ସମେତ ଅନ୍ୟମାନେ ଉଦ୍ୟମ କରିଥିଲେ। ବିଛା ଯାଇଥିବା ତାରକୁ ୧୧କେଭି ବିଦ୍ୟୁତ୍ ତାର ସହିତ ସଂଯୋଗ କରାଯାଇଥିଲା । ଏହି ସମୟରେ ବାର୍‌ହା ବଦଳରେ ବୀର ଓ ଗୌତମ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିବା ଅଭିଯୋଗ ହୋଇଛି। ବୀରଙ୍କୁ ଗୁରୁତର ଅବସ୍ଥାରେ ସେତେବେଳେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷେ ଗୌତମଙ୍କର କୌଣସି ପତ୍ତା ମିଳୁନି। ଘଟଣା ଜଣାପଡିବା ପରେ ସୋନପୁର ପୋଲିସ ଏସ୍‌ଡିପିଓ ପୁଷ୍ପାଞ୍ଜଳୀ ନିଙ୍ଗି ଓ ଆଇଆଇସି ନିରଞ୍ଜନ ଦାସ ଉକ୍ତ ଗ୍ରାମକୁ ଯାଇଥିଲେ। ତେବେ ପୋଲିସ ଟିମକୁ ଦେଖି ଭୋଇପାଲି ଗାଁ ପୁରୁଷଶୂନ୍ୟ ହୋଇଯାଇଥିଲା। ଗାଁର ମହିଳାମାନେ ବୀର ଓ ଗୌତମଙ୍କ ସମ୍ପର୍କରେ କିଛି ବି ସୂଚନା ଦେଇ ନଥିଲେ। ଏପରିକି ବୀର କେଉଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ତାହା କହି ନଥିଲେ। ତେଣୁ ପୋଲିସ ତଦନ୍ତକୁ ଆଗକୁ ବଢାଇ ପାରିନି। ଥାନାରେ ଜ୍ୱାଇଁ ଚୈତନ୍ୟଙ୍କ ଅଭିଯୋଗ ଅନୁଯାୟୀ ଗୌତମ ଓ ବୀର ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ବୀର ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଗୌତମଙ୍କ ପତ୍ତା ମିଳୁନି ବୋଲି ସେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ବାର୍‌ହା ଶିକାର ସମୟରେ ଏଭଳି ଘଟଣା ଘଟିଥିବା ଓ ଗୌତମଙ୍କୁ ଜଙ୍ଗଲରେ ପୋତି ଦିଆଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସୋନପୁର ଆଇଆଇସି ନିରଞ୍ଜନ ଦାସ କୁହନ୍ତି, ଗ୍ରାମବାସୀ ଏହି ଘଟଣାରେ ସହଯୋଗ କରୁନାହାନ୍ତି। ବୀରଙ୍କୁ ଠାବ କରା ଯାଇ ପାରିଲେ ହିଁ ଗୌତମଙ୍କ ସମ୍ପର୍କରେ ଜଣାପଡିବ।

## ଟ୍ରକ୍‌ରେ ପିଟି ହେଲା ବାଇକ୍, ୨ ମୃତ

**ସୋନପୁର,୧୬।୧(ନି.ପ୍ର.)**

ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସୋନପୁର ସହର ପଥେଇ ଠାକୁରାଣୀ ଛକ ନିକଟରେ ରବିବାର ରାତି ପ୍ରାୟ ସାଢେ ୮ଟାରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋନପୁର ଥାନା କଳାପଥର ଝିଙ୍କି ଟିକିରା ଛକର ଭୀମ ମୁଣ୍ଡା(୨୬) ଓ ସାଗର ମୁଣ୍ଡା(୨୯)। ସ୍ଥାନୀୟ ଢାବା ସମ୍ମୁଖ ରାସ୍ତା ପାର୍ଶ୍ୱରେ ଏକ ଟ୍ରକ୍ ଛିଡା ହୋଇଥିଲା। ଭୀମ ଓ ସାଗର ଏକ ବାଇକ୍ (ନଂ.ଓଡି୩୧–୭୧୧୩)ରେ ଦ୍ରୁତଗତିରେ ଆସି ଟ୍ରକ ପଛ ପଟରେ ପିଟି ହୋଇଯାଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ତୁରନ୍ତ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷିତ କରିଥିଲେ।

## ୨୩୮ ନୂତନ ପଜିଟିଭ୍ ଚିହ୍ନଟ

**ସୋନପୁର,୧୬।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ କରୋନା ସଂକ୍ରମଣର ତୃତୀୟ ଲହର ନିଜର କାୟାବିସ୍ତାର କରି ଚାଲିଛି। ଗାଁ ଠୁ ସହର ଲୋକେ ସଂକ୍ରମିତ ହେବାରେ ଲାଗିଛନ୍ତି। ଜିଲାରେ ଦୈନିକ ସଂକ୍ରମଣ ଦ୍ୱିଶତକ ଟପିବା ଚିନ୍ତାର ବିଷୟ ପାଲଟିଛି। ରବିବାର ଜିଲାରେ ୨୩୮ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କୁ ନିଜ ଘରେ ସଂଗରୋଧରେ ରହିବାକୁ କୁହାଯାଇଛି। କିନ୍ତୁ କିଛି ସଂକ୍ରମିତ ମାସ୍କ ନ ପିନ୍ଧି ବାହାରେ ବୁଲାବୁଲି କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଅଦିନିଆ ବର୍ଷା ଓ କୋହଲା ପାଗ ଯୋଗୁଁ ସଂକ୍ରମଣ ବଢିଥିବା କୁହାଯାଉଛି। ପ୍ରତି ପରିବାରରେ କାହାକୁ ନାଁ କାହାକୁ ଜ୍ୱର ଓ ଥଣ୍ଡା ହୋଇଥିବା ଦେଖିବାକୁ ମିଳୁଛି। ଲୋକେ ଡାକ୍ତରଙ୍କ ପରାମର୍ଶ ନ ନେଇ ମନ ଇଛା ଔଷଧ କିଣି ଖାଉଛନ୍ତି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଷ୍ଟାଫନର୍ସ, କର୍ମଚାରୀ, ଡ୍ରାଇଭର ଓ ସୁରକ୍ଷା କର୍ମୀ ସଂକ୍ରମିତ ହେବା ପରେ ସୋନପୁର ଥାନାର ୫ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସୋମବାରଠାରୁ ପଞ୍ଚାୟତ ନିର୍ବାଚନ ସକାଶେ ମନୋନୟନ ପତ୍ର ଦାଖଲ ଆରମ୍ଭ ହେଉ ଥିବାରୁ ଗ୍ରାମାଞ୍ଚଳରେ ସଂକ୍ରମଣ ବଢିବା ସମ୍ଭାବନା ସୃଷ୍ଟି ହୋଇଛି।

# ମରୁଡ଼ି ଘୋଷଣା ନ ହେଲେ ଆନ୍ଦୋଳନ



ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିବା କୋଶଳ ସେନା ସଦସ୍ୟବୃନ୍ଦ।

## ଜିଲାପାଳଙ୍କୁ କୋଶଳ ସେନା ଦେଲା ସ୍ମାରକପତ୍ର

**ବରଗଡ଼ ଅଫିସ୍,୧୬।୧**

ବରଗଡ଼ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିଫ ଫସଲ ପ୍ରଭାବିତ ହୋଇଛି। ଜିଲାର ପଦ୍ମପୁର ଉପଖଣ୍ଡ ସମେତ ଅନ୍ୟ ଅଣଜଳସେଚିତ ଅଞ୍ଚଳରେ ଫସଲ ଅଧିକ କ୍ଷତିଗ୍ରସ୍ତ ହୋଇଛି। ମାତ୍ର ଏପର୍ଯ୍ୟନ୍ତ ଜିଲାକୁ ମରୁଡ଼ି ଘୋଷଣା କରାଯାଇନାହିଁ। ଫଳରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ମରୁଡ଼ି ସହାୟତା ଦିବାସ୍ୱପ୍ନ ହୋଇ ପଡ଼ିଛି। ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଛି। ଏହି କ୍ରମରେ ଶନିବାର ବରଗଡ଼ର କୋଶଳ ସେନା ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମରୁଡ଼ି ଘୋଷଣା କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

ଗୋଟିଏ ପଟେ ମରୁଡ଼ି ଏବଂ ଅନ୍ୟପଟେ ଧାନ ଅମଳବେଳେ ବର୍ଷା ସାଙ୍ଗକୁ କରାମାଡ଼ ଚାଷୀଙ୍କ ଜୀବନକୁ ବିପନ୍ନ କରିଛି। ସେହିପରି ମହାମାରୀ କରୋନା ସଂକ୍ରମଣ ସହିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥା ଦେଖାଦେଇଛି। ଏହାସତ୍ତ୍ୱେ ମରୁଡ଼ି ଘୋଷଣା ନେଇ ସରକାରଙ୍କ ନୀରବତା ଦୁର୍ଭାଗ୍ୟଜନକ ବୋଲି କୋଶଳ ସେନା ଅଭିଯୋଗ କରିଛି। ତୁରନ୍ତ ମରୁଡ଼ି ଘୋଷଣା ସହିତ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ରୋହନ ପ୍ରଧାନ, ସୁଦର୍ଶନ ହାତୀ, ହିମାଂଶୁ ସାହୁ, ଚନ୍ଦନ ବାରିକ, ଅନନ୍ତ ଭୁଏ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ରେଳପଥ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ

**ବାଉଁଶୁଣୀ,୧୬।୧(ଡି.ଏନ.ଏ.)**

ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ କାମ ବର୍ତ୍ତମାନ ଦ୍ରୁତଗତିରେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲାର କେତେକ ସ୍ଥାନରେ ପ୍ରକଳ୍ପ କାମ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ପାଇଁ ବ୍ୟାପକ ମେଟାଲ ଓ ଚିପ୍ସର ଆବଶ୍ୟକତା ପଡୁଥିବାରୁ ଜିଲା ତଥା ଜିଲା ବାହାରର ଅନେକ କ୍ରସର ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛନ୍ତି। ତେବେ ଆବଶ୍ୟକ ଅଧିକ ରହୁଥିବାରୁ ନିମ୍ନମାନର ମେଟାଲ ଓ ଚିପ୍ସ ରେଳ ପ୍ରକଳ୍ପ କାମରେ ବ୍ୟବହାର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଅପରପକ୍ଷରେ ରେଳବିଭାଗ ଅଧିକାରୀମାନେ ଏହାକୁ ଅସ୍ୱୀକାର କରିବା ସହ ପରୀକ୍ଷାଗାରରେ ଟେଷ୍ଟିଂ କରାଯାଇ ସାମଗ୍ରୀ ବ୍ୟବହାର ହେଉଥିବା ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମନମୁଣ୍ଡାଠାରୁ ବୌଦ୍ଧ ପର୍ଯ୍ୟନ୍ତ ଯେଉଁ ରେଳପ୍ରକଳ୍ପ କାର୍ଯ୍ୟ ଚାଲିଛି ଏଥିରେ ଟେଷ୍ଟିଂ ସାମଗ୍ରୀ ଅଳ୍ପ ବ୍ୟବହାର ହେଉଥିବା ବେଳେ ନିମ୍ନମାନର ମେଟାଲ ଓ ଚିପ୍ସ ଅଧିକ ବ୍ୟବହାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ଜିଲାବାସୀଙ୍କ ବହୁଦିନର ସ୍ୱପ୍ନ ହୋଇଥିବା ବେଳେ ଏହାର ସ୍ଥାୟୀତ୍ୱ ପାଇଁ ପ୍ରକଳ୍ପ କାର୍ଯ୍ୟର ମାନ ଠିକ୍ ରହିବା ଦରକାର। ଏହି ପରିପ୍ରେକ୍ଷୀରେ ଦକ୍ଷିଣପୂର୍ବ ରେଳପଥର ଡେପୁଟି ଚିଫ୍ ଇଞ୍ଜିନିୟର ଏ କ୍ଷେତ୍ରରେ କୌଣସି ତ୍ରୁଟିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଛନ୍ତି। ତେବେ ଅଭିଯୋଗର ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ବୌଦ୍ଧ ଜିଲା ଦେଇ ପ୍ରାୟ ୧୧୦କିଲୋମିଟର ରେଳପଥ ଯିବାର ଅଛି।

# ରକ୍ତରଞ୍ଜିତ ହେଲା ମାଁ ରଏବାରିଏନ ପୀଠ

**ଜାମଟିକ୍ରା,୧୬।୧(ଡି.ଏନ.ଏ)**

ଧର୍ମୀୟ ଭାବନା ଓ ବିଶ୍ୱାସର ପ୍ରତୀକ ମାଁ ରଏବାରିଏନଙ୍କ ଯାତ୍ରା ରବିବାର ସମାରୋହରେ ପାଳିତ ହୋଇଛି। ପରମ୍ପରା ଅନୁଯାୟୀ ନିଜର ମନୋକାମନା ପୂରଣ ପାଇଁ ରକ୍ତରଞ୍ଜିତ ହୋଇଛି ଅତାବିରା ବ୍ଲକ ଝିଲିମିଣ୍ଡାର ଏହି ଦେବୀପୀଠ। ଶନିବାର ମଧ୍ୟରାତ୍ରିରେ ରୀତିନୀତି ଅନୁସାରେ ମା'ଙ୍କୁ ପୂଜା କରାଯିବା ପରେ ବୋଦା ଓ କୁକୁଡ଼ା ବଳି ଦିଆଯାଇଥିଲା। ଏଥର ସମୁଦାୟ ୫୦୦ କୁକୁଡା ଓ ୨୧୭ ବୋଦା ବଳି ଦିଆଯାଇଥିଲା। ଯାତ୍ରା କମିଟିର ଓଁକାର ବାବୁ, ଯାଦବ ଭୋଇ, ପ୍ରକାଶ ପଧାନ, ସଞ୍ଜୀବ ତ୍ରିପାଠୀ, ଟିକେଶ୍ୱର ପଧାନ, ତରଣୀ ପଧାନ, ଅସିତ ମହାପାତ୍ର, ସନାତନ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଦ୍ୱିତୀୟ ଶୁଳିଆ ଭାବେ ଏହି ଯାତ୍ରା ପ୍ରସିଦ୍ଧି ଲାଭ କରିଛି।

# କୋଭିଡ୍ କଟକଣାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଲ୍ଲଂଘନ

**ଝାରସୁଗୁଡା ଅଫିସ୍,୧୬।୧**



ଆଦିବାସୀଙ୍କ ପର୍ବରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନୃତ୍ୟ।

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ନିର୍ବାଚନ କମିଶନ କୋଭିଡ୍ କଟକଣା ପାଳନ କରି ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ୍ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଶତାଧିକ ଲୋକଙ୍କ ଗହଣରେ ଯୋଗଦେଇ ଜିଲାର ବିଭିନ୍ନ ଦଳୀୟ ନିର୍ବାଚନ କାର୍ଯ୍ୟକ୍ରମ ଓ ପୂଜା ଉତ୍ସବରେ ନାଚୁଥିବା ଦେଖିବାକୁ ମିଳୁଛି। ଜିଲାରେ ସ୍ୱାସ୍ଥ୍ୟମନ୍ତ୍ରୀ କୋଭିଡ୍ କଟକଣାକୁ ଉଲ୍ଲଂଘନ କରିଚାଲିଛନ୍ତି।

ଗତ ୩ଦିନ ହେଲାଣି ଜିଲାର ଲଖନପୁର ବ୍ଲକ୍‌ର ୩ ଜିଲା ପରିଷଦ ଜୋନ୍‌ରେ ବିଜେଡି ତରଫରୁ ପୃଥକ ଭାବେ ୬ଟି ସ୍ଥାନରେ କୋଭିଡ୍ ନିୟମ ଉଲ୍ଲଂଘନ କରାଯାଇ ଶତାଧିକ ଲୋକଙ୍କ ସମାଗମରେ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ, ଜିଲା ପର୍ଯ୍ୟବେକ୍ଷକ ଏମ୍‌ପି ସୁବାସ ସିଂହ ଓ ଦଳୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ଓ ଫୁଲମାଳ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି। ଏହିସବୁ ଦଳୀୟ କାର୍ଯ୍ୟକ୍ରମରେ ଭିଡିଓ ଏବଂ ଫଟୋ ନ ଉଠାଇବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କର୍ମୀମାନଙ୍କୁ ବାରଣ କରୁଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସାଙ୍ଗରେ ନେଇ ଚାଲିଥାନ୍ତି। ହେଲେ ଏବେ ତାଙ୍କର ଦୋଷ ଦୁର୍ବଳତା ପଦାରେ ପଡ଼ିଯିବ ଭାବି ଗଣମାଧ୍ୟମକୁ ଦୂରେଇ ରଖୁଛନ୍ତି। ଗତ ଶନିବାର ଜିଲାର ଲଇକେରା ବ୍ଲକ୍ ଅନ୍ତର୍ଗତ ମୟୂରଡିମା ଗ୍ରାମରେ ଆଦିବାସୀଙ୍କ ଜଂଘା ବଡଦେଓଙ୍କ ପୂଜା ଚାଲିଥିବାବେଳେ ସେଠାରେ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଯୋଗଦେଇ ଜଂଘା ବଡ଼ଦେଓଙ୍କୁ ଧରି ନାଚିଥିଲେ। ଏହିସବୁ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହା ଉପରେ ଜନସାଧାରଣ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୋଭିଡ୍ ଉଲ୍ଲଂଘନକୁ ନେଇ ସମାଲୋଚନା କରିବାରେ ଲାଗିଛନ୍ତି। କୋଭିଡ୍ ନିୟମ ସାଧାରଣ ଲୋକଙ୍କ ପାଇଁ ମନ୍ତ୍ରୀ,ଏମ୍‌ପି ଓ ବଡବଡିଆଙ୍କ ପାଇଁ ନୁହେଁ ବୋଲି କମେଣ୍ଟ କରିଚାଲିଛନ୍ତି। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତଦନ୍ତ କରି କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା। ଏ ସମ୍ପର୍କରେ ଏସ୍‌ପି ବିକାଶ ଚନ୍ଦ୍ର ଦାସଙ୍କୁ ପଚାରିବାପରେ ସେ କହିଛନ୍ତି, ଏସମ୍ପର୍କରେ ତାଙ୍କୁ ଜଣାନାହିଁ। କ'ଣ ହୋଇଛି ତଦନ୍ତ ପରେ ଜଣାପଡିବ। ଏହିପରି ଲଇକେରା ଥାନା ଆଇଆଇସି ପ୍ରବୀର କେଶୋରୀ ତ୍ରିପାଠୀ କହିଛନ୍ତି, ଏ ସମ୍ପର୍କରେ ତାଙ୍କୁ କିଛି ଜଣାନାହିଁ। ଯଦି ପୂଜା ହେଉଥିଲା ସେମାନେ ଥାନାରୁ ପରିମିଶନ ନେବା କଥା । ଯଦି ନେଇ ନାହାନ୍ତି ତାହେଲେ ପୋଲିସ କେମିତି ଜାଣିବ ବୋଲି ସେ କହିଛନ୍ତି।

# ପଥରରେ ଛେଚି ହତ୍ୟା କରିଥିଲେ ଯବାନ

## ଯୁବତୀ ମୃତଦେହ ଜବତ ଘଟଣାରୁ ପରଦା ହଟିଲା

## ■ଯବାନ ଗିରଫ

**ବଲାଙ୍ଗୀର ଅଫିସ/ ଟିଟିଲାଗଡ, ୧୬।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଶୁଣ୍ଢିମୁଣ୍ଡା ୟୁପି ସ୍କୁଲ ପରିସରରୁ ଯୁବତୀଙ୍କ ମୃତଦେହ ଜବତ ଘଟଣାର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ଯୁବତୀଙ୍କୁ ହତ୍ୟା କରିବା ପରେ ଫେରାର ହୋଇଥିବା ସୈନ୍ୟ ବାହିନୀର ଯବାନ ସନ୍ତୋଷ କୁମାର ସାହୁଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସନ୍ତୋଷଙ୍କ ଘର ଗଞ୍ଜାମ ଜିଲା ବ୍ରହ୍ମପୁରରେ।

ଗତ ଡିସେମ୍ବର ୧୦ରେ ଶୁଣ୍ଢିମୁଣ୍ଡା ୟୁପି ସ୍କୁଲର ପରିତ୍ୟକ୍ତ କୋଠରିରୁ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ହସ୍ପିଟାଲ ପଠାଇଥିଲା। ତଦନ୍ତରୁ ମୃତ ଯୁବତୀ ଜଣକ କଳାହାଣ୍ଡି ଜିଲା ଭବାନୀପାଟଣା ଶକ୍ତିନଗର ଅଞ୍ଚଳର ଦୁର୍ଗା ସାହୁଙ୍କ ଝିଅ ସୋନୁଲତା (୨୫) ବୋଲି ଚିହ୍ନଟ କରାଯାଇଥିଲା। ପରିବାର ଲୋକେ ସୋନୁଲତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ। ସନ୍ତୋଷଙ୍କ ସହ ତାଙ୍କର ବିବାହ ଠିକ୍ ହେବା ଓ ପରବର୍ତ୍ତୀ ସମୟରେ ଏହା ଭାଙ୍ଗି ଯାଇଥିବା ଦିଗକୁ ସେମାନେ ଇସାରା କରିଥିଲେ। ଏଦିଗକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ପ୍ରେମ, ପ୍ରତାରଣା ଏବଂ ହତ୍ୟା ଘଟିଥିବା ସ୍ପଷ୍ଟ ହୋଇଥିଲା।



ଗିରଫ ଯବାନ ସନ୍ତୋଷ କୁମାର ସାହୁ।



ମୃତ ସୋନୁଲତା ସାହୁଙ୍କ ଫାଇଲ ଫଟୋ।

ମାଟ୍ରିମନିରୁ ଉଭୟ ସୋନୁଲତା ଓ ସନ୍ତୋଷ ପରସ୍ପରକୁ ଜାଣିଥିଲେ। ସେଠାରୁ ଉଭୟଙ୍କ ପରିବାର ଲୋକେ ସେମାନଙ୍କ ବିବାହ ପ୍ରସ୍ତାବରେ ରାଜିହୋଇ ଆଗକୁ ବଢ଼ିଥିଲେ। ତେବେ କିଛିଦିନ ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟି ଉକ୍ତ ବିବାହ ପ୍ରସ୍ତାବ ଭାଙ୍ଗି ଯାଇଥିଲା। ଏହି ଘଟଣା ପରେ ପରିବାର ଲୋକ ଅନ୍ୟତ୍ର ଝିଅ ଦେଖି ସନ୍ତୋଷଙ୍କ ବିବାହ କରିଦେବାକୁ ଉଦ୍ୟମ କରିଥିଲେ। ଏନେଇ ସୋନୁଲତା ଜାଣିବା ପରେ ସମ୍ପୃକ୍ତ ଝିଅ ଘରକୁ କୁଆଡେ ଫୋନ କରି ଓ ଫଟୋ ପଠାଇ ସେମାନଙ୍କ ସମ୍ପର୍କ ଓ ବିବାହ ପ୍ରସ୍ତାବ ବିଷୟରେ ଜଣାଇଥିଲେ। ଏହି ଘଟଣା ପରେ ସନ୍ତୋଷଙ୍କ ଉକ୍ତ ଝିଅ ସହ ବିବାହ ପ୍ରସ୍ତାବ ଭାଙ୍ଗିଯାଇଥିଲା। ଏହି ଘଟଣାକୁ ନେଇ ସନ୍ତୋଷ ରାଗି ଯାଇ ସୋନୁଲତାଙ୍କୁ ପାନେ ଦେବାକୁ ସ୍ଥିର କରିଥିଲେ। ତେଣୁ ଯୋଜନା କରି ସୋନୁଲତାଙ୍କ ସହ ପୁଣି ଥରେ ସମ୍ପର୍କ ଯୋଡି ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସନ୍ତୋଷଙ୍କ ଭିତିରି ଯୋଜନା ସମ୍ପର୍କରେ ସେ କିଛି ଜାଣିପାରି ନ ଥିଲେ। ଗତ ଡିସେମ୍ବର ପ୍ରଥମ ସପ୍ତାହରେ ସନ୍ତୋଷ ଭବାନୀପାଟଣା ଆସି ସୋନୁଲତାଙ୍କୁ ଭେଟିଥିଲେ। ଉଭୟେ ସିନ୍ଧେକେଲା ପଟକୁ ବୁଲିବାକୁ ଯାଇଥିଲେ। ବାଟରେ ବର୍ଷା ହେବାରୁ ସେମାନେ ଶୁଣ୍ଢିମୁଣ୍ଡା ୟୁପି ସ୍କୁଲ ପରିସରସ୍ଥ ପରିତ୍ୟକ୍ତ ଘରେ କିଛି ସମୟ ରହିଥିଲେ। ସେଠାରେ ବିଭିନ୍ନ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଉତ୍ୟକ୍ତ ସନ୍ତୋଷ ଏକ ପଥରରେ ସୋନୁଲତାଙ୍କ ମୁଣ୍ଡକୁ ଛେଚି ହତ୍ୟାକରି ସେଠାରୁ ଫେରାର୍ ହୋଇଯାଇଥିଲେ। ସିନ୍ଧେକେଲା ପୋଲିସ ଘଟଣାର ତଦନ୍ତ କରି ପ୍ରାୟ ୧ ମାସ ପରେ ରାଜ୍ୟ ବାହାରୁ ସନ୍ତୋଷଙ୍କୁ ଗିରଫ କରିଥିଲା। ରବିବାର ଅଭିଯୁକ୍ତଙ୍କୁ ବଙ୍ଗୋମୁଣ୍ଡା ଜେଏମ୍ଏଫ୍‌ସିକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସନ୍ତୋଷଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ ସୂଚନା ଦେଇଛନ୍ତି।